# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୮/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 28/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 65 | ମୂଲ୍ୟ ₹୭/-





## ୟାମି ଗର୍ଭବତୀ ଥିବା ଚର୍ଚ୍ଚା

ବଲିଉଡ୍ ଅଭିନେତ୍ରୀ ୟାମି ଗୌତମ ନିକଟରେ ତାଙ୍କ ସ୍ୱାମୀ ଆଦିତ୍ୟ ଧାରଙ୍କ ସହିତ ଏକାଠି ନଜରକୁ ଆସିଥିବାବେଳେ ଗର୍ଭବତୀ ଥିବା ନେଇ ଚର୍ଚ୍ଚା ହେଉଛି। ୦୨

୧୩ ହକିରୁ ଅବସର ନେଲେ ଦୀପ୍ ଗ୍ରେସ୍

ଭାରତୀୟ ମହିଳା ହକି ଦଳର ଓଡ଼ିଶା ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା ଖେଳରୁ ଅବସର ଘୋଷଣା କରିଛନ୍ତି।




# ହସ୍ପିଟାଲରେ ୨୭ ଦିନର ଝିଅକୁ ଛାଡ଼ି ପଳାଇଲେ

**ଭୁବନେଶ୍ୱର,୨୭।୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୭ ଦିନର ଶିଶୁକନ୍ୟାକୁ ଛାଡି ମା'ବାପା କେଉଁଆଡେ ପଳାଇଛନ୍ତି। ଉକ୍ତ ଦମ୍ପତି ହେଲେ ନୟାଗଡ ଦଶପଲ୍ଲା ଅଞ୍ଚଳର ପ୍ରଶାନ୍ତ ନାୟକ ଓ ସ୍ତ୍ରୀ ମମତା ନାୟକ ବୋଲି ସୂଚନା ମିଳିଛି। ସେମାନଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏଥିସହ ଚାଇଲ୍ଡ ଲାଇନ୍‌କୁ ଅବଗତ କରାଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଶିଶୁକନ୍ୟାର ମା'ବାପାଙ୍କୁ ଖୋଜାଖୋଜି କରୁଛି। ଶିଶୁକନ୍ୟାଟି ଅପରିପକ୍ୱ ଥିବାରୁ ମା'ବାପା ହତାଶ ହୋଇ ଛାଡ଼ି ପଳାଇଥିବା କୁହାଯାଉଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ☞ପୃଷ୍ଠା-୨


SIKSHA 'O' ANUSANDHAN

SAAT-2024

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Hospitality Management)

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category

To apply for admission through SAAT, Please visit: www.soa.ac.in


# ସମଲେଇ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ସମ୍ବଲପୁର,୨୭।୧ (ଅନିଲ ଦାସ/ପ୍ରମୋଦ ବହିଦାର)**

ପୂର୍ବରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ଏବେ ରାଜ୍ୟର ପଶ୍ଚିମରେ ହୋଇଛି ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରଣ। ପୂର୍ବରୁ ପଶ୍ଚିମ ଯାଏ ସବୁଆଡ଼େ ଦିବ୍ୟତା, ଭବ୍ୟତା, ଆଧ୍ୟାତ୍ମିକତାର ଅନୁଭବ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବହୁ ପ୍ରତୀକ୍ଷିତ 'ସମଲେଇ' ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଶତାଧିକ ପଣ୍ଡିତ, ସାଧୁସନ୍ଥଙ୍କ ଗହଣରେ ଯଜ୍ଞ ଓ ଚଣ୍ଡୀପାଠର ପବିତ୍ର ଧ୍ୱନିର ଏକ ଧାର୍ମିକ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରଥମେ ମା'ସମଲେଇଙ୍କ ଦର୍ଶନ କରି ଓଡ଼ିଶାବାସୀଙ୍କ ସୁଖ, ଶାନ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହା ପରେ ଉଭୟେ ମୁଖ୍ୟ ଯଜ୍ଞମଣ୍ଡପରେ ଆହୁତି ପ୍ରଦାନ କରିଥିବାବେଳେ ଯଜ୍ଞ ଓ ଚଣ୍ଡୀପାଠ କାର୍ଯ୍ୟର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଓ ତାଙ୍କ ସହଧର୍ମିଣୀ ଅଞ୍ଜଳି ତ୍ରିପାଠୀ।

'ସମଲେଇ' ପ୍ରକଳ୍ପ ହେଉଛି ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନୋମିକ୍ ଇନିସିଏଟିଭ। ୨୦୨୧ ଫେବୃଆରୀ ୧୭ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୨୨ ମେ' ୧୪ଠାରୁ କାମ ଆରମ୍ଭ ହୋଇଥିଲା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ☞ପୃଷ୍ଠା-୨

- ■ ପାଣ୍ଡିଆନଙ୍କ ନିଷ୍ଠାପର ଉଦ୍ୟମରେ ହୋଇଛି ରୂପାନ୍ତରିତ
- ■ ଦେଢ଼ବର୍ଷର ରେକର୍ଡ ସମୟରେ ମା'ଙ୍କ ପୀଠର ରୂପାନ୍ତର
- ■ ପୂର୍ବ ଓ ପଶ୍ଚିମ ଓଡ଼ିଶାରେ ଦିବ୍ୟତା, ଆଧ୍ୟାତ୍ମିକତାର ପରିବେଶ
- ■ ପ୍ରକଳ୍ପର ଶିଳ୍ପୀ ଓ କାରିଗରଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ
- ■ ଦୈନିକ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଆସିବେ
- ■ ସମ୍ବଲପୁରର ପର୍ଯ୍ୟଟନ, ଅର୍ଥନୀତିରେ ଆସିବ ଉନ୍ନତି



'ସମଲେଇ' ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ



**ଚଣ୍ଡିଖୋଲ/ କଟକ/ ଭୁବନେଶ୍ୱର, ୨୭।୧ (ପ୍ରଦୀପ୍ତ କୁମାର ପୃଷ୍ଟି/ ଶିଲ୍ପା ପ୍ରିୟଦର୍ଶିନୀ/ ଅନିଲ ଦାସ)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ସଭାପତି ନୀଳମଣି ସାମଲଙ୍କ ଶନିବାର ଅପରାହ୍ନ ୪ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ସେ ୪ ଦିନ ତଳେ ହଠାତ୍ ଘରେ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲର ନ୍ୟୁ ମେଡିସିନ ଆଇସିୟୁରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବ୍ରେନ୍ ଷ୍ଟ୍ରୋକ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ନୀଳମଣିଙ୍କ ମରଶରୀର କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ରଖାଯାଇଛି। ରବିବାର ସକାଳେ ତାଙ୍କ ନିଜ ଗାଁ ଅଭିମୁଖେ ବାହାରିବ। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୁଅ ଚନ୍ଦ୍ରମଣି ସାମଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନୀଳମଣିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

## ଅବିଭାଜ୍ୟ ମାନବବାଦ








## ସଂକ୍ଷେପରେ

### ୨୩ଟି ରାଜ୍ୟ ପାଇଁ ଭାଜପା ପ୍ରଭାରୀ ନିଯୁକ୍ତ

**ନୂଆଦିଲ୍ଲୀ, ୨୭।୧ (ପିଟି):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟି ରଖି ୨୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଦଳୀୟ ପ୍ରଭାରୀ ଓ ସହ ପ୍ରଭାରୀ ନିଯୁକ୍ତ କରିଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ଦଳର ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡାଙ୍କୁ ସର୍ବାଧିକ ଲୋକ ସଭା ଆସନ ଥିବା ଉତ୍ତର ପ୍ରଦେଶର ପ୍ରଭାରୀ ନିଯୁକ୍ତ କରିଛି ଭାଜପା। ସେହିପରି ରାଷ୍ଟ୍ରୀୟ ସାଧାରଣ ସଂପାଦକ ବିନୋଦ ତାୱଡ଼େଙ୍କୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିହାରର ପ୍ରଭାରୀ ନିଯୁକ୍ତ କରିଛି ଭାଜପା। ସେହିପରି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ଓ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ ଯଥାକ୍ରମେ ପଞ୍ଜାବ ଓ ହରିୟାଣାର ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବିହାରର ପୂର୍ବତନ ମନ୍ତ୍ରୀ ମଙ୍ଗଲ୍ ପାଣ୍ଡେ ପଶ୍ଚିମବଙ୍ଗର ପ୍ରଭାରୀ ଭାବେ ନିଯୁକ୍ତ ହୋଇଥିବାବେଳେ ଦଳୀୟ ଆଇଟି ସେଲ ମୁଖ୍ୟ ଅମିତ ମାଲବୀୟଙ୍କୁ ରାଜ୍ୟର ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି।

### କଂଗ୍ରେସକୁ ୧୧ ଆସନ ଛାଡ଼ିବ ଏସ୍‌ପି

**ଲକ୍ଷ୍ନୌ, ୨୭।୧ (ପିଟି):** ବିହାରରେ ଚାଲିଥିବା ରାଜନୈତିକ ହଟଚମଟ ମଧ୍ୟରେ ଉତ୍ତରପ୍ରଦେଶରେ କଂଗ୍ରେସ ସହ ମେଣ୍ଟ ନେଇ ଆଶାବାଦୀ ରହିଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି(ଏସ୍‌ପି)ର ଅଧ୍ୟକ୍ଷ ଅଖିଳେଶ ଯାଦବ। ୮୦ ଲୋକ ସଭା ଆସନ ରହିଥିବା ୟୁପିରେ ସିଟ୍ ବୁଝାମଣାକୁ ନେଇ କଂଗ୍ରେସ ଓ ଏସ୍‌ପି ମଧ୍ୟରେ ସକାରାତ୍ମକ ଆଲୋଚନା ଆରମ୍ଭ ହୋଇଛି। ପ୍ରାରମ୍ଭିକ ଭାବେ ରାଜ୍ୟର ୧୧ ଲୋକ ସଭା ଆସନରେ କଂଗ୍ରେସ ଲଢ଼ିବା ନେଇ ନିଷ୍ପତ୍ତି ହୋଇଥିବା ଶନିବାର ସୂଚନା ଦେଇଛନ୍ତି ଅଖିଳେଶ। ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟରେ ମଜଭୁତ୍ ଥିବା ୧୧ଟି ଆସନରେ କଂଗ୍ରେସ ଲଢ଼ିବା ନେଇ ସ୍ପଷ୍ଟ କରିଛନ୍ତି ଏସ୍‌ପି ମୁଖ୍ୟ। ରାଜ୍ୟରେ ଇଣ୍ଡିଆ ମେଣ୍ଟ ଭାଜପାକୁ ପରାସ୍ତ କରିବାକୁ ସମର୍ଥ ହେବା ନେଇ ସେ ଦୃଢୋକ୍ତି ଦେଖାଇଛନ୍ତି । କଂଗ୍ରେସ ମିଡିଆ ମୁଖ୍ୟ ଜୟରାମ ରମେଶ କହିଛନ୍ତି, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ଅଖିଳେଶ ଆସନ ବୁଝାମଣା ନେଇ ଆଲୋଚନା କରୁଛନ୍ତି। ଏନେଇ ଖୁବଶୀଘ୍ର ଆଧିକାରିକ ଘୋଷଣା କରାଯିବ। ପୂର୍ବରୁ ନିଜର ଅନ୍ୟତମ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆରଏଲଡି)କୁ ୭ଟି ସିଟ୍ ଦେବା ପାଇଁ ଘୋଷଣା କରିଛନ୍ତି ଅଖିଳେଶ।



ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼।


ନୂଆଦିଲ୍ଲୀର ବିଜୟ ଚୌକରେ ଆସନ୍ତା ୨୯ରେ ହେବାକୁ ଥିବା ଧ୍ୱଜାବତରଣ ପୂର୍ବରୁ ଶନିବାର ତିନି ସେନା ପକ୍ଷରୁ ଫୁଲ୍ ଡ୍ରେସ୍ ରିହରସାଲ। **(ଫଟୋ: ଚମନ ଗୌତମ)**

# ୨୨ ଭାରତୀୟ ଥିବା ଜାହାଜକୁ ମିଶାଇଲ ମାଡ଼

## ଲୋହିତ ସାଗରରେ ହୁଟି ଆକ୍ରମଣ

**ନୂଆଦିଲ୍ଲୀ,୨୭।୧**

୨୨ ଭାରତୀୟ ଓ ଜଣେ ବାଂଲାଦେଶୀଙ୍କୁ ନେଇ ଲୋହିତ ସାଗରରେ ଯାଉଥିବା ବ୍ରିଟିଶ୍ ତୈଳ ଟ୍ୟାଙ୍କର ଏମ୍‌ଭି ମାର୍ଲିନ୍ ଲୁଆଣ୍ଡାକୁ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ମିଶାଇଲ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଜାହାଜରେ ନିଆଁ ଲାଗିଥିବାବେଳେ ଭାରତୀୟ ନୌସେନାର କ୍ଷେପଣାସ୍ତ୍ର ବିଧ୍ୱଂସକ ଆଇଏନ୍ଏସ୍ ବିଶାଖାପଟନମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି।

ବିଦେଶୀ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଇରାନ୍ ସମର୍ଥିତ ହୁଟି ଆତଙ୍କବାଦୀ ଜାହାଜ ଚଳାଚଳର ପ୍ରମୁଖ ପଥ ଏଡେନ୍ ଉପସାଗରରେ ଏମ୍‌ଭି ମାର୍ଲିନ୍ ଲୁଆଣ୍ଡାକୁ ଟାର୍ଗେଟ କରିଥିଲେ।



ମର୍ଚ୍ଚାଣ୍ଟ ଶିପ୍‌ରେ ଥିବା ଭାରତୀୟ ନାବିକମାନେ ସହାୟତା ମାଗିବାରୁ ଆଇଏନ୍ଏସ୍ ବିଶାଖାପଟନମ୍‌କୁ ସେଠାକୁ ପଠାଯାଇଥିଲା। ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଥିବା ଭାରତୀୟ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ବ୍ରିଟିଶ୍ ତୈଳ ଟ୍ୟାଙ୍କର ଅପରେଟର କହିଛନ୍ତି, ଜାହାଜ ଉପରେ ମିଶାଇଲ ଆକ୍ରମଣ ହୋଇଥିବାରୁ ସେଥିରେ ନିଆଁ ଲାଗିଛି।

ଏହା ପୂର୍ବରୁ ୨୦୨୩ ଡିସେମ୍ବର ୨୩ରେ ୨୧ ଭାରତୀୟ ଥିବା ଏମ୍‌ଭି ଚେମ୍ ପ୍ଲୁଟୋକୁ ଗୁଜରାଟ ଉପକୂଳରେ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଜାନୁଆରୀ ୫ରେ ଆରବ ସାଗରରେ ଲିବର୍ନିଆ ପତାକା ଲାଗିଥିବା ଏମ୍‌ଭି ଲିଲା ନର୍‌ଫୋକ୍‌କୁ ଅପହରଣ ଉଦ୍ୟମକୁ ଭାରତୀୟ ନୌସେନା ପଣ୍ଡ କରିଥିଲା। ସେହିପରି ଗତ ୧୭ ତାରିଖ ରାତିରେ ଏଡେନ୍ ଉପସାଗରରେ ଏମ୍‌ଭି ଜେନ୍‌କୋ ପିକାର୍ଡି ଉପରେ ମଧ୍ୟ ହୁଟି ବିଦ୍ରୋହୀମାନେ ଡ୍ରୋନ୍ ଆକ୍ରମଣ କରିଥିଲେ।

# ରାସ୍ତାକଡ଼ରେ ଧାରଣା ଦେଲେ ରାଜ୍ୟପାଳ


ଏସ୍ଏଫ୍ଆଇ ବିରୋଧରେ ଧାରଣା ଦେଇଛନ୍ତି କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ।

**ଥିରୁଭାନନ୍ତପୁରମ୍/କୋଲ୍ଲମ,୨୭।୧**

କେରଳର କୋଲ୍ଲମ ଜିଲାରେ ଶନିବାର ଭାରତୀୟ ଛାତ୍ର ମହାସଂଘ (ଏସ୍ଏଫ୍ଆଇ) ପକ୍ଷରୁ କଳାପତାକା ବିକ୍ଷୋଭ ଚାଲିଥିବାବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୋଟାରାକ୍କାରା ଯାଉଥିଲେ। ସରକାରୀ ଦଳ ସିପିଏମ୍‌ର ଛାତ୍ର ଶାଖା ଏସ୍ଏଫ୍ଆଇ ସଦସ୍ୟମାନେ ରାଜଧାନୀ ଥିରୁଭାନନ୍ତପୁରମ୍‌ରୁ ୪୦ କି.ମି. ଦୂର ନିଲାମେଲରେ ରାଜ୍ୟପାଳଙ୍କୁ କଳାପତାକା ଦେଖାଇଥିଲେ। ସେମାନେ ଧରିଥିବା ବ୍ୟାନରରେ ଲେଖାଯାଇଥିଲା, 'ସଂଘୀ ଚାନ୍‌ସେଲର୍ ଗୋ ବ୍ୟାକ୍'। ଏଥିରେ ରାଜ୍ୟପାଳ ଉତ୍ତ୍ୟକ୍ତ ହୋଇ ନିଜ କାର୍‌ରୁ ଓହ୍ଲାଇ ବ୍ୟସ୍ତବହୁଳ ଏମ୍‌ସି ରୋଡ୍‌ର ଏକ ଦୋକାନରୁ ଚେୟାର ଆଣି ରାସ୍ତା କଡ଼ରେ ଧାରଣା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ଉପରେ ବର୍ଷିବା ସହ ତାଙ୍କ ଗାଡ଼ିକୁ କଳାପତାକା ଦେଖାଇ କାର୍ ଭାଙ୍ଗିବାକୁ ଉଦ୍ୟମ କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟପାଳ ଅଭିଯୋଗ ଆଣିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ୍ କରିବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨ ଘଣ୍ଟା ଧରି ଧାରଣାରେ ବସିବା ପରେ ପୋଲିସ ତାଙ୍କୁ ୧୭ ଏସ୍ଏଫ୍ଆଇ କର୍ମୀଙ୍କ ବିରୋଧରେ ଜାମିନ ବିହୀନ ନିୟମାନୁସାରେ ଏଫ୍ଆଇଆର୍ ରୁଜୁ ହୋଇଥିବା ଦେଖାଇଥିଲା। ପରେ ରାଜ୍ୟପାଳ ଧାରଣାରୁ ଓହରିଥିଲେ। ଏହାକୁ ନେଇ ରାଜଭବନ ଏବଂ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ପୁଣି ମୁହାଁମୁହିଁ ଅବସ୍ଥାକୁ ଆସିଛନ୍ତି। ଇତିମଧ୍ୟରେ କେନ୍ଦ୍ରସରକାର ରାଜ୍ୟପାଳଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରିଛନ୍ତି। ରାଜ୍ୟପାଳଙ୍କ ସୁରକ୍ଷାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍) ନିୟୋଜିତ ହେବ ବୋଲି ରାଜ୍ୟପାଳଙ୍କ ଏକ୍ସ' ହ୍ୟାଣ୍ଡଲ ଏବଂ ଫେସ୍‌ବୁକ୍ ପେଜ୍‌ରେ ଉଲ୍ଲେଖ କରାଯାଇଛି।

# ୭ ଏଏପି ବିଧାୟକଙ୍କୁ ୨୫ କୋଟି ଲାଞ୍ଚ ଯାଚିଛି ଭାଜପା

## କେଜ୍‌ରିୱାଲ ଆଣିଲେ ସାଂଘାତିକ ଅଭିଯୋଗ

**ନୂଆଦିଲ୍ଲୀ, ୨୭।୧ (ପିଟି)**

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ସରକାରକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର ରଚୁଛି ଭାଜପା। ଏନେଇ ସାଂଘାତିକ ଅଭିଯୋଗ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ନିଜ ଦଳର ୭ ଜଣ ବିଧାୟକଙ୍କୁ ୨୫ କୋଟି ଲେଖାଏ ଲାଞ୍ଚ ଯାଚିବା ସହ ସେମାନଙ୍କୁ ଇସ୍ତଫା ଦେବା ପାଇଁ ଭାଜପା ଧମକ ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର କେଜ୍‌ରିୱାଲ ଗିରଫ ହେବା ସହ ଦିଲ୍ଲୀରେ ଏଏପି ସରକାର ଭଙ୍ଗ ହେବ କୁହାଯାଇ ଫୋନ ଯୋଗେ ବିଧାୟକମାନଙ୍କୁ ଧମକ ମିଳୁଛି। ସେହିପରି ଆଗାମୀ ନିର୍ବାଚନରେ ଭାଜପା ପକ୍ଷରୁ ଟିକେଟ ପ୍ରଦାନ କରାଯିବା ନେଇ ଏଏପିର ବିଧାୟକ ମାନଙ୍କୁ ଆଶ୍ୱାସନା ଦିଆଯାଉଛି। ପାର୍ଟିର ୭ ବିଧାୟକଙ୍କ ସହ ସମ୍ପର୍କ କରିଥିବା ବ୍ୟକ୍ତିର ଫୋନ୍ ରେକର୍ଡିଂ ସହିତ ସମସ୍ତ ତଥ୍ୟ ଓ ପ୍ରମାଣ ରହିଥିବା ବେଳେ ଏହାକୁ ଖୁବଶୀଘ୍ର ସାର୍ବଜନୀନ କରାଯିବା ନେଇ ଏଏପି ପକ୍ଷରୁ ପ୍ରକାଶ ପାଇଛି। ତେବେ କେଜ୍‌ରିୱାଲଙ୍କ ଅଭିଯୋଗକୁ ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବା ଖଣ୍ଡନ କରିଛନ୍ତି।

## ସୋରେନଙ୍କୁ ପୁଣି ଇଡି ସମନ

**ରାଞ୍ଚି, ୨୭।୧ (ପିଟି)**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଅର୍ଥ ହେରଫେର୍ ମାମଲାର ତଦନ୍ତରେ ଆସନ୍ତା ସପ୍ତାହରେ ସାମିଲ ହେବାକୁ ଇଡି ପୁଣି ସମନ କରିଛି। ୨୯ କିମ୍ବା ୩୧ରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ପୂର୍ବରୁ ହେମନ୍ତଙ୍କୁ ଜେରା ପାଇଁ ୨୭ରୁ ୩୧ ମଧ୍ୟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ସେ ଏହାର ଉତ୍ତର ନ ରଖିବାରୁ ଇଡି ସାନି ସମନ କରିଛି।

## ଫୁର୍‌ସତ୍

# ହାରିବାନି, ହରାଇବା

## ବିଶ୍ୱ କୁଷ୍ଠ ନିରାକରଣ ଦିବସ

ପ୍ରତିବର୍ଷ ଜାନୁଆରୀ ମାସ ଶେଷ ରବିବାରକୁ ବିଶ୍ୱ କୁଷ୍ଠ ନିରାକରଣ ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷ ଅର୍ଥାତ୍ ୨୦୨୪, ଜାନୁଆରୀ ୨୮ରେ ଏହା ପାଳିତ ହେଉଛି। ଏହି ରୋଗ ବିରୋଧରେ ଲଢ଼େଇରେ ନ ହାରି ଏହାକୁ ହରାଇବା ଲାଗି ଉକ୍ତ ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଅନ୍ତର୍ଜାତୀୟ ଦିବସର ଆରମ୍ଭ ୧୯୫୪ ମସିହାରୁ ହୋଇଥିଲା। ଫ୍ରାନ୍ସର ଲେଖକ ରାଓଲ ଫୋଲେରୋ ସୂଚନା ବିସ୍ତାର କରିବା ତଥା କୁଷ୍ଠରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉକ୍ତ ବିଶ୍ୱସ୍ତରୀୟ ପ୍ରୟାସର ସ୍ୱପ୍ନ ଦେଖିଥିଲେ। କୁଷ୍ଠରୋଗୀଙ୍କ ପାଇଁ ଭାବପ୍ରବଣ ତଥା ମାନସିକ ଓ ଶାରୀରିକ



ଆଘାତ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଲୋକଙ୍କ ମତ ଏବଂ ମନୋଭାବକୁ ପ୍ରଭାବିତ କରିବା ତାଙ୍କର ଲକ୍ଷ୍ୟ ଥିଲା। ଜାନୁଆରୀ ୩୦ରେ ଭାରତରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ଦିବସକୁ ବିଶ୍ୱ କୁଷ୍ଠରୋଗ ଦିବସ ଭାବେ ପାଳନ କରାଯାଇଥାଏ। କୁଷ୍ଠରୋଗରେ ପୀଡିତ ବ୍ୟକ୍ତିଙ୍କ ପ୍ରତି ଗାନ୍ଧୀଙ୍କର ସହାନୁଭୂତି ଥିଲା।

କୁଷ୍ଠ ରୋଗର କାରଣ ପାଇଁ ବାସିଲସ ମାଇକୋବ୍ୟାକ୍ଟେରିୟମ ଦାୟୀ। ଏହି ରୋଗ ଏକ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଏହା ବଂଶଗତ ନୁହେଁ ବୋଲି ନରୱେ ଚିକିତ୍ସକ ଗେରହର୍ଡ ହେନ୍ରିକ ଆର୍ମାଉର୍ ହାନସେନ କହିଥିଲେ। ଡାକ୍ତରଙ୍କ ଆବିଷ୍କାରକୁ ସମ୍ମାନ ଦେବା ପାଇଁ ଏହାକୁ ହାନସେନ ରୋଗ ବୋଲି ମଧ୍ୟ କୁହାଯାଉଥିଲା।

କୁଷ୍ଠ ଏକ ଚର୍ମ ସଂକ୍ରମଣ ଏବଂ ସ୍ନାୟୁଜନିତ ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହା ଅବସାଦର କାରଣ ହୋଇପାରେ। ଅଧିକନ୍ତୁ, ଏହି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ସେମାନଙ୍କ ଆଖପାଖରେ ଥିବା ଲୋକଙ୍କ ମନୋଭାବ ଯୋଗୁ ମାନସିକ ଚାପର ସମ୍ମୁଖୀନ ହୋଇଥା'ନ୍ତି। କୁଷ୍ଠଗ୍ରସ୍ତ ରୋଗୀଙ୍କ ବିଷୟରେ ଲୋକଙ୍କ ଧାରଣାକୁ ପରିବର୍ତ୍ତନ କରିବା, ସେମାନଙ୍କ ପ୍ରତି ସଚେତନତା ଏବଂ ସହାନୁଭୂତି ବଢ଼ାଇବା ହେଉଛି ବିଶ୍ୱ କୁଷ୍ଠ ନିରାକରଣ ଦିବସର ଲକ୍ଷ୍ୟ।

# 'କଙ୍ଗୁଭା' ସହ ବବିଙ୍କ ତାମିଲ ଡେବ୍ୟୁ

**ମୁମ୍ବାଇ:** ବଲିଉଡ୍ ଅଭିନେତା ବବି ଦେଓଲ ଶନିବାର ତାଙ୍କ ୫୫ତମ ଜନ୍ମଦିନରେ ଆଗାମୀ ଫିଲ୍ମ 'କଙ୍ଗୁଭା'ର ନିର୍ମାତା ଅଭିନେତାଙ୍କ ପ୍ରଥମ ଲୁକ୍ ଶେୟାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଯେଉଁଥିରେ ବବିଙ୍କୁ ଭିଲେନ ଭୂମିକାରେ ଦେଖିବାକୁ ମିଳିଛି। ଅଭିନେତା ଫିଲ୍ମ 'ଆନିମଲ'ରେ ଭିଲେନ ହେବା ପରେ ଏବଂ ପୁଣି ଥରେ ଭିଲେନ ରୂପରେ ନଜରକୁ ଆସିଛନ୍ତି। ସୂର୍ଯ୍ୟଙ୍କ ଆସନ୍ତା ଫିଲ୍ମ 'କଙ୍ଗୁଭା'ର ପ୍ରଥମ ଲୁକ୍ ଶେୟାର କରିବା ସହ କ୍ୟାପ୍ସନରେ ଲେଖିଛନ୍ତି, ନିଷ୍ଠୁର, ଶକ୍ତିଶାଳୀ, ଅବିସ୍ମରଣୀୟ। ଏଥିସହ ବବି ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପୋଷ୍ଟ ଶେୟାର କରିଛନ୍ତି। ବବିଙ୍କ ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ବବି ଭୟାନକ ରୂପରେ ଦେଖାଯାଉଛନ୍ତି। ପୋଷ୍ଟରରେ ସେ ଏକ ହାଡ଼ର ହାର ପିନ୍ଧିଥିବା ନଜରକୁ ଆସିଛନ୍ତି। ଫିଲ୍ମରେ ସୁରିଆ, ଦିଶା ପାଟାନୀଙ୍କ ବ୍ୟତୀତ ଜଗପତି ବାବୁ, ଯୋଗୀ ବାବୁ, ରେଡିନ କିଙ୍ଗସଲି, କେ.ଏସ୍ ରବି କୁମାର ପ୍ରମୁଖଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ବବି ଏବଂ ଦିଶା ଏହି ଫିଲ୍ମ ଜରିଆରେ ତାମିଲ ଡେବ୍ୟୁ କରୁଛନ୍ତି। ଏଥିରେ ବହୁତ ଆକ୍ସନ ଡ୍ରାମା ଭରି ରହିଛି।



# ସୋସିଆଲ ନେଟ୍‌ୱର୍କିଂରେ ଡେଟା ଗୋପନୀୟତା

## ଡେଟା ଗୋପନୀୟତା ଦିବସ

**ଡେ**ଟା ଗୋପନୀୟତା ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ। ଏହା ପ୍ରତିବର୍ଷ ୨୮ ଜାନୁଆରୀରେ ପାଳିତ ହୋଇଥାଏ। ଏହି ଦିବସର ଉଦ୍ଦେଶ୍ୟ ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଗୋପନୀୟତା ତଥା ତଥ୍ୟ ସୁରକ୍ଷା ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ଆମେରିକା, କାନାଡା, କାତାର, ନାଇଜେରିଆ, ଇସ୍ରାଏଲ ସମେତ ୪୭ଟି ୟୁରୋପୀୟ ଦେଶରେ ପାଳନ କରାଯାଇଥାଏ। ଡେଟା ଗୋପନୀୟତା ଦିବସର ଶିକ୍ଷାଗତ ଯୋଗ୍ୟତା ମୂଳତଃ ବ୍ୟବସାୟ ତଥା ୟୁଜରମାନଙ୍କ ମଧ୍ୟରେ ସେମାନଙ୍କର ବ୍ୟକ୍ତିଗତ ସୂଚନାର ଗୋପନୀୟତା ରକ୍ଷା କରିବାର ଗୁରୁତ୍ୱ ବିଷୟରେ ବିଶେଷ ଭାବରେ ସୋସିଆଲ ନେଟ୍‌ୱର୍କ ପ୍ରସଙ୍ଗରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥାଏ। ଏହି ଦିବସ ବିଭିନ୍ନ କାର୍ଯ୍ୟକ୍ରମକୁ



ପ୍ରୋତ୍ସାହିତ କରିଥାଏ, ଯାହା ଟେକ୍ନୋଲୋଜି ଉପକରଣଗୁଡ଼ିକର ବିକାଶକୁ ଉତ୍ସାହିତ କରି ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା ଉପରେ ବ୍ୟକ୍ତିଗତ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିଥାଏ। ଗୋପନୀୟତା ନିୟମ ଏବଂ ନିୟମାବଳୀକୁ ପାଳନ କରିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ଏହି ଅନ୍ତର୍ଜାତୀୟ ଦିବସ ସରକାର, ଶିଳ୍ପ, ଏକାଡେମୀ, ଅଣ–ଲାଭକାରୀ ସଂସ୍ଥା, ଗୋପନୀୟତା ବୃତ୍ତିଗତ ତଥା ଶିକ୍ଷାବିତ୍‌ଙ୍କ ମଧ୍ୟରେ ସହଯୋଗ ପାଇଁ ସୁଯୋଗ ପ୍ରଦାନ କରିଥାଏ।

ବ୍ୟକ୍ତିଗତ ତଥ୍ୟର ସ୍ୱୟଂଚାଳିତ ପ୍ରକ୍ରିୟାକରଣ ସମ୍ବନ୍ଧରେ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସମ୍ମିଳନୀ ୨୮ ଜାନୁଆରୀ ୧୯୮୧ରେ ୟୁରୋପର ପରିଷଦ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ୟୁରୋପୀୟ ପରିଷଦ ଦ୍ୱାରା ପ୍ରଥମେ ୨୦୦୭ରେ ଡେଟା ସୁରକ୍ଷା ଦିବସ ଭାବରେ ଏହା ପାଳିତ ହୋଇଥିଲା। ଦୁଇ ବର୍ଷ ପରେ, ୨୬ ଜାନୁୟାରୀ ୨୦୦୯ରେ, ଆମେରିକା ହାଉସ ଅଫ କମନ୍ସ ଏହି ଦିବସ ଜାନୁଆରୀ ୨୮ରେ ପାଳନ କରାଯିବା ଲାଗି ଘୋଷଣା କରିଥିଲେ। ୨୮ ଜାନୁୟାରୀ ୨୦୦୯ରେ, ସିନେଟ ରିଜୋଲ୍ୟୁଶନ ୨୫ ପାରିତ କଲା ଏବଂ ଏହାକୁ ଜାତୀୟ ତଥ୍ୟ ଗୋପନୀୟତା ଦିବସ ଭାବରେ ମାନ୍ୟତା ଦେଇଥିଲା। ଆମେରିକା ସିନେଟ ୨୦୧୦ ଏବଂ ୨୦୧୧ରେ ଡେଟା ଗୋପନୀୟତା ଦିବସକୁ ସ୍ୱୀକୃତି ଦେଇଥିଲା।

# ପଞ୍ଜାବ କେଶରୀ ଲାଲା ଲଜ୍‌ପତ

**ଲା**ଲା ଲଜ୍‌ପତ ରାୟ ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଏବଂ ଲେଖକ ଭାବେ ଜଣାଶୁଣା ଥିଲେ। ସେ ପଞ୍ଜାବ କେଶରୀ ଭାବରେ ମଧ୍ୟ ଲୋକପ୍ରିୟ ଥିଲେ। ସେ ଲାଲ୍ ବାଲ୍ ପାଲ୍ ତିନିଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ। ବ୍ରିଟିଶ୍ ସାଇମନ କମିଶନଙ୍କର ଭାରତୀୟ ସାମ୍ବିଧାନିକ ସଂସ୍କାର ବିରୋଧରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ସମୟରେ ସେ ଲାହୋରରେ ପୋଲିସ ଲାଠିଚାର୍ଜର ସମ୍ମୁଖୀନ ହୋଇଥିଲେ। ୧୮ ଦିନ ପରେ ମୁଣ୍ଡରେ ଆଘାତ ଲାଗିଥିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲଜ୍‌ପତ ରାୟ ୨୮ ଜାନୁଆରୀ ୧୮୬୫ରେ ଏକ ଅଗ୍ରୱାଲ ଜୈନ ପରିବାରରେ ଭାରତର ପଞ୍ଜାବ ପ୍ରଦେଶର ଫରିଦକୋଟ ଜିଲା ଅନ୍ତର୍ଗତ ଧୁଦିକେଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ମୁନ୍‌ସୀ ରାଧାକ୍ରିଷ୍ଣ ସରକାରୀ ବିଦ୍ୟାଳୟର ଉର୍ଦ୍ଦୁ ଏବଂ ପାର୍ସୀ ଶିକ୍ଷକ ଥିଲେ। ମା' ଗୁଲାବ ଦେବୀ ଅଗ୍ରୱାଲଙ୍କର ୬ ଜଣ ସନ୍ତାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ପୁତ୍ର ଭାବରେ ଜନ୍ମ ହୋଇଥିଲେ। ତାଙ୍କର ବିଦ୍ୟାଳୟ ଶିକ୍ଷା ଜାଗ୍ରୋନରେ ସମ୍ପନ୍ନ ହୋଇଥିଲା।



ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେବା ପରେ ପଞ୍ଜାବରେ ରାଜନୈତିକ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୦ର କଲିକତା ସ୍ୱତନ୍ତ୍ର ଅଧିବେଶନରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ୧୯୨୧ ମସିହାରେ ସେ ଲାହୋରରେ ସେର୍ଭେଣ୍ଟ ଅଫ୍ ପିପୁଲ୍ସ ସୋସାଇଟି ପ୍ରତିଷ୍ଠା କରିଥିଲେ, ଯାହା ଦେଶ ବିଭାଜନ ପରେ ଏହାର ଆଧାର ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲା। ସେ ସବୁବେଳେ କହୁଥିଲେ ହିନ୍ଦୁ ସମାଜକୁ ଜାତିଭେଦ, ମହିଳାଙ୍କ ସ୍ଥିତି ଏବଂ ଅସ୍ପୃଶ୍ୟତା ବିରୋଧରେ ଲଢ଼େଇ କରିବାକୁ ପଡ଼ିବ। ବେଦ ହିନ୍ଦୁଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହାକୁ ସମସ୍ତଙ୍କୁ ପଢ଼ିବାର ଅନୁମତି ଦେବା ଆବଶ୍ୟକ। ୧୯୨୮ ନଭେମ୍ବର ୧୭ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଏନ୍‌ଡିଏକୁ ଫେରିବେ ନୀତୀଶ

## 'ଇଣ୍ଡିଆ' ବ୍ଲକ୍‌କୁ ଝଟକା

**ପାଟନା/ନୂଆଦିଲ୍ଲୀ,୨୭।୧**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନରେ କ'ଣ ଚାଲିଛି ତାହା ଜାଣିବା କଷ୍ଟକର। ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ ମହାମେଣ୍ଟରୁ ଓହରି ରବିବାର ସକାଳେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି। ଏଥିସହ ସେ ଭାରତୀୟ ଜନତା ପାର୍ଟି (ଭାଜପା) ସମର୍ଥନରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଜାତୀୟ ରାଜନୀତିରେ ପଲଟୁରାମ ନାମରେ ପରିଚିତ ୭୨ ବର୍ଷୀୟ ନୀତୀଶ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଛାଡ଼ି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଫେରିବେ ବୋଲି ଜଣାପଡ଼ିବା ପରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ମାରାଥନ୍ ବୈଠକ ଚାଲିଛି। ଏହି ପ୍ରସଙ୍ଗ ଶନିବାର ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ନେତା କହିଛନ୍ତି, ନୀତୀଶ ଶନିବାର ରାତିରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ ଭେଟି ଇସ୍ତଫା ଦେବାର ଥିଲା। କିନ୍ତୁ ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଇସ୍ତଫା ଦେବା ପୂର୍ବରୁ ନୀତୀଶ ଜେଡିୟୁ ବିଧାୟକ ଦଳର ବୈଠକ କରିବେ। ଭାଜପା ସମର୍ଥନରେ ନୂଆ ସରକାର ଗଠନ ହେବାକୁ ଯାଉଥିବାରୁ ସଚିବାଳୟ ଭଳି ସରକାର ଅଫିସଗୁଡ଼ିକୁ ରବିବାର ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ଜେଡିୟୁର ରାଜନୈତିକ ପରାମର୍ଶଦାତା ତଥା


ନୀତୀଶ କୁମାର

ମୁଖପାତ୍ର କେ.ସି. ତ୍ୟାଗୀ ନୂଆଦିଲ୍ଲୀରେ ଖବରଦାତାମାନଙ୍କୁ କହିଛନ୍ତି, କଂଗ୍ରେସର କେତେଜଣ ନେତା ନୀତୀଶଙ୍କୁ ବାରମ୍ବାର ଅପମାନିତ କରୁଥିବାରୁ ବିହାରରେ ମହାମେଣ୍ଟ ଭାଙ୍ଗିବା ଦ୍ୱାରଦେଶରେ ପହଞ୍ଚିଛି। ଇଣ୍ଡିଆ ବ୍ଲକ୍ ପଞ୍ଜାବ, ପଶ୍ଚିମବଙ୍ଗ ଓ ବିହାରରେ ଭୁଶୁଡ଼ିବା ଉପରେ।

ଅନ୍ୟପକ୍ଷେ ବିହାର ଭାଜପା ନେତାମାନେ ପାଟନାରେ ବୈଠକ କରିଛନ୍ତି। କିନ୍ତୁ ସେମାନେ ଜେଡିୟୁକୁ ସମର୍ଥନ କରିବା ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ନାମ ଗୋପନ ସର୍ତ୍ତରେ ଜଣେ ଭାଜପା ନେତା କହିଛନ୍ତି, ପ୍ରାୟ ୩ ବର୍ଷ ତଳେ ଏନ୍‌ଡିଏର ହାତ ଛାଡ଼ିଥିବା ନୀତୀଶ ନିଜ ଆଭିମୁଖ୍ୟ ସ୍ୱଷ୍ଟ ନ କରିବା ଯାଏ ଆନୁଷ୍ଠାନିକ ଘୋଷଣା ନ କରିବା ପାଇଁ ଦଳର ଶୀର୍ଷ ନେତୃତ୍ୱଙ୍କଠାରୁ ନିର୍ଦ୍ଦେଶ ମିଳିଛି।

ସହଯୋଗୀ ଆର୍‌ଜେଡି, କଂଗ୍ରେସ ଓ ବାମପନ୍ଥୀଙ୍କ ଅନୁରୋଧକୁ ଅଣଦେଖା କରି ନୀରବ ରହିଥିବା ନୀତୀଶଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ରାଜନୈତିକ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଏଭଳି ସମୟରେ ନୀତୀଶ କେତେକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଅନୁପସ୍ଥିତି ସନ୍ଦେହକୁ ଆହୁରି ବଢ଼ାଇଦେଇଛି। ବକ୍ସାରରେ ଆୟୋଜିତ ଏକ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୀତୀଶଙ୍କ ସହ ସ୍ଥାନୀୟ ଭାଜପା ଏମ୍‌ପି ଅଶ୍ୱିନୀ କୁମାର ଚୌବେ ଯୋଗଦେଇଥିଲେ। କିନ୍ତୁ ଏହି ରାଜନୈତିକ ଘଟଣାକ୍ରମ ଉପରେ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି। ପାଟନାରେ ପହଞ୍ଚିଥିବା ରାଜ୍ୟ ଭାଜପା ପ୍ରଭାରୀ ମଧ୍ୟ କିଛି କହିନାହାନ୍ତି। ତେବେ ମହାମେଣ୍ଟ ଭାଙ୍ଗିବା ପଛରେ କଂଗ୍ରେସର ହାତ ଥିବା ସେ ଦୋଷ ଦେଇଛନ୍ତି।

ସେପଟେ ଆର୍‌ଜେଡି ନେତାମାନେ ଦଳର ଉପାଧ୍ୟକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀଙ୍କ ବାସଭବନରେ ଏକତ୍ରିତ ହୋଇ ଲାଲୁ ଓ ତେଜସ୍ୱୀଙ୍କ ସହ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ବାସଭବନରୁ ଅଳ୍ପ ଦୂରରେ ଥିବା ୧୦, ସର୍କୁଲାର ରୋଡ୍ ଗେଟ୍ ବାହାରେ ଆର୍‌ଜେଡି ନେତାମାନଙ୍କୁ ସେମାନଙ୍କ ମୋବାଇଲ ଫୋନ୍ ରଖିବାକୁ କୁହାଯାଇଛି। ନୀତୀଶ ମହାମେଣ୍ଟରୁ ଓହରିଗଲେ ଆଗକୁ କ'ଣ କରାଯିବ ତା' ଉପରେ ଆର୍‌ଜେଡି ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି।

ପ୍ରକାଶ ଯେ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୨୨। ଆର୍‌ଜେଡିର ୭୯, ଭାଜପା ୭୮, ଜେଡିୟୁ ୪୫, କଂଗ୍ରେସ ୧୯, ସିପିଆଇଏମ୍ଏଲ୍ ୧୨, ସିପିଆଇ ୨, ସିପିଏମ୍ ୨, ଏଚ୍ଏଏମ୍ ୪, ଏଆଇଏମ୍ଆଇଏମ୍ ୧ ଓ ଜଣେ ସ୍ୱାଧୀନ ବିଧାୟକ ରହିଛନ୍ତି। ତେଣୁ ଆର୍‌ଜେଡିକୁ ଛାଡ଼ି ଭାଜପା ସମର୍ଥନରେ ସରକାର ଗଢ଼ିବା ପାଇଁ ନୀତୀଶଙ୍କୁ ଅସୁବିଧା ହେବ ନାହିଁ।

# ୩୦ ହଜାର କ୍ରିପ୍ଟୋକରେନ୍ସି ଜବତ

## ଅନ୍‌ଲାଇନ ସାଇବର ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ: ୬ ଗିରଫ

**ରାଉରକେଲା,୨୭।୧ (ସଙ୍ଗୀତା ଜେନା)**

କମ୍ ସମୟରେ ଅଧିକ ଲାଭ ପ୍ରଲୋଭନ ଦେଖାଇ ଶିକ୍ଷିତ ବର୍ଗଙ୍କୁ ଅନ୍‌ଲାଇନରେ ଠକେଇ କରୁଥିବା ଏକ ଅନ୍ତର୍ଜାତୀୟ ଠକ ଗ୍ୟାଙ୍ଗକୁ ରାଉରକେଲା ପୋଲିସ ଠାବ କରିବା ସହ ୧୫ କୋଟି ଟଙ୍କା ଅନ୍‌ଲାଇନ ଠକେଇର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ ଭିଲାଇ ଓ ରାୟପୁରରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଷ୍ଟର ମାଇଣ୍ଡ ଭିଲାଇର ଉଜ୍ଜ୍ୱଳ ଉତ୍କର୍ଷ(୨୨), ରାୟପୁରର ସନ୍ଦୀପ ଜୈନ(୪୦), ପଙ୍କଜ ରାଓ(୩୩), ଏମ୍‌ଡ଼ି ନସିମୁଦ୍ଦିନ୍(୪୫), ନବୀନ ରାଓ(୩୫) ଏବଂ ଉତ୍ତରପ୍ରଦେଶ ଆଜମଗଡ଼ର ଶିବମ୍ ରାୟ(୨୯)। ସେମାନଙ୍କଠାରୁ ୩୦ ହଜାର ୟୁଏସ୍‌ଡିଟି କ୍ରିପ୍ଟୋ କରେନ୍ସି ଜବତ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କ ଦ୍ୱାରା ପରିଚାଳିତ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି ମିତ୍ରଭାନୁ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

ଡିଆଇଜି ମହାପାତ୍ର କହିଥିଲେ, ୨୦୨୩ ଡିସେମ୍ବର ୩୦ତାରିଖରେ ଜଣେ କେନ୍ଦ୍ରୀୟ ବରିଷ୍ଠ ଅଧିକାରୀଙ୍କ ଆକାଉଣ୍ଟରୁ ୬୭ ଲକ୍ଷ ୭୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ସେ ରାଉରକେଲା ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୯/୨୩) ରୁଜୁ କରି ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହା ଅନ୍ତର୍ଜାତୀୟ ଅପରାଧ ସହିତ ଜଡିତ ଓ ଏଥିରେ ବହୁ ସଂସ୍ଥା ସଂଶ୍ଳିଷ୍ଟ ଥିବା ଜଣାପଡିବା ପରେ ଭାରତୀୟ ସାଇବର୍ ଏକ୍ସପର୍ଟଙ୍କ ସହାୟତା ନିଆଯାଇଥିଲା ଏବଂ ରାଉରକେଲା ପୋଲିସ୍ ୬ଜଣଙ୍କୁ ଗିରଫ କରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଥିଲା। ଭାରତ ସମେତ ଦକ୍ଷିଣ ଏସିଆ ଦେଶରେ ଏହି ନେଟ୍‌ୱାର୍କ ଚାଲିଛି। ଭାରତରେ ☞ପୃଷ୍ଠା-୨




# ପିକ୍‌ନିକ୍ ବସ୍ ସହ ଟ୍ରକ୍ ଧକ୍କା, ୩ ଛାତ୍ରୀ ମୃତ

**ନୟାଗଡ଼/ଦଶପଲ୍ଲା,୨୭।୧ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଶାଳଭଙ୍ଗା ନିକଟରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଛାତ୍ରୀଙ୍କ ସହ ଜଣେ ଅଭିଭାବକ ଓ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତ ଛାତ୍ରୀମାନେ ହେଲେ ସ୍ଥାନୀୟ ଟାକେରାର ନବମ ଶ୍ରେଣୀ ଛାତ୍ରୀ ଅମିତା ସାହୁ ଓ ଟାଙ୍ଗିଆପଲ୍ଲିର ଦଶମ ଶ୍ରେଣୀ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ଓ କନ୍ଧମାଳ ଜିଲା ଖଜୁରୀପଡ଼ା ଅଞ୍ଚଳର ଦଶମ ଶ୍ରେଣୀର ଛାତ୍ରୀ ଲୋପାମୁଦ୍ରା ପ୍ରଧାନ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୫/୨୦୧୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଦଶପଲ୍ଲା ସହର ବାରପୁରୁକିଆରେ ଥିବା ଦେବୀସ୍ ଟ୍ୟାଲେଣ୍ଟ ଟ୍ୟୁଟୋରିଆଲ୍ ଏକ ଆବାସିକ ବିଦ୍ୟାଳୟ। ଏହି ଘରୋଇ ଆବାସିକ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢିଥାନ୍ତି। ଏହି ଅନୁଷ୍ଠାନର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକ ଓଁମା'ନିର୍ମାଲ୍ୟ ନାମକ ବସ୍ (ନଂ.ଓଡି୦୫ଇ୮୪୦୯)ରେ ହରିଶଙ୍କର ବୁଲିବାକୁ ଯାଉଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବସ୍ ଦଶପଲ୍ଲା ଛାଡିଥିଲା। ହେଲେ ମାତ୍ର ୧୫କି.ମି. ଦୂରରେ ସେମାନଙ୍କୁ ଯେମିତି ବିପଦ ଅପେକ୍ଷା କରି ରହିଥିଲା। ଶାଳଭଙ୍ଗା ନିକଟରେ ସାମ୍ନାପଟୁ ଆସୁଥିବା ଏକ ଆଇଚର୍ ଟ୍ରକ୍ (ନଂ.ଓଡ଼ି ୧୫ଆର୮୨୭୮) ଉକ୍ତ ବସ୍‌କୁ ଧକ୍କା ଦେବା ସହ ବସ୍‌ର ଡାହାଣ ପଟକୁ ଘୋଷାରି ନେଇଯାଇଥିଲା। ଫଳରେ ବସ୍‌ରେ ଥିବା ଦୁଇ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଛାତ୍ରୀଙ୍କ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ଆହତ ୧୨ ଜଣଙ୍କୁ ୪ ଆମ୍ବୁଲାନ୍ସରେ ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତମାନଙ୍କୁ ନୟାଗଡ଼ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଏହାପରେ ୬ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ☞ପୃଷ୍ଠା-୨

### ଉଭୟ ଗାଡ଼ି ଚଳାଉଥିଲେ ହେଲ୍‌ପର

**ନୟାଗଡ଼,୨୭।୧(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ବାଣିଗୋଛା ଥାନା ଶାଳଭଙ୍ଗା ନିକଟରେ ଘଟିଥିବା ବସ୍-ଟ୍ରକ ଧକ୍କାରେ ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ପଛରେ ସାଂଘାତିକ ତ୍ରୁଟି ରହିଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ହେଲପର ଚଳାଉଥିଲେ। ଡ୍ରାଇଭର ଶୋଇଥିଲେ। ସେହିପରି ପିକ୍‌ନିକ୍ ବସର ଡ୍ରାଇଭର ଶୋଇପଡ଼ିଥିବା ବେଳେ ହେଲପର ନିଶା ଖାଇ ଗାଡ଼ି ଚଳାଉଥିଲେ ବୋଲି ରାଜ୍ୟ ପରିବହନ ବିଭାଗର ଯୁଗ୍ମ କମିଶନର ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ଦୁର୍ଘଟଣାର କାରଣ ଉପରୁ ପରଦା ହଟୁଛି। ଏହି ଘଟଣାର ତନାଘନା ଜାରି ରହିଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଇତିହାସ ରଚିଲେ ବୋପାନ୍ନା

## ବୟସ୍କ ଖେଳାଳି ଭାବେ ଜିତିଲେ ଗ୍ରାଣ୍ଡସ୍ଲାମ

**ମେଲବୋର୍ନ,୨୭।୧(ପି.ଟି.)**

ଅଷ୍ଟ୍ରେଲିଆନ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମରେ ଇତିହାସ ରଚିଛନ୍ତି ଭାରତୀୟ ରୋହନ ବୋପାନ୍ନା। ଶନିବାର ବିଶ୍ୱର ବୟସ୍କ ପୁରୁଷ ଖେଳାଳି ଭାବରେ ସେ ଏକ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ୭-୬(୭-୦) ଓ ୭-୫ ସେଟ୍‌ରେ ଇଟାଲୀର ସିମୋନ ବୋଲେଲି ଓ ଆନ୍ଦ୍ରେ ଭାଭାସୋରୀଙ୍କୁ ପରାସ୍ତ କରିଛନ୍ତି। ବୋପାନ୍ନାଙ୍କ କ୍ୟାରିୟରର ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ପୁରୁଷ ଡବଲ୍ସରେ ସେ ପ୍ରଥମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି। ମେଲବୋର୍ନ ପାର୍କର ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ଫାଇନାଲରେ ବୋପାନ୍ନା-ଏବଡେନଙ୍କୁ କଡା ଟକ୍କର ଦେଇଥିଲେ ଅଣ ସିଡେଡ୍ ବୋଲେଲି-ଆନ୍ଦ୍ରେ। ପ୍ରଥମ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିବା ବେଳେ ଦ୍ୱିତୀୟ ସେଟ୍‌ର ଅଷ୍ଟମ ଗେମ୍ ଯାଏ ମ୍ୟାଚ୍ ୪-୪ ସ୍ଥିତିରେ ରହିଥିଲା। ତେବେ କ୍ରମାଗତ ପଏଣ୍ଟ ବ୍ରେକ୍ କରିବା ସହ ମ୍ୟାଚ୍‌କୁ ଜିତି ନେଇଥିଲେ ଭାରତ-ଅଷ୍ଟ୍ରେଲୀୟ ଯୋଡି। ପ୍ରଥମ ସେଟ୍‌ରେ ମ୍ୟାଚ୍ ୫-୫ ☞ପୃଷ୍ଠା-୨


ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍ ଟ୍ରଫି ସହ ରୋହନ ବୋପାନ୍ନା ଓ ମାଥ୍ୟୁ ଏବଡେନ।



**ଆଜିର ମନ୍ତବ୍ୟ**

"ମହିଳା ଓ ଯୁବପିଢ଼ି ବିକଶିତ ଭାରତର ସମ୍ପତ୍ତି। ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ିଯାଏ ଯାହା ହୁଏ ଅଙ୍ଗାର**
**ଦରପୋଡ଼ା କାଠ ଅଟେ ଅସାର।**

ଗାଁ ଗଣ୍ଡାରେ ମହିଳାମାନେ ଚୁଲିରେ ରୋଷେଇ କରୁଥିବା ବେଳେ ଜାଳେଣି ଭାବେ କାଠକୁ ବ୍ୟବହାର କରିଥାନ୍ତି। କାଠଗୁଡ଼ିକ ପୋଡ଼ିଯାଇ ଅଙ୍ଗାର ହୋଇଯାଉଥିବାବେଳେ ଏହି ଅଙ୍ଗାରଗୁଡ଼ିକ ଅନ୍ୟ କାମରେ ଲାଗିପାରିଥାଏ, କିନ୍ତୁ ଦରପୋଡ଼ା କାଠ କୌଣସି କାମରେ ଆସି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ପୁଷ**
**ଶୀତ ଆସେ ଭୁଷ ଭୁଷା**

ବରଷକ ବାର ମାସ, ଛ' ଋତୁ। ଋତୁ ଅନୁସାରେ ଖରା, ବର୍ଷା ଓ ଶୀତ ପ୍ରଭୃତି ଆସିଥାଏ ଏବଂ ଯାଇଥାଏ। ପୁଷ ବା ପୌଷ ମାସରେ ଶୀତର ପ୍ରକୋପ ବଢେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ବ୍ୟକ୍ତି

**ଫେବୃୟାରୀ ୩ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ଭୁବନେଶ୍ୱର,୨୭।୧(ଅନିଲ ଦାସ)

ଆସନ୍ତା ଫେବୃଆରୀ ୩ ତାରିଖରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ତିନିଦିନ ଧରି ଚାଲିବ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭାଷା, ସାହିତ୍ୟ, କଳାକୃତି ଆଦି କ୍ଷେତ୍ରରେ ଅବଦାନ ଥିବା ତଥା ବିଭିନ୍ନ ପୁରସ୍କାର ବିଜେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମହାନ୍ ଐତିହାସିକ ପଦ୍ମଶ୍ରୀ ହରମାନ କୁଲକେଙ୍କ ସମେତ ପଦ୍ମ ପୁରସ୍କାର ବିଜେତା ୫୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିଭଳି ଜ୍ଞାନପୀଠ ପୁରସ୍କାର ପାଇଥିବା ଏବଂ ଜୀବନବ୍ୟାପୀ ସାଧନା ନିମନ୍ତେ ମଧ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ କେନ୍ଦ୍ର ସାହିତ୍ୟ ଏକାଡେମୀ, ସରସ୍ୱତୀ ସମ୍ମାନ ଓ ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ ବିଜେତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ଅନ୍ୟପକ୍ଷରେ ଜୟଦେବ, ଧର୍ମପଦ, ଅତିବଡ଼ୀ ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

# ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' ପରମ୍ପରାରେ ପରିଣତ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୭।୧(ଅନିଲ ଦାସ)



ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଭାରତ ମଣ୍ଡପରେ ଚଳିତ ମାସ ଜାନୁଆରୀ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା'(ପିପିସି) ୨୦୨୪ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା ଏବେ ବାର୍ଷିକ ପରମ୍ପରାରେ ପରିଣତ ହୋଇଛି। ପରୀକ୍ଷାର ଚାପକୁ ମୁକ୍ତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ନେବା ପାଇଁ ପରୀକ୍ଷାର୍ଥୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବା ପାଇଁ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପରୀକ୍ଷା ପେ ଚର୍ଚ୍ଚା ହେଉଛି ପରୀକ୍ଷା ସହ ଜଡ଼ିତ ଚାପକୁ ଦୂର କରିବା ଏବଂ ଏକ୍‌ଜାମ୍ ୱାରିୟର୍ସଙ୍କ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ନିଆରା ପଦକ୍ଷେପ। ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି, ଯେଉଁଥିରେ ବିଗତ ୬ ବର୍ଷ ଧରି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କୁ ସଫଳତାର ସହ ସାମିଲ କରାଯାଉଛି। ସପ୍ତମ ସଂସ୍କରଣ ପାଇଁ 'ମାଇଁ ଗଭ' ପୋର୍ଟାଲରେ ରେକର୍ଡ ସଂଖ୍ୟକ ୨.୨୬ କୋଟି ପଞ୍ଜୀକରଣ କରିଛନ୍ତି, ଯାହା ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟାପକ ଉତ୍ସାହକୁ ଦର୍ଶାଉଛି। ଏଥିରେ କଳା ମହୋତ୍ସବର ବିଜେତାଙ୍କ ସହ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨ ଜଣ ଛାତ୍ରୀଛାତ୍ର ଓ ଜଣେ ଶିକ୍ଷକଙ୍କୁ ଆଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ହେବା ପାଇଁ ନିମନ୍ତ୍ରଣ କରାଯାଇଛି। ପ୍ରଥମ ଥର ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜାନୁଆରୀ ୧୨ରୁ ୨୩ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲରେ ମାରାଥନ ଦୌଡ଼, ସଙ୍ଗୀତ ଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜାନୁଆରୀ ୨୩ରେ ୭୭୪ ଜିଲାରେ ୬୫୭ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ୧୨୨ ନବୋଦୟ ବିଦ୍ୟାଳୟରେ 'ଏକ୍‌ଜାମ୍ ୱାରିୟର୍ସ' ପୁସ୍ତକରେ ପରୀକ୍ଷା ମନ୍ତ୍ର ସହ ଜଡ଼ିତ ଏକ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯେଉଁଥିରେ ୬୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ୟାମି ଗର୍ଭବତୀ ଥିବା ଚର୍ଚ୍ଚା



ମୁମ୍ବାଇ: ବର୍ତ୍ତମାନ ବଲିଉଡ୍‌ରେ ଅନେକ ଅଭିନେତ୍ରୀ ଗର୍ଭବତୀ ଥିବା ଖବର ଶୁଣିବାକୁ ମିଳୁଛି। ନିକଟରେ ମଧ୍ୟ ଅଭିନେତ୍ରୀ ୟାମି ଗୌତମଙ୍କ ଗର୍ଭଧାରଣକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ତାଙ୍କୁ ସ୍ୱାମୀ ଆଦିତ୍ୟ ଧୀରଙ୍କୁ ଏକାଠି ଦେଖିବାକୁ ମିଳିଛି। ୟାମି ଏକ ଗୋଲାପୀ ରଙ୍ଗର ପାରମ୍ପରିକ ପୋଷାକରେ ନଜରକୁ ଆସିଥିଲେ। ସେହି ସମୟରେ ସେ ତାଙ୍କ ଓଢଣୀରେ ବେବି ବମ୍ପକୁ ଲୁଚାଉଥିବାର ଦେଖିବାକୁ ମିଳିଥିଲା। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଅନେକ ୟୁଜର୍ସ ଏବେ ୟାମି ଗର୍ଭବତୀ ଥିବା ନେଇ କମେଣ୍ଟ କରିଛନ୍ତି। ହେଲେ ଅଭିନେତ୍ରୀ ଏନେଇ କୌଣସି ଅଫିସିଆଲ ଘୋଷଣା କରିନାହାନ୍ତି। ଶେଷ ଥର ପାଇଁ ୟାମିଙ୍କୁ ଫିଲ୍ମ 'ଓଏମ୍‌ଜି ୨'ରେ ଦେଖିବାକୁ ମିଳିଥିଲା। ଆଗକୁ ସେ ଫିଲ୍ମ 'ଆର୍ଟିକିଲ୍ ୩୭୦'ରେ ନଜର ଆସିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନୁକୂଳ ଗ୍ରହସ୍ଥିତି ହେତୁ ପରିବହନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଜିନିଷ ମରାମତି କ୍ଷେତ୍ରରେ ସୁଫଳ ପାଇବେ। ସହକର୍ମୀଙ୍କ ସହ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନପାଇ ଅପଦସ୍ଥ ହେବେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆବଶ୍ୟକ ଜିନିଷ କିଣିବା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ ରାଜନୀତି, ପ୍ରଶାସନ, ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା ରାଜନୀତି ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ** ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ଦେଖା ପାଇ ନ ପାରନ୍ତି। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ଲଢ଼େଇ ଜାରି ରଖିବାକୁ ପଡ଼ିବ। ଛୋଟ ଘରୋଇ କଥାକୁ ବଡ଼ ଆକାରରେ ଚିନ୍ତା କରିବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**କର୍କଟ** କାଳକ୍ଷେପଣ ନୀତି କିମ୍ବା ଅଳସୁଆମି ହେତୁ କାମଗୁଡ଼ିକ ଧିମେଇ ଯିବ। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରିପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିବ। ପାରିବାରିକ କ୍ଷେତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇପାରନ୍ତି। ଅଧିକାଂଶ ସମୟ ସହକର୍ମୀ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କାମ କରିବାର ସୁଯୋଗ ପାଇବେ। ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ହଠାତ୍ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇ ପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗି ରହିବ। ଘରୋଇ କଳହକୁ ନେଇ ଅଶାନ୍ତିଜନିତ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ବ୍ୟବସାୟ ପାଇଁ ଦିନଟି ଭଲ ଏବଂ ଆଜିର ଯାତ୍ରାରେ ଆଶା ପୂରଣ ହେବ।

**ତୁଳା** ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରି ଚଳିବା ଅସୁବିଧାକୁ ଦୂରେଇବାରେ ସମର୍ଥ ହେବେ। ସମ୍ପର୍କୀୟମାନେ ପଛରେ କଟୂକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ ଏବଂ ତଜ୍ଜନିତ ମନ ଭଲ ରହିନପାରେ।

**ବିଛା** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ବ୍ୟବସାୟ, ପରିବହନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ। ଆର୍ଥିକ ଅଭିବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହିବ।

**ଧନୁ** ଦ୍ୱିତୀୟ ଭାବସ୍ଥ ଚନ୍ଦ୍ର ଆପଣଙ୍କୁ ସ୍ୱାଦିଷ୍ଟ ଭୋଜନ, ଟଙ୍କା ପଇସା, ବନ୍ଧୁଙ୍କ ପ୍ରଶଂସା ଏବଂ ପାରିବାରିକ ସହଯୋଗ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଳସ୍ୟ ଯୋଗୁ ଅପମାନିତ ହୋଇପାରନ୍ତି।

**ମକର** ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିବେ। ସାମାଜିକ କ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ଆତ୍ମୀୟଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ।

**କୁମ୍ଭ** ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଋଣ ପରିଶୋଧ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରି କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ଶାରୀରିକ ସୁସ୍ଥତା ଏବଂ ଆର୍ଥିକ ଦୁରବସ୍ଥାର ପରିବର୍ତ୍ତନ ମାନସିକ ଶାନ୍ତି ଓ ଆନନ୍ଦର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ଯେତେ ମନ ଧରି କାମ କଲେ ମଧ୍ୟ ଅନ୍ୟଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଜାନୁଆରୀ ୨୮ ତାରିଖ, ମାଘ କୃଷ୍ଣ ତୃତୀୟା ରବିବାର (ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ଲାଲା ଲଜ୍‌ପତ ରାୟ ଜୟନ୍ତୀ), ରାଶି ନକ୍ଷତ୍ର- ମଘା/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୨୬ ଗତେ ଘ.୧୦।୦୮ ମଧ୍ୟେ, ଘ. ୦୧।୨୨ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୦୯ ଗତେ ଘ.୦୫।୩ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ସମଲେଇ ପ୍ରକଳ୍ପ ...

ପ୍ରତି ୧ ମାସ, ୨ ମାସ ସମୟ ବ୍ୟବଧାନରେ ପାଣ୍ଡିଆନ ସମ୍ବଲପୁର ଯାଇ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଭୋଗ ମଣ୍ଡପ, ପୂଜକମାନଙ୍କ ବିଶ୍ରାମ ଗୃହ, ଭକ୍ତମାନଙ୍କ ଜିନିଷପତ୍ର ରଖିବା ପାଇଁ କ୍ଲୋକ୍ ରୁମ୍, ପ୍ରସାଦ ସେବନ ଗୃହ, ଭୋଗ ବିକ୍ରୟ ଗୃହ, ପର୍ଯ୍ୟଟକ ସୂଚନା କେନ୍ଦ୍ର, କାଫେଟେରିଆ ଆଦି ନିର୍ମିତ ହୋଇଛି। ମନ୍ଦିର ବାହାରେ ୧ କିଲୋମିଟର ଅଞ୍ଚଳରେ ପରିକ୍ରମା କରିଡର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ଖଣ୍ଡୋଲାଇଟସ୍ ପଥରରେ ନିର୍ମିତ ହୋଇଛି। ପାର୍କିଂରେ ୨୦୦ଟି ୪ ଚକିଆ ଗାଡ଼ି ଓ ୨୦ ବସ୍ ରହିବାର ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ସମସ୍ତ ନବନିର୍ମିତ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ମହାନଦୀ ରିଭର୍ ଫ୍ରଣ୍ଟ ଦୃଶ୍ୟ ଅତୀବ ରମଣୀୟ ହୋଇଛି। ଏହା ୩୫୦ ମିଟର ଦୀର୍ଘ ଓ ୨୫ ମିଟର ପ୍ରସ୍ଥ ବିଶିଷ୍ଟ କରାଯାଇଛି। ଆଳତି ପାଇଁ ୩୧ ମିଟର ପ୍ଲାଟଫର୍ମ କରାଯାଇଛି। ମହାନଦୀ ଘାଟ ଅତ୍ୟନ୍ତ ଚିତ୍ତାକର୍ଷକ ରୂପ ନେଇଛି। ଏଠାରେ ସ୍ଥାୟୀ ଭାବେ ମହାନଦୀ ଆଳତି ବ୍ୟବସ୍ଥା କରାଯାଇଛି। ୩୭ ମିଟର ଦୈର୍ଘ୍ୟ ଓ ୬ ମିଟର ଉଚ୍ଚର ଏକ ଫୁଟ୍ ଓଭରବ୍ରିଜ୍ ମଧ୍ୟ ନିର୍ମାଣ କରାଯାଇଛି।

ସୂଚନାଯୋଗ୍ୟ ଯେ ମା' ଙ୍କ ପୀଠକୁ ଦୈନିକ ଏବେ ୫ରୁ ୧୦ ହଜାର ଭକ୍ତ ଆସୁଛନ୍ତି। ରୂପାନ୍ତର ପରେ ଦୈନିକ ୨୦ ହଜାର ଭକ୍ତ ଆସିବା ସମ୍ଭାବନା ରହିଛି। ଏଥିସହିତ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ୧ ଲକ୍ଷ ଭକ୍ତ ଆସିବା ସମ୍ଭାବନା ରହିଛି। ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତିର ଉନ୍ନତି ହେବ। ବିଶେଷକରି ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାରମାନେ ମଧ୍ୟ ଅଧିକ ରୋଜଗାର ପାଇବାର ବାଟ ପ୍ରଶସ୍ତ ହୋଇଛି। ମିଶନ ଶକ୍ତି କାଫେ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ମା'ମାନଙ୍କ କାମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ପ୍ରକଳ୍ପରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଶିଳ୍ପୀ, କାରିଗର ଓ ଶ୍ରମିକମାନଙ୍କୁ ସେ ସମ୍ବର୍ଦ୍ଧିତ କରିଛନ୍ତି । ସେମାନେ ହେଲେ ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭ ଚରଣ ବେହେରା ଓ ସନ୍ତୋଷ। ଗୋପାଳ ଜୀଉ ମଠର ମହନ୍ତଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାରପ୍ରାପ୍ତ ୭ ଜଣ ମହାନ୍ ବ୍ୟକ୍ତିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି । ସେମାନେ ହେଲେ ହଳଧର ନାଗ, ଚତୁର୍ଭୁଜ ମେହେର, କ୍ରିଷ୍ଣା ପଟେଲ, ଜିତେନ୍ଦ୍ର ହରିପାଲ, ବିନୋଦ ପଶାୟତ, ମିତ୍ରଭାନୁ ଗୌନ୍ତିଆ ଓ କୈଳାସ ଚନ୍ଦ୍ର ମେହେର।

ମୁଖ୍ୟମନ୍ତ୍ରୀଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ, ଆଇଜି ଦୀପକ କୁମାର, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଓ ଅନ୍ୟ ଅଧିକାରୀମାନେ ମା'ଙ୍କ ପୀଠର ଭବ୍ୟ ରୂପାନ୍ତରଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ସେହିପରି ସମ୍ବର୍ଦ୍ଧନା ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକାର୍ପଣ ଉତ୍ସବ ପାଇଁ ଶନିବାର ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ମା'ଙ୍କ ଦର୍ଶନ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ ମନ୍ଦିର ପରିସରରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ସ୍ୱରୂପ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା କଳସ ଶୋଭାଯାତ୍ରା। ସମ୍ବଲପୁର ମହାନଦୀର ମାରୱାଡ଼ିପଡ଼ା ଘାଟରୁ ୧୧ଶହ କଳସରେ ମହାନଦୀର ପବିତ୍ର ଜଳ ଧାରଣ କରି ମନ୍ଦିର ପରିସରସ୍ଥ ବିଭିନ୍ନ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଧିପୂର୍ବକ ଅଧିବାସ ପୂଜନ ଅନୁଷ୍ଠିତ ହୋଇଥିଲା। ଦୁଇଟି ୭୦ ଜଣିଆ ସମ୍ବର୍ଦ୍ଧା ଦଳ, ହୀରାକୁଦର ୩୫ ଜଣିଆ ଘଣ୍ଟ ଦଳ ଓ ଗଞ୍ଜାମର ୧୫ ଜଣିଆ ଶଙ୍ଖୁଆ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସର୍ବାଗ୍ରେ ଏକ ପ୍ରଚାର ଗାଡ଼ି ମା'ଙ୍କ ଭଜନ ପରିବେଷଣ କରି ଶୋଭାଯାତ୍ରାକୁ ବାଟ କଢ଼େଇ ନେଉଥିବା ଦେଖିବାକୁ ମିଳିଥିଲା।

### ଶତାୟୁ ସ୍ୱାଧୀନତା ...

କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବ ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ। ଦେଶ ସ୍ୱାଧୀନତା ପାଇଁ ତାଙ୍କର ତ୍ୟାଗ ତାଙ୍କୁ ସ୍ମରଣୀୟ କରିରଖିବ। ସ୍ୱାଧୀନତା ପରେ ମଧ୍ୟ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଦେଶର ଯୁବ ସମାଜକୁ ସେବା ଓ ଦେଶପ୍ରେମର ବାର୍ତ୍ତା ଦେଇ ଆସିଥିଲେ। ତାଙ୍କ ବିୟୋଗରେ ଜଣେ ବିଶିଷ୍ଟ ସଂଗ୍ରାମୀଙ୍କୁ ଆମେ ହରାଇଲୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସାମଲଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ସେ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ନୀଳମଣି ୧୯୨୩ ଫେବୃଆରୀ ୨୩ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀଧର ସାମଲ ଓ ମାତାଙ୍କ ନାମ ମଲ୍ଲି ଦେବୀ। ନୀଳମଣି ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ୩ ବର୍ଷ ୬ ମାସ ଜେଲ ଯାଇଥିଲେ। ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ପରମ ଶିଷ୍ୟଥିଲେ। ସ୍ୱାଧୀନତା ସଂଗ୍ରାମୀ କୃଷ୍ଣମୋହନ ରାଉତରାୟଙ୍କ ନେତୃତ୍ୱରେ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ପରେ ସେ ପ୍ରାଥମିକ ଶିକ୍ଷକ ଭାବେ କିଛିଦିନ ଶିକ୍ଷାଦାନ କରିଥିଲେ। ୪ଥର ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତାଙ୍କୁ ବହୁବାର ସମ୍ବର୍ଦ୍ଧିତ କରିଥିଲେ। ନୀଳମଣିଙ୍କ ମୃତ୍ୟୁ ଖବରପାଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବଡ଼ଚଣା ବିଧାୟକ ଅମର ଶତପଥୀ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ହସ୍ପିଟାଲରେ ୨୭ ଦିନର ...

ଡା. ଲିଙ୍ଗରାଜ ପ୍ରଧାନ କହିଛନ୍ତି, ଶିଶୁକନ୍ୟାଟି ନୟାଗଡ଼ରେ ଜନ୍ମ ହୋଇଛି। ଓଜନ ୮୬୦ ଗ୍ରାମ ଓ ସେ ଜଣେ ଅପରିପକ୍ୱ ଶିଶୁ। ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଶିଶୁଟିକୁ ନୟାଗଡ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ୧୭ଦିନ ଧରି ଚିକିତ୍ସା କରାଯାଉଥିଲା। ଗତ ୧୮ ତାରିଖରେ ଶିଶୁକନ୍ୟାର ମା'ବାପା ସେଠାରୁ ପିଲାଟିକୁ ଧରି କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଏଠାରେ ୬ଜଣ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇ ଲଗାତର ମା'ବାପାଙ୍କୁ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖବର ଦିଆଯାଉଥିଲା। ହେଲେ ଶନିବାର ସକାଳୁ ହଠାତ ଶିଶୁ କନ୍ୟାର ମା'ବାପାଙ୍କୁ ପାଇଲୁ ନାହିଁ। ତେଣୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ପୋଲିସକୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଶିଶୁଟି ୨୭ ଦିନର ହୋଇଥିବାବେଳେ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଡା. ପ୍ରଧାନ କହିଛନ୍ତି ।

### ୩୦ ହଜାର ...

ଅବ୍ୟବହୃତ ପ୍ରାୟ ୨ଶହ ସିମ୍‌କାର୍ଡ ସହ ବ୍ୟାଙ୍କ ବିବରଣୀ ବିଦେଶକୁ ପଠାଯାଇଥିଲା ଏବଂ ଏହାକୁ ବ୍ୟବହାର କରି ଠକେଇ କରାଯାଉଥିଲା। ପ୍ରାୟ ଏକ ବର୍ଷ ମଧ୍ୟରେ ଉକ୍ତ ଗ୍ୟାଙ୍ଗ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଏହି କ୍ରମରେ ରାଉରକେଲାର ଜଣେ ବ୍ୟକ୍ତି ଏପରି ନକଲି ଆପ୍‌ରେ ୬୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ପୋଲିସରେ ମଧ୍ୟ ଅଭିଯୋଗ କରିଥିଲେ। ରାଉରକେଲା ଓ ସୁନ୍ଦରଗଡ଼ରୁ ଏଭଳି ଅନେକ ଅଭିଯୋଗ ତଦନ୍ତ ପରିସରଭୁକ୍ତ ରହିଛି । ଅଭିଯୁକ୍ତମାନେ ଇନ୍ଦିରା ସିକ୍ୟୁରିଟିଜ୍ ନାମରେ ଗୋଟିଏ ମୋବାଇଲ ଆପ୍ କରି ଛଦ୍ମ କାରବାର କରୁଥିବାରୁ କାହାରି ସନ୍ଦେହକୁ ଆସି ନ ଥିଲେ। ସେମାନେ କାମ୍ବୋଡ଼ିଆ ଓ ଆବୁଧାବିରେ ରହି ଭାରତୀୟ ଲୋକଙ୍କୁ ଆକୃଷ୍ଟ କରିବା ସହ ବେଆଇନ ଭାବେ ଫଣ୍ଡ ଟ୍ରାନ୍ସଫର, ୟୁଏସ୍‌ଡିଟି-କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜ, ପେପଲ୍ ସହିତ ଟେଲେଗ୍ରାମ୍ ଓ ହ୍ୱାଟସ୍ ଆପ୍ ଗ୍ରୁପ୍ ମାଧ୍ୟମରେ ଏହି କାରବାର କରିଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ମହମ୍ମଦ ନସିମୁଦ୍ଦିନ ମହାଦେବ ବେଟିଂ ଆପ୍ ସହିତ ଜଡିତ ଏବଂ ଉଜ୍ଜ୍ୱଳ ମହାଦେବ ବେଟିଂ ଆପ୍ ତିଆରିରେ ସମ୍ପୃକ୍ତ ଏବଂ ସେ ଦୁବାଇ, କାମ୍ବୋଡିଆ ଓ ଶ୍ରୀଲଙ୍କା ଯାଇଛନ୍ତି। ଏହି ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ପାନପୋଷ ଏସ୍‌ଡିପିଓ ଉପାସନା ପାଢ଼ୀ ଓ ରାଉରକେଲା ସାଇବର ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ପିକ୍‌ନିକ୍ ବସ୍ ସହ ...

ଟ୍ରକର ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଆରଟିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨ ଗାଡ଼ିର ଡ୍ରାଇଭର୍ ନିଶା ସେବନ କରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଏନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଛାତ୍ରୀ ଶୁଭସ୍ମିତା ସାହୁ କୁହନ୍ତି, ଆମେ ୭ ଜିଲାକୁ ୩ ଦିନ ପାଇଁ ବୁଲିବାକୁ ଶୁକ୍ରବାର ରାତି ୧୦ଟାରେ ବାହାରିଥିଲୁ। ଗାଡ଼ିରେ ଛାତ୍ରୀଛାତ୍ର,ଶିକ୍ଷକ ଓ କର୍ମଚାରୀ ମିଶି ୭୦ ଜଣ ଥିଲୁ। ବସ୍ ଚାଲିବାର କିଛି ସମୟ ପରେ ଆମକୁ ନିଦ ହୋଇଯାଇଥିଲା। ଶାଳଭଙ୍ଗାଠାରେ ଦୁର୍ଘଟଣା ପରେ ନିଦ ଭାଙ୍ଗି ଯାଇଥିଲା। ସେତେବେଳକୁ ମୋ ସହିତ ଅନ୍ୟମାନେ ଆହତ ହୋଇ ଚିତ୍କାର କରୁଥିଲେ ବୋଲି ସେ କହିଛନ୍ତି।

### ଇତିହାସ ରଚିଲେ ...

ରହିଥିବା ବେଳେ ବୋପାନ୍ନା-ଏବଡେନଙ୍କ ସାମାନ୍ୟ ତ୍ରୁଟିର ଫାଇଦା ଉଠାଇଥିଲେ ଇଟାଲୀ ଯୋଡି। ମ୍ୟାଚ୍ ଟାଇବ୍ରେକରକୁ ଯାଇଥିବା ବେଳେ ବୋପାନ୍ନାଙ୍କ ମ୍ୟାଜିକ୍ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ସେଟ୍‌ରେ ମ୍ୟାଚ୍ ୫-୫ ରହିଥିବା ବେଳେ ଆଉ ଏକ ଟାଇବ୍ରେକର ଆଶା କରାଯାଉଥିଲା। ତେବେ ବୋପାନ୍ନା-ଏବଡେନ ଯୋଡି ପ୍ରତିପକ୍ଷଙ୍କ ସର୍ଭିସ୍ ବ୍ରେକ୍ କରିବା ସହ ଟାଇଟଲ ଜିତି ନେଇଥିଲେ। ଓପନ ଏରାରେ ବୋପାନ୍ନା ବିଶ୍ୱର ବୟସ୍କ ପୁରୁଷ ଖେଳାଳି ଭାବେ ୪୩ ବର୍ଷରେ ଏକ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି। ସେ ନେଦରଲାଣ୍ଡ୍‌ସର ଜିନ୍ ଜୁଲିଏନ୍ ରୋଜରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଜିନ୍ ୪୦ ବର୍ଷ ୯ ମାସରେ ଏଲ. ସାଲଭେଡରର ମାର୍ସେଲୋ ଆରେଭାଲୋଙ୍କୁ ସାଥୀ କରି ୨୦୨୨ ଫ୍ରେଞ୍ଚ ଓପନ ଜିତିଥିଲେ। ସେହିପରି ବୟସ୍କ ଭାରତୀୟ ଖେଳାଳି ଭାବରେ ବୋପାନ୍ନା ରେକର୍ଡ ନିଜ ନାମରେ କରିଛନ୍ତି। ଲିଆଣ୍ଡର ପେସ୍ ୪୦ ବର୍ଷ ବୟସରେ ରାଡେକ୍ ଷ୍ଟିପାନେକଙ୍କୁ ସାଥୀ କରି ୨୦୧୩ ମସିହାରେ ୟୁଏସ୍ ଓପନ ବିଜୟୀ ହୋଇଥିଲେ। ତେବେ ଓଭର ଅଲ୍ ଓପନ ଏରା ତଥା ପୁରୁଷ ଓ ମହିଳା ଖେଳାଳିଙ୍କ ମଧ୍ୟରେ ମାର୍ଟିନା ନାଭ୍ରାତିଲୋଭା ୪୯ ବର୍ଷ ୧୦ ମାସ ବୟସରେ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ୨୦୦୬ରେ ଆମେରିକାର ବବ୍ ବ୍ରାୟାନଙ୍କୁ ସାଥୀ କରି ସେ ଟାଇଟଲ ଜିତିଥିଲେ।




ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶୁକ୍ରବାର ୭୫ ତମ ଗଣତନ୍ତ୍ର ଦିବସ ପାଳନ ଉତ୍ସବରେ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ପତାକା ଉତ୍ତୋଳନ ପରେ ଟଳିପଡ଼ିଲେ ଶିକ୍ଷକ

ଟିଟିଲାଗଡ଼, ୨୭।୧ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିହିନି ସ୍ଥିତ ୫-ଟି ହାଇସ୍କୁଲରେ ଶୁକ୍ରବାର ସାଧାରଣତନ୍ତ୍ର ଦିବସ ପାଳନ ବେଳେ ଏକ ଦୁଃଖଦ ଘଟଣା ଘଟିଥିଲା। ଜାତୀୟ ପତକା ଉତ୍ତୋଳନ ପରେ ଶିକ୍ଷକ ଗୁରୁ ବରିହା (୩୭) ସେଠାରେ ଟଳି ପଡିଥିଲେ। ଟଳି ପଡିବା ପୂର୍ବରୁ ସେ ଜାତୀୟ ପତାକାକୁ ସାଲ୍ୟୁଟ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଫଟୋ ଉଠାଇଥିଲେ। ହଠାତ୍ ଟଳି ପଡିବା ପରେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ନେବା ବେଳକୁ ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ତାଙ୍କର ଦୁଇ ସନ୍ତାନ ଅଛନ୍ତି। ତେବେ



ମୃତ୍ୟୁର କିଛି ସମୟ ପୂର୍ବରୁ ଶିକ୍ଷକ ଗୁରୁ ବରିହା ଜାତୀୟ ପତାକାକୁ ସାଲ୍ୟୁଟ କରୁଛନ୍ତି।

ବିଦ୍ୟାଳୟରେ ଏକ ଜାତୀୟ ଉତ୍ସବ ପାଳନ ବେଳେ ଜଣେ ଶିକ୍ଷକଙ୍କ ପରଲୋକକୁ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ବଗର୍ତ୍ତି, ସିହିନି ସରପଞ୍ଚ ବୀରବର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

## ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଦିଗନ୍ତ ଆଣିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧
(ଅସମାପିକା ସାହୁ)



ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଆରମ୍ଭ ହୋଇଛି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା ହେଉଛି ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ବିଚରଣସ୍ଥଳ। ଏହି ମହୋତ୍ସବ ପକ୍ଷୀପ୍ରେମୀଙ୍କୁ ଅତି ନିକଟରୁ ଚିଲିକା ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଏହାଏକ ନୂଆ ଦିଗନ୍ତ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଲେ, ରାଜ୍ୟରେ ଥିବା ଆର୍ଦ୍ରଭୂମିର ସୁରକ୍ଷା ଓ ପକ୍ଷୀ ସଂରକ୍ଷଣ ଦିଗରେ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିବାରୁ ଆଜି ଏହି ଉତ୍ସବ ତା'ର ଏକ ସଫଳତାର ନିଦର୍ଶନ ବହନ କରୁଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କହିଲେ, ଚିଲିକାର ମଙ୍ଗଳାଯୋଡ଼ି ହେଉଛି ଗୋଷ୍ଠୀଭିତ୍ତିକ ଜୈବବିବିଧତାର ସୁରକ୍ଷା ଓ ପକ୍ଷୀଙ୍କୁ ଦେଖିବାର ଏକ ଉତ୍କୃଷ୍ଟ ସ୍ଥାନ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଲେ, ଚିଲିକା ବିହଙ୍ଗ ଉତ୍ସବ ପରିବେଶ ସଂରକ୍ଷଣ ଓ ପର୍ଯ୍ୟଟନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଏକ ଭିନ୍ନ ବାର୍ତ୍ତା ଦେଉଛି। ଚଳିତବର୍ଷ ଏହି ଅଭିଯାନରେ ଡଙ୍ଗାଚାଳକଙ୍କୁ ସାମିଲ କରାଯାଇ ଜୈବବିବିଧତାର ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରାଯାଇଛି। ଏଥିସହ ସମାନ୍ତରାଳ ଭାବେ ନନ୍ଦନକାନନ, ଏକାମ୍ର କାନନ ଆଦି ଅଞ୍ଚଳରେ ବିହଙ୍ଗ ଉତ୍ସବ ମଧ୍ୟ ପାଳନ କରାଯାଉଥିବା ସେ ସୂଚନା ଦେଇଥିଲେ। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦି ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ବାର୍ଡ ପୋଷ୍ଟର ଓ ଭିଡିଓ ଉନ୍ମୋଚିତ ହୋଇଥିଲା। ଏଥିରେ ଭାରତରେ ଦେଖାଯାଉଥିବା ବିଭିନ୍ନ ପକ୍ଷୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। ସେହିପରି ଏକ ଫଟୋ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଫଟୋଗ୍ରାଫର ଶକ୍ତି ନନ୍ଦ, ଉମାକାନ୍ତ ବିଶ୍ୱାଳ, ଧୃତିମାନ୍ ମୁଖାର୍ଜୀ ଏବଂ ଅନ୍ୟ ପ୍ରଖ୍ୟାତ ଫଟୋଗ୍ରାଫରଙ୍କ କୃତିକୁ ସ୍ଥାନିତ କରାଯାଇଛି। ଚିଲିକାରେ ନୌବିହାର କରୁଥିବା ବିଦେଶାଗତ ପକ୍ଷୀଙ୍କ ବିଚରଣ ଓ ବିଭିନ୍ନ ସମୟର ମନ୍ତ୍ରମୁଗ୍ଧକର ଫଟୋଚିତ୍ର ଏଥିରେ ପ୍ରଦର୍ଶିତ ହେବା ସହ ଚିଲିକାର ଜୈବବିବିଧତାକୁ ଏଥିରେ ନିଖୁଣ ଭାବେ ସ୍ଥାନିତ କରାଯାଇଛି।

ଚିଲିକା ବିହଙ୍ଗ ଉତ୍ସବରେ ଦେଶର ବଛା ବଛା ୫୨ଜଣ ପକ୍ଷୀପ୍ରେମୀ ଭାଗ ନେଇଛନ୍ତି। ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ସୁରେଶ କୁମାର, ପ୍ରସିଦ୍ଧ ଲେଖକ ତଥା ପକ୍ଷୀପ୍ରେମୀ ପଞ୍ଚମୀ ମନୁ ଉକିଲ୍ ପ୍ରମୁଖ ଯୋଗଦେଇ ଚିଲିକାର ଜୈବବିବିଧତା, ବୈଜ୍ଞାନିକ ଗବେଷଣା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀ ପର୍ଯ୍ୟଟନ ଅନୁଭୂତି ନିଆରା ବୋଲି ମତବ୍ୟକ୍ତ କରିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ ବିଭିନ୍ନ କର୍ମଶାଳା ଏବଂ ପକ୍ଷୀ ବିଶେଷଜ୍ଞଙ୍କ ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଆସନ୍ତା ଦୁଇଦିନ ଧରି ଅଂଶଗ୍ରହଣକାରୀ ଓ ପ୍ରତିନିଧିମଣ୍ଡଳୀ ଚିଲିକା ମଙ୍ଗଳାଯୋଡ଼ି ଏବଂ ନଳବଣ ପକ୍ଷୀ-ପର୍ଯ୍ୟଟନରେ ଅଂଶଗ୍ରହଣ କରିବେ।

# ଥାନା ଭିତରେ ଅଭିଯୁକ୍ତଙ୍କ ଆକ୍ରମଣ: ୨ କନଷ୍ଟେବଲ ଗୁରୁତର

ବାଲେଶ୍ୱର, ୨୭।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନାରେ ପରିସରରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଅଟକ ଥିବା ଜଣେ ଅଭିଯୁକ୍ତଙ୍କ ମାଡ଼ରେ ୨ କନଷ୍ଟେବଲ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଚାନ୍ଦିପୁର ଥାନା ତିଗିଡ଼ିଆ ଅଞ୍ଚଳର ସନାତନ ସରେନ୍‌ଙ୍କୁ ୩୦୭ ଦଫାରେ ଅଟକ ରଖାଯାଇଥିଲା। ଥାନାରେ ଥିବାବେଳେ କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ଏକ କୋଦାଳ ବେଣ୍ଟରେ କନଷ୍ଟେବଲ ସିଦ୍ଧେଶ୍ୱର ସାହୁ ଓ କନଷ୍ଟେବଲ ତଥା ଥାନା ଗାଡି ଡ୍ରାଇଭର ରାଜେଶ ବେହେରାଙ୍କୁ ଆକ୍ରମଣ କରିଥିଲେ। କୋଦାଳ ବେଣ୍ଟରେ ଗୋଡ଼େଇ ଗୋଡ଼େଇ ପ୍ରବଳ ମାଡ ମାରିଥିଲେ। ଗୁରୁତର ଅବସ୍ଥାରେ ଉଭୟ ତଳେ ପଡ଼ିଥିବାବେଳେ ଖବରପାଇ ଅନ୍ୟ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ସନାତନଙ୍କୁ କାବୁ କରିଥିଲେ। ସଙ୍ଗେ ସଙ୍ଗେ ଉଭୟ କନଷ୍ଟେବଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ସିଦ୍ଧେଶ୍ୱରଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କନେଷ୍ଟବଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ସ୍ତ୍ରୀ, ଝିଅାରୀଙ୍କୁ ଦଳିଦେଲା ହାତୀ

ଦେବଗଡ଼, ୨୭।୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବନାଞ୍ଚଳ ଲଇମୁରା ସେକ୍ସନ ଟିପଡିରିସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ଷେତ୍ର କିସାନଙ୍କ ସ୍ତ୍ରୀ ସୁରୁବାଲି(୩୭) ଓ ଝିଅାରି ଖଇରୀ କିସାନ(୨୮)। ଶନିବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ବନ ଅଧିକାରୀ ଘଟଣାସ୍ଥଳକୁ ନ ଆସିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସେମାନେ ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ଦେବଗଡ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା ଓ ଲଇମୁରା ଥାନାଧିକାରୀ ପଙ୍କଜ ମାଝୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହ ଦ୍ୱୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ମୃତକ ଦ୍ୱୟଙ୍କ ପରିବାର ଲୋକଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ ହଜାର ଟଙ୍କା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ ୫ଲକ୍ଷ ୪୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟିପଡିରିସିଙ୍ଗା ଗ୍ରାମର କ୍ଷେତ୍ର କିସାନ ଶୁକ୍ରବାର ରାତିରେ ସୁରୁପା ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ସୁରୁବାଲି ଓ ତାଙ୍କ ଝିଅାରୀ ଘରେ ଶୋଇଥିଲେ। ଏହି ସମୟରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆସି କ୍ଷେତ୍ରଙ୍କ ମାଟି ଘର କାନ୍ଥ ଭାଙ୍ଗି ଦେଇଥିଲା। ଏହା ଦେଖି ସୁରୁବାଲି ଓ ଖଇରୀ ଜୀବନ ବଞ୍ଚାଇବାକୁ ପଳାଇଯିବା ବେଳେ ଦନ୍ତା ହାତୀଟି ଉଭୟଙ୍କୁ ଗୋଡାଇ ପାଦରେ ଦଳି ଦେଇଥିଲା।

# ସବୁ ପୌରାଞ୍ଚଳରେ ହେବ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୨୭।୧
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ପୌରାଞ୍ଚଳରେ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରାଯିବ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ନେଇ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସମସ୍ତ ମହାନଗର ନିଗମର କମିଶନର ଏବଂ ପୌର ପରିଷଦ ଓ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଏଥିସହ ଆଭାସି ମାଧ୍ୟମରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ନାୟକ ଲେଖିଥିବା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱରଠାରେ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ବ୍ୟାପକ କରିବା ନିମନ୍ତେ ସବୁ ସହରାଞ୍ଚଳ, ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସଚେତନତା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଅବଦାନ ରଖିଥିବା ପ୍ରସିଦ୍ଧ କବି, ଲେଖକ ଓ ଭାଷାବିତ୍‌ଙ୍କ ପରି ଓଡ଼ିଆ ବ୍ୟକ୍ତିତ୍ୱଙ୍କ ଚିତ୍ର/ଛବିର ପେଣ୍ଟିଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରମୁଖ ସ୍ଥାନଗୁଡ଼ିକରେ ରହିବ। ଏଥିସହିତ ଓଡ଼ିଆ ଗବେଷକ, ବିଦ୍ୱାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ସମ୍ବର୍ଦ୍ଧିତ କରିବା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ତର୍କ, ପ୍ରବନ୍ଧ ଓ ତତ୍କାଳ ବକ୍ତୃତା ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ ସୁନିଶ୍ଚିତ କରିବା ନିମନ୍ତେ ଏବଂ ସମ୍ପୃକ୍ତ କାର୍ଯ୍ୟକ୍ରମର ବିବରଣୀ ଓ ହାଇ ରିଜୋଲ୍ୟୁଶନ ଫଟୋଗୁଡ଼ିକୁ ବିଭାଗର ଅବଗତି ତଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବାକୁ ପୌର ନିର୍ଦ୍ଦେଶକ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଦେଶରେ ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ପ୍ରଥମ ବିଶ୍ୱ ଓ ଭାଷା ସମ୍ମିଳନୀର ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଫେବୃଆରୀ ୩ରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହେବ। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଧ୍ୟାପିକା, ଗବେଷକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ସହ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି।

# ସୁନ୍ଦରଗଡ଼ ଏମ୍‌ପିଙ୍କ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

କାମାକ୍ଷାନଗର, ୨୭।୧
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେକୁଲା ନିକଟରେ ଶନିବାର ମଧ୍ୟାହ୍ନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁମୁସିଙ୍ଗା ଥାନା କମଗରାପାଟଣା ଗ୍ରାମର ସର୍ବେଶ୍ୱର ଚୌଧୁରୀ(୫୧)।

ଘଟଣାରୁ ଜଣାପଡିଛି, ଏମ୍‌ପି ଜୁଏଲ ଏକ କାର୍ (ଓଡି-୩୩ ଏଡି-୯୪୬୨) ଯୋଗେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବାବେଳେ ରେକୁଲା ନିକଟରେ କାମାକ୍ଷାନଗରରୁ ବାଇକ ଯୋଗେ ନିଜ ଗ୍ରାମକୁ ଆସୁଥିବା



ଦୁର୍ଘଟଣାଗ୍ରସ୍ତ ଏମ୍‌ପିଙ୍କ ଗାଡ଼ି।

ସର୍ବେଶ୍ୱରଙ୍କ ବାଇକ ସହ ଏମ୍‌ପିଙ୍କ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ସର୍ବେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଜୁଏଲ ଉଦ୍ଧାର କରି ନିଜ ଏସକର୍ଟ ଗାଡ଼ି ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭାଜପାର ବହୁ କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ଏମ୍‌ପିଙ୍କ ଅବସ୍ଥା ପଚାରି ବୁଝିଥିଲେ। ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହିତ ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ ନଂ. ୪୩/୨୪ରେ ଏକ ମାମଲା ରୁଜୁ ହୋଇଛି।

75 Azadi Ka Amrit Mahotsav
सेन्ट्रल बैंक ऑफ़ इंडिया Central Bank of India
CENTRAL TO YOU SINCE 1911
ଚନ୍ଦରମୁଖୀ, ନରିମନ ପଏଣ୍ଟ, ମୁମ୍ବାଇ-୪୦୦୦୨୧, ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୩୩୬, ୱେବ୍‌ସାଇଟ୍ : www.centralbankofindia.co.in
ସର୍ବସାଧାରଣ ନୋଟିସ୍
ସଫେଇ କର୍ମଚାରୀ ତଥା ସବ୍ ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି
ସଫେଇ କର୍ମଚାରୀ ତଥା ସବ୍ ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ତା.୨୧.୧୨.୨୦୨୩ରିଖ ଏବଂ ତା.୧୧.୦୧.୨୦୨୪ରିଖ ନିଯୁକ୍ତି ବିଜ୍ଞପ୍ତିର ପୂର୍ବର ଖବର କାଗଜ ପ୍ରକାଶନ ଅନୁଯାୟୀ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି, ମାନ୍ୟବର ବମ୍ବେ ହାଇକୋର୍ଟ ଖଣ୍ଡପିଠ, ଔରଙ୍ଗାବାଦ ରିଟ୍ ପିଟିସନ୍ ନଂ.: ୩୭୯/୨୦୨୪ ଆଦେଶ ଅନୁସାରେ ଉକ୍ତ ନିଯୁକ୍ତିର ପରବର୍ତ୍ତୀ ପ୍ରକ୍ରିୟାକୁ ବାତିଲ କରାଯାଇଛି। ପ୍ରାର୍ଥୀମାନଙ୍କ ଦ୍ୱାରା ପୈଠ କରାଯାଇଥିବା ଦରଖାସ୍ତ ଫି ସମୟାବଧି ମଧ୍ୟରେ ଫେରସ୍ତ କରାଯିବ।
ଏହା ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଉଦ୍ଦିଷ୍ଟ।
ତାରିଖ: ୨୫.୦୧.୨୦୨୪ ମହାପ୍ରବନ୍ଧକ (ଏଚ୍‌ସିଏମ୍)

THE KOSALA SCHOOL
An English Medium Residential Public School
(CBSE Affiliation No.1530003) Estd.- 1979, Mob. 7682032632
NUA-KHAIRPALI, P.O.- LARASARA, DIST.- BARGARH- 768027 (ODISHA)
Email- thekosalaschool1979@gmail.com
Mob- 6371537828 / 6371532877 / 6370708544/ 9777706828 / 8598003451
KOSALA ENTRANCE TEST 2024-2025
* Admissions open for classes UKG to Std- IX for Boarders. Very few seats are available from LKG to Std-VIII for Day Scholars.
* Admissions also open for Class-XI in June (We have applied for affiliation)
* Interested candidates are to appear Entrance Test in English, Mathematics, and General Knowledge.
Entrance Test for Day Scholars:- 03/03/2024
Entrance Test for Boarders:- 10/03/2024
* The date of Entrance Test for XI will be declared later.
* Candidates qualified in Entrance Test will get admission strictly on merit basis.
* Enquiry time over phone - 09.00am to 1.00pm on all working days.
* Entrance test timings - 10.30am to 12.30pm, Reporting Time- 09.00am
* Selling of Admission Forms will start from 26th January 2024 onwards.
Sd./- (Principal)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଝାଡୁସଫା, ପୋଛାପୋଛି ପାଇଁ ପୁରୁଷ ଲୋକ ଆବଶ୍ୟକ। ବୟସ ୩୦ ମଧ୍ୟରେ।
ଯୋଗାଯୋଗ:
9861550765

REQUIREMENTS
Required experienced Solar Installer / Solar Executive / Receptionist.
Phone: 7008384494, 8018208172
Email: srlco.rktrader@gmail.com

WANTED DISTRIBUTOR/ FRANCHISEE FOR ALL OVER ODISHA
Sumeet Mixi / SRM Mixi / Induction / Led TV / SRM RO / Chimney / Lipkon Wire / SRM Fan /Air cooler / Air conditioner / Miio Led Lights
SRM Home Appliances
Plot # 58, Bapuji Nagar, Lane 4, BBSR-9
Contact No. 7008485542.

SECURITY JOB
SECURITY GUARD: No. of Post - 25
Hight: 5.7" above, Age: 25 Yr. to 45 Yrs.
Qualification: 10th Pass, Experience person first priority.
Posting Place: Jharsuguda
GISS SECURITY SERVICE PVT. LTD.
1754, RI Office, Gopalpur, Cuttack - 753011, Odisha
Mobile No.: 8093004431 | 9937096570

LITTLE ANGELS PUBLIC SCHOOL
BARPALI, BARGARH
(Affiliated to CBSE, New Delhi, Affiliation No -1530146, School No.:53092 Dr Mund Lane, Barpali
ADMISSION OPEN ! SESSION 2024-25
PRE- NURSERY TO IX- XI (SCIENCE)
STATE OF ART INFRASTRUCTURE
QUALITY EDUCATION
CCA , SPORTS AND CLUB ACTIVITIES
WELL EQUIPPED LIBRARY AND LABS
NCC WING
SEPARATE BOARDING FOR BOYS AND GIRLS
LIMITED SEATS!!
*25 % SEATS AT ENTRY LEVEL IS RESERVED UNDER RTE ACT 2009.
6372329224 info@angels.ac.in angels.ac.in

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
• ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
• ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଖବରଦାତା
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଲେଆଉଟ୍ ଡିଜାଇନର
• ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
• InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ।
Apply immediately to :
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

भारतीय हस्तशिल्प Indian Handicrafts Continuing Tradition
वस्त्र मंत्रालय MINISTRY OF TEXTILES
ଶ୍ରୀ ଜଗନ୍ନାଥ
ଜାତୀୟ ଗାନ୍ଧୀ ଶିଳ୍ପ ବଜାର
ତାରିଖ: ୨୫.୦୧.୨୦୨୪ ଠାରୁ ୦୩.୦୨.୨୦୨୪ (୧୦ ଦିନ ବ୍ୟାପୀ)
ସ୍ଥାନ: ସମୁଦ୍ର ବେଳାଭୂମି, ମହୋଦଧି ନିବାସ ସମ୍ମୁଖ, ପୁରୀ
SHREE JAGANNATH
NATIONAL GANDHI SHILP BAZAAR
Date:25.01.2024 to 03.02.2024
Place: Golden Sea Beach, In front of Mahodadhi Niwas, Puri
Sponsored by
Office of the Development Commisioner (Handicrafts)
Ministry of Textiles, Govt. of India , New Delhi
Organised by
ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ
Shree Shrikshetra Soochana, Puri
VOCAL FOR LOCAL
FREE ENTRY
Exhibition and sale of exquisite Handicrafts and Handlooms products directly by artisans & weavers from across the country
Digital Marketing Partner

# ପହିଲାରୁ ପୁଣି ବର୍ଷା

ଭୁବନେଶ୍ୱର,୨୭ା୧
(ଅନୁରାଧା ମହାରଣା)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଆସନ୍ତା ୩ଦିନ ପାଗ ଶୁଖିଲା ରହିବା ସହ ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ। ତେବେ ଫେବୃଆରୀ ପହିଲାବେଳକୁ କିଛି ଜିଲାରେ ପୁଣି ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ପାଗ ଶୁଖିଲା ରହିବା ସହ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟ ଜିଲାର କିଛି ସ୍ଥାନରେ କୁହୁଡ଼ିର ପ୍ରଭାବ ରହିବ। ତେଣୁ କୁହୁଡ଼ି ନେଇ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, କଟକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୋଳ ଜିଲାରେ କୋହଲା ପବନର ପ୍ରଭାବ ରହିବ। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୋନପୁର ଓ ବଲାଙ୍ଗୀର ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିବ। ଫେବୃଆରୀ ୧ ତାରିଖରେ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ସାମାନ୍ୟ ବର୍ଷା ହୋଇପାରେ। ୨ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ସାମାନ୍ୟ ବର୍ଷା ହେବ ଓ ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

# ଡିଲ୍ ବେଳେ ଧରାପଡ଼ିଲେ

## ୩ ଗିରଫ, ୨ ହାତୀଦାନ୍ତ ଜବତ

ଦେବଗଡ,୨୭ା୧
(ଶଶାଙ୍କ ଶେଖର ଝାଙ୍କର)

ବେଆଇନ ହାତୀ ଦାନ୍ତ ବିକ୍ରି ପାଇଁ ଦେବଗଡ ସହରର ଏକ ଗହଣା ଦୋକାନରେ ମୂଲଚାଲ ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଶନିବାର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସହରର ଜଣାଶୁଣା ଗହଣା ଦୋକାନୀ ଲାଲୁସାହିର ପ୍ରେମରାଜ ସାହୁ, ବଣିଆସାହିର ସମୀର କପରଦାର ଓରଫ ବାପି ଓ ଦିଲ୍ଲୀର ରାଜେଶ କୁମାର। ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ମୂଲ୍ୟବାନ ହାତୀ ଦାନ୍ତ ଜବତ କରାଯାଇଛି। ଏଥିସହ ୩ଟି ମୋବାଇଲ ଫୋନ ଓ ଏକ କାର ମଧ୍ୟ ଜବତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ମା' ତାରିଣୀ



ଜବତ ହୋଇଥିବା ୨ଟି ହାତୀ ଦାନ୍ତ।

ଜୁଏଲାରୀ ଗହଣା ଦୋକାନରେ ୨ଟି ମୂଲ୍ୟବାନ ହାତୀଦାନ୍ତ ବିକ୍ରି ପାଇଁ ମୂଲଚାଲ ଚାଲିଥିବା ନେଇ ଡିଆର୍‌ଆଇ ପକ୍ଷରୁ ଦେବଗଡ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ବନ ବିଭାଗ ଓ ଡିଆର୍‌ଆଇ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇ ସେଠାରେ ଚଢାଉ କରାଯାଇଥିଲା। ଓଜନ ସମୟରେ ଜବତ ହାତୀଦାନ୍ତ ଦ୍ୱୟର ଓଜନ ୮କିଲୋ ୯୦୦ ଗ୍ରାମ ରହିଥିବା ଜଣାପଡିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ହାତୀଦାନ୍ତ ୨ଟି ବହୁ ପୁରୁଣା ହୋଇଥିବା ଜଣାପଡିଛି। ତେବେ ଏହା କେଉଁଠୁ ଓ କିଭଳି ଆସିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଓ ହାତୀଦାନ୍ତ ଦ୍ୱୟକୁ ସେମାନେ କେଉଁଠୁ ଆଣିଥିଲେ ସେ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ଆବଶ୍ୟକ ସ୍ଥଳେ ଗିରଫ ଅଭିଯୁକ୍ତଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରା ଉଚରା କରାଯିବ ବୋଲି ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ୫୦ ଜଣଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ ପ୍ରଦାନ




ପଦକ ପାଇଥିବା ରାଜ୍ୟ ଆରକ୍ଷୀ ବାହିନୀ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୩ ବିଭାଗର ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୨୭ା୧
(ସୂର୍ଯ୍ୟକାନ୍ତ ବେହେରା)

୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ଏବଂ ଓଡିଶା କାରାଗାର ସଂସ୍ଥା ଓ ସଂସ୍କାର ସେବାର ମୋଟ ୫୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ୨୦୨୩ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ସନ ହଲ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଏହି ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୪ ପାଇଁ ସାହସିକତା, ବିଶିଷ୍ଟ ସେବା ଓ ଉଲ୍ଲେଖନୀୟ ସେବା ପାଇଁ ୩୩ଜଣଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ରାଜ୍ୟ କାରାଗାର ଓ ସଂସ୍କାର ସେବାର ମହାନିର୍ଦ୍ଦେଶକ ଅମ୍ରିତ ମୋହନ ପ୍ରସାଦ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଗୃହ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଗଲା ୩ ଜୀବନ

ବଣାଇଁ,୨୭ା୧(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ବଣାଇଁ ଥାନା ଅଞ୍ଚଳର ୨ପୃଥକ ସ୍ଥାନରେ ଶନିବାର ସଡକ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ୧୪୩ ନମ୍ବର ଜାତୀୟ ରାଜପଥର ଉପରବାହାଳ ଛକ ନିକଟରେ ଟ୍ରକ ତଳେ ଚାପି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହାତିବାହାଲର ପ୍ରଦୀପ ମୁଣ୍ଡା। ଅନ୍ୟତମ ମୃତା ମହିଳାଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ସେହିପରି ଚାନ୍ଦିପୋଷ ଥାନା ବରଘାଟ ନିକଟରେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବରସୁଆଁ ହୋଇଥିବା ବେଳେ ନାଁ ଜଣାପଡି ନାହିଁ। ଉପରବାହାଳ ଛକରେ ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପରବାହାଳ ଛକରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟିଥିବା ଦର୍ଶାଇ ବିକ୍ଷୋଭକାରୀ ୧୪୩ ନମ୍ବର ଜାତୀୟ ରାଜପଥରେ କାର୍ଯ୍ୟରତ ନିର୍ମାଣକାରୀ ସଂସ୍ଥା ଏଆର୍‌ଏସ୍‌ଏସ୍ ବିରୋଧରେ ବଣାଇଁ ଥାନା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସ୍‌ରେ ରଖିଛି। ରବିବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସେହିପରି ଏକ ବାଇକ୍‌ରେ ଜଣେ ଯୁବକ ରାଉରକେଲାରୁ ବରସୁଆଁ ଫେରୁଥିବା ବେଳେ ବରଘାଟ ନିକଟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି।

# ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଅନନ୍ୟ, ଅତୁଳନୀୟ

ଲୋଇସିଂହା ,୨୭ା୧(ସୁଶାନ୍ତ ବାରିକ)

ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଅନନ୍ୟ, ଅତୁଳନୀୟ। ଏଠି ଜାତି ବର୍ଣ୍ଣର ଭେଦଭାବ ନାହିଁ। ଏହା ଏକ ସମନ୍ୱୟର ସଂସ୍କୃତି ବୋଲି ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ମନ୍ତ୍ରୀ ମେହେରଙ୍କ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ସିଂଦେଓ ମୁଖ୍ୟ ଅତିଥି, ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ନୋଡାଲ ଅଫିସର ଡକ୍ଟର ଶେଷ ମେହେର। ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୁଶ୍ରୀ ସୁନେଲି ମେହେର ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ଦେବକୀ ନାଇକ ଓ ଡିଲେଶରୀ ନାଏକ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ରାଜେଶ କୁମାର ରାୟ।


भारतीय रिज़र्व बैंक
ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

## ରିଜର୍ଭ ବ୍ୟାଙ୍କ୍ – ସମନ୍ୱିତ ଲୋକପାଳ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥା ମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥା ର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯିବ |
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଲୋକପାଳ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି |
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ |
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗ ଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଲୋକପାଳ" ପଦ୍ଧତି ଗ୍ରହଣ କରେ | ତେଣୁ ଜଣେ ଅଭିଯୋଗକାରୀଙ୍କୁ କେଉଁ ଲୋକପାଳ ଯୋଜନା/ ଅଫିସ୍ ମାଧ୍ୟମରେ ସେ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍ ତାହା ଚିହ୍ନଟ କରିବାର ଆଉ ଆବଶ୍ୟକ ନାହିଁ |
- ଆରବି-ଆଇଓଏସ, 2021 ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ |
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥା ଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ |

### ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଅଭିଯୋଗର ସମାଧାନ ପାଇଁ, ସମ୍ପୃକ୍ତ ନିୟନ୍ତ୍ରିତ ସଂସ୍ଥା କୁ ଅଭିଯୋଗର ବିବରଣୀ ସହିତ ଯୋଗାଯୋଗ କରିବାକୁ ପଡିବ |

### ଆରବିଆଇ ଲୋକପାଳଙ୍କୁ କେବେ ଯୋଗାଯୋଗ କରିବେ?

**ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଲୋକପାଳଙ୍କ ସହ ଯୋଗାଯୋଗ କରିପାରିବେ:**
- ଯଦି କୌଣସି ଉତ୍ତର ପ୍ରାପ୍ତ ନ ହୁଏ-ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖଠାରୁ ଏକ ବର୍ଷ ଏବଂ ଏକ ମାସ ମଧ୍ୟରେ ଯେ କୌଣସି ସମୟରେ
- ଅସନ୍ତୁଷ୍ଟ ଉତ୍ତର ପାଇବା ପରେ - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥା ରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ |

**ଧ୍ୟାନ ଦିଅନ୍ତୁ:**
- ଆରବି-ଆଇଓଏସ, 2021 ରେ ଉଲ୍ଲେଖିତ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ |
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇଥିବ/ବିଚାରାଧୀନ ହୋଇ ନ ଥିବ କିମ୍ବା ଆରବିଆଇ ଲୋକପାଳ ଦ୍ୱାରା ବିଚାର ହୋଇନଥିବା ଆବଶ୍ୟକ |

### ଅଭିଯୋଗ କିପରି କରିବେ?

**ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:**
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in→File a complaint ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସ, 2021 ରେ ଉଲ୍ଲେଖିତ ଫର୍ମ Annexure 'A' ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀକୃତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017" କୁ ପଠାଯାଇ ପାରିବ |

### ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇପାରିବେ ?

- ଯେ କୌଣସି ବ୍ୟକ୍ତି ଆରବିଆଇର ଅଭିଯୋଗ ସମାଧାନ ପ୍ରଣାଳୀ ଉପରେ ସୂଚନା / ସ୍ପଷ୍ଟୀକରଣ ପାଇଁ ଏବଂ ଅଭିଯୋଗ ଦାଖଲ କରିବା ପ୍ରଣାଳୀ ର ମାର୍ଗଦର୍ଶନ ପାଇଁ / ପୂର୍ବରୁ କରାଯାଇଥିବା ଅଭିଯୋଗକୁ ଟ୍ରାକ କରିବା ପାଇଁ ଆରବିଆଇ ର ସମ୍ପର୍କ କେନ୍ଦ୍ର ସହ ଯୋଗାଯୋଗ କରିପାରିବେ ।
- ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହ ଇଂରାଜୀ ଏବଂ ହିନ୍ଦୀରେ ଯୋଗାଯୋଗ କରିବା ସମୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ 08:00 ରୁ ସନ୍ଧ୍ୟା 10 :00 ପର୍ଯ୍ୟନ୍ତ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମରାଠୀ, ମାଲାୟାଲମ୍, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ସକାଳ 09 :30 ରୁ ଅପରାହ୍ନ 05 :15 ପର୍ଯ୍ୟନ୍ତ ଉପଲବ୍ଧ ଅଟେ।
- ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ ମାଧ୍ୟମରେ ନିଃଶୁଳ୍କ ନମ୍ବର (14448) ମଧ୍ୟ 24x7x365 ଉପଲବ୍ଧ |

### ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ୍ – ସମନ୍ୱିତ ଲୋକପାଳ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/hindi/Scripts/Faqs.aspx?did=56
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

### ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)

(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)
ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, ୨ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ,
ବାଇକୁଲା, ମୁମ୍ବାଇ - 400 008
ଅଭିଯୋଗକାରୀ, ଉପ ମହାପ୍ରବନ୍ଧକ ଶ୍ରୀ ରାଜ କୁମାରଙ୍କୁ ଟେଲିଫୋନ୍ ନମ୍ବର 022-2302 8000, Ext No. 8000 କିମ୍ବା ଇ-ମେଲ୍ dicgc.complaints@rbi.org.in ମାଧ୍ୟମରେ ମଧ୍ୟ ଯୋଗାଯୋଗ କରିପାରିବେ |

## ସଂକ୍ଷେପରେ

### ପିଚୁ ଫ୍ୟାକ୍ଟ୍ରିରେ ଯୁବକଙ୍କ ଆତ୍ମହତ୍ୟା

ଖଡିଆଳ,୨୭।୧(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଭୋଜପୁରରେ ଥିବା ଏକ ପିଚୁ ଫ୍ୟାକ୍ଟ୍ରିରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବିରିପାଲି ଗ୍ରାମର ଚୁନା ସାହୁ ବୋଲି ଜଣାପଡିଛି। ମୃତକଙ୍କ ଅଜା ହୃଦ କୁମାର ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ଖଡ଼ିଆଳ ଥାନା ପୋଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ନୂଆପଡ଼ାରୁ ଡ଼ଗସ୍କାଡ ଆସି ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି ।

### ରକ୍ତଦାନ ଶିବିର, ୪୨ ୟୁନିଟ୍ ରକ୍ତ ସଂଗ୍ରହ

ଖପ୍ରାଖୋଲ,୨୭।୧(ଅଭୟ ତ୍ରିପାଠୀ )

ଖପ୍ରାଖୋଲ ବ୍ଲକ ସଭାଗୃହରେ ୟୁଥ ବ୍ଲଡ ଡୋନର ଗ୍ରୁପ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ରମାକାନ୍ତ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ୟୁଥ ବ୍ଲଡ ଡୋନର ଗ୍ରୁପର ମୁଖ୍ୟ ଅକ୍ଷୟ କୁମାର ପ୍ରଧାନ, ଉପଦେଷ୍ଟା ଅଭୟ ତ୍ରିପାଠୀ, ବ୍ରଜବନ୍ଧୁ ଠାକୁର, ହରେକୃଷ୍ଣ ମେହେରଙ୍କ ସମେତ ଗ୍ରୁପର ସଦସ୍ୟମାନେ ଉପସ୍ଥିତ ଥିଲେ।

### ମଜଦୁର ୟୁନିୟନର ବିପୁଳ ବିଜୟ

#### ଗୋଳାବାରୁଦ କାରଖାନା ନିର୍ବାଚନ

ସଇଁତଲା,୨୭।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗିର ଜିଲା ସଇଁତଲା ନିକଟ ବଡ଼ମାଲ ଗୋଳାବାରୁଦ କାରଖାନାର ଶ୍ରମିକ ସଙ୍ଗଠନମାନଙ୍କର ସଦସ୍ୟତା ନିରୂପଣ ପାଇଁ ଗତ ୨୪ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ଶନିବାର ଅପରାହ୍ନରେ କାରଖାନା କ୍ୟାଣ୍ଟିନରେ ଭୋଟ ଗଣତି ହୋଇଥିଲା। ଏଥିରେ ମଜଦୁର ୟୁନିୟନର ବିପୁଳ ବିଜୟ ହୋଇଛି। ଏହି ନିର୍ବାଚନରେ କାରଖାନାର ମଜଦୁର ୟୁନିୟନ ୫୪୪ ଖଣ୍ଡ ଭୋଟ ପାଇ ବିପୁଳ ବିଜୟ ହାସଲ କରିଥିବାବେଳେ ୱାର୍କର ୟୁନିୟନ ୪୩୧ ଖଣ୍ଡ, କର୍ମଚାରୀ ୟୁନିୟନ ୧୫୧ ଏବଂ ଡ଼ାକ୍ତର ଆମ୍ବେଦକର ଏମ୍ପ୍ଲୋଇଜ ୟୁନିୟନ ୧୫୮ ଖଣ୍ଡ ଭୋଟ ପାଇଛନ୍ତି। ମଜଦୁର ୟୁନିୟନକୁ ବିପୁଳ ଭୋଟ ଦେଇ ବିଜୟୀ କରିଥିବାରୁ ୟୁନିୟନର ସଭାପତି ଅନୁପସାଏ, ସମ୍ପାଦକ ବରୁଣ ନାଏକ, ଜୟ ସିଂ ନାଏକ, ବିରଂଚି ମହାନନ୍ଦ, ଧର୍ମରାଜ ମହାନନ୍ଦ, ମନୋଜ ଶର୍ମା, ବଂଶୀଧର ଭୋଇ, ସୁରେଶ କରନ, ସତ୍ୟପ୍ରେମ ମାଝି ପ୍ରମୁଖ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସମ୍ବିଧାନ ଦେଶର ସର୍ବୋଚ୍ଚ ଆଇନ







ବଲାଙ୍ଗୀର: ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମନୋହରପୁର ପୋଲିସ ପଡିଆରେ ଉଦ୍‌ବୋଧନ ଦେଉଛନ୍ତି(ବାମ)। କଣ୍ଟାବାଞ୍ଜି ଏନଏସି ସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଅଭିବାଦନ ଗ୍ରହଣ କରୁଛନ୍ତି(ମଝି)। ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର କାର୍ଯ୍ୟକ୍ରମରେ ଅତିଥିମାନେ।

ବଲାଙ୍ଗୀର,୨୭।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ମହାନ ସ୍ୱାଧୀନତା ସଂଗ୍ରାମୀ ଆଠଗାଁ ଜମିଦାର ଧରମ ସିଂ ମାନ୍ଧତା, କପୁରଚନ ନାଏକ, ସୁରେନ୍ଦ୍ର ଠାକୁର, କୁଞ୍ଜ ବିହାରୀ ମେହେର, କପିଳେଶ୍ୱର ପ୍ରସାଦ ନନ୍ଦ, ସତ୍ୟାନନ୍ଦ ମିଶ୍ର, ଦିବାକର ବହିଦାର, ନରସିଂହ ପ୍ରସାଦ ନନ୍ଦ, ସ୍ୱପ୍ନାନନ୍ଦ ପାଣିଗ୍ରାହୀ, ଯୁଧିଷ୍ଠିର ମିଶ୍ର, ଯୋଗେଶ୍ୱର କୁମୁର, ଧ୍ରୁବ ନାଥ, ପୁରୁଷୋତ୍ତମ ନାଥ , ଚିନ୍ତାମଣି ମିଶ୍ର, ଋଷି ଗଡତ୍ୟା, ଭାର୍ଗବୀ ଗୁରୁ, ଦଶରଥ ସାହୁ, ଯୁଗୋଳ କିଶୋର ନାଥଙ୍କ ଭଳି ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ସମ୍ବିଧାନ ହେଉଛି ଯେକୌଣସି ଦେଶ ପାଇଁ ସର୍ବୋଚ୍ଚ ଆଇନ। ବିବିଧତା ମଧ୍ୟରେ ଏକତା ହେଉଛି ଦେଶର ପରିଚୟ। ଅନେକ ଜାତି, ଭାଷା, ଧର୍ମ, ବିଶ୍ୱାସ, ସଂସ୍କୃତି ଓ ପରମ୍ପରା ଦେଶକୁ ମହାନ୍ ଓ ସମୃଦ୍ଧ କରିଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସମସ୍ତଙ୍କୁ ସାଥୀରେ ନେଇ ଦେଶ ବହୁ ପଥ ଅତିକ୍ରମ କରି ବିକାଶ ଯାତ୍ରାରେ ଆଗେଇ ଚାଲିଛି । ଭାରତ ସମଗ୍ର ବିଶ୍ୱରେ ନିଜସ୍ୱ ଗଣତନ୍ତ୍ର ଓ ମୂଲ୍ୟବୋଧ ପାଇଁ ଉଚ୍ଚ ପ୍ରଶଂସିତ। ଗଣତନ୍ତ୍ର ପରମ୍ପରା ଓ ଏହି ପରମ୍ପରାକୁ ବଜାୟ ରଖିବା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବହୁବିଧି ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସୂଚନା ଦେଇଥିଲେ। ମନ୍ତ୍ରୀ ସ୍ୱାଇଁ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ମନ୍ତ୍ରୀ ସ୍ୱାଇଁ ଓ ଅନ୍ୟ ଅଧିକାରୀ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଯାଇ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ଫଳ ଏବଂ ମିଠା ବଣ୍ଟନ କରିଥିଲେ। ଜେଲ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କୁ ମିଠା ବଣ୍ଟନ କରିଥିଲେ। ଅପରାହ୍ଣରେ ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଶାସକ ଏକାଦଶ ଏବଂ ଗଣମାଧ୍ୟମ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସକ ଏକାଦଶ ବିଜୟୀ



ଅତିଥିଙ୍କ ସହ ପରେଡ୍‌ରେ ପ୍ରଥମ ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ବାଳିକା ବିଭାଗ ଛାତ୍ରୀମାନେ।

ଓ ଗଣମାଧ୍ୟମ ଏକାଦଶ ରନର ଅପ ହୋଇଥିଲା।

**ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତିରେ ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏବିଇଓ ଅଜିତ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଦେଓଗାଁ ତହସିଲରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଥାନାରେ ଥାନାଧିକାରୀ ତାରାବତୀ ପ୍ରଧାନ, ବନାଞ୍ଚଳ ରେଞ୍ଜରେ ରେଞ୍ଜର ଯୁଧିଷ୍ଠିର ଜାଲ, ଶିକ୍ଷା ବିଭାଗରେ ବିଇଓ ମମତା ମହାଡିକ, ଆଦର୍ଶ ବିଦ୍ୟାଳୟରେ ଅଧକ୍ଷା ସମନ୍ୱେତା ଷଡଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସାରସବାହାଲ ପ୍ରାଥମିକ ବିଦ୍ୟାଳୟରେ ଜିଲା ପରିଷଦ ସଭ୍ୟା ମମତା କୁମୁରା ଓ ପାର୍କ୍ସ ନିର୍ଦ୍ଦେଶକ ବୁଦ୍ଧଦେବ ପରୁଆ, ଦେଓଗାଁ ପଞ୍ଚାୟତ ସମିତି ବାଳିକା ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି କୈଳାସ ତାଣ୍ଡି, ଧୃବାନନ୍ଦ ଯୁକ୍ତ ୨ କଲେଜରେ ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡା, ଡିଗ୍ରୀ କଲେଜରେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ, ଯୁକ୍ତ ୨ କଲେଜରେ ଅଧକ୍ଷ ଉପମନ୍ୟୁ ବାଗ, ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧକ୍ଷ ପୁରୁଷୋତ୍ତମ ମେହେର, ଯୁକ୍ତ ୨କଲେଜରେ ଅଧକ୍ଷ ବସନ୍ତ ମନହୀରା, ଦେଓଗାଁ ସମବାୟ ବ୍ୟାଙ୍କରେ ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ଜରାସିଂହା ବ୍ୟାଙ୍କରେ ଦେବୀଦତ୍ତ ନେଗୀ, କୁତୁର୍ଲା ପାର୍କ୍ସରେ ସଭାପତି ନିଳାମ୍ବର ପାଣିଗ୍ରାହୀ, ବଡବନ୍ଧ ପାର୍କ୍ସରେ ବିଜେଡି ବ୍ଲକ ସଭାପତି ଶୁଶିଳ କୁମାର ଚାନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଆକାଶ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶର ବିକାଶ ପାଇଁ ଜାତୀୟ ସଂହତି ଆବଶ୍ୟକ ଏବଂ ଏହା ଆମକୁ ସମ୍ବିଧାନ ଜଣାଇ ଥାଏ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଏଓ ହରେକୃଷ୍ଣ ମେହେର, ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ରାମାନନ୍ଦ ବେହେର, ପ୍ରତୀକ୍ଷା ସାହୁ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନାରେ ଥାନା ଅଧିକାରୀ ରମାକାନ୍ତ ସାହୁ, ବନବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ବଲାଙ୍ଗୀର ଜିଲାରେ ସାଧାରଣତନ୍ତ୍ର ଦିବସ ପାଳନ

**ଲୋଇସିଂହା(ସୁଶାନ୍ତ ବାରିକ):** ଲୋଇସିଂହା ଷ୍ଟାଡିୟମରେ ସ୍ଥାନୀୟ ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସାଧାରଣ ତନ୍ତ୍ର ଦିବସ ସଭାରେ ସମ୍ପାଦକ ଉତ୍ତର କୁମାର ହେର୍ଣ୍ଣା ଅଧ୍ୟକ୍ଷତା କରିଥିଲେ। ବିଡିଓ ଯୁଧିଷ୍ଠିର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ ସମ୍ମାନୀତ ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ଆୟୋଜିତ ଉତ୍ସବରେ ସମ୍ପାଦକ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଅଭିଭାଷଣ ରଖିଥିଲେ। ମିଲେଟ ଉପରେ ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ଥାନୀୟ ହାଇସ୍କୁଲର ଛାତ୍ରୀ ଜସ୍ମିନ ଭୋଇ, ପ୍ରାଥମିକ ବିଦ୍ୟାଳୟର ଶେଖର ବିଶ୍ୱାଳ, ଶ୍ରୀୟାବୈଷ୍ଣବି ଦୋରା ଏବଂ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୀତାରାମ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବାଗବତୀଆ ସାହୁ ଉପସ୍ଥିତ ଥିଲେ।

**କଣ୍ଟାବାଞ୍ଜି(ଗୁରୁଦୟାଲ ହଂସ):** କଣ୍ଟାବାଞ୍ଜି ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ । ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟରୁ ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ୩ଟି ଗ୍ରୁପ କରାଯାଇ ପ୍ରଥମ, ଦ୍ୱିତିୟ ଓ ତୃତୀୟ ଦଳମାନଙ୍କୁ ସିଲ୍ଡ ଓ ମାନପତ୍ର ଦେଇ ପରୁସ୍କୃତ କରାଯାଇଥିଲା । ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା ।

**ସଇଁତଲା(ରାଖାଲ ପ୍ରସାଦ ଶତପଥୀ):** ସଇଁତଲା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ପ୍ରଶାସନିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସ୍ଥାନୀୟ ସ୍ପୋର୍ଟସ ଷ୍ଟାଡ଼ିୟମରେ ଆୟୋଜିତ ଉତ୍ସବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ମହିଳା କଲ୍ୟାଣ ସମିତି ବଡ଼ମାଳ ଶାଖା ଅଧ୍ୟକ୍ଷା ଇପ୍ସିତା ଦାଶ, କାରଖାନାର ସମସ୍ତ ଅଧିକାରୀ, ଜେସିଏମ, କାର୍ଯ୍ୟସମିତି, ୟୁନିୟନ ଏବଂ ଆସୋସିଏଶନ କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ କର୍ମଚାରୀ ଓ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ସେହିପରି ସଇଁତଲା ରମେଶ ସିଂ ଭୋଇ ମିନି ଷ୍ଟାଡ଼ିୟମରେ ବିଡିଓ ବିନୟ ଭୋଇ, ନେତାଜୀ କ୍ଲବରେ ଆଇନଜୀବୀ ସୁବୋଧ ମିଶ୍ର, ସରକାରୀ ବାଳିକା ବିଦ୍ୟାଳୟ (ଏସଏସଡ଼ି)ରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା, ସରକାରୀ ବାଳିକା ନୂତନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିନାୟକ କୁମ୍ଭାର ପତାକା ଉତ୍ତୋଳନ କରିଥିଲେ।

**ଟିଟିଲାଗଡ଼(ଶରତ ମିଶ୍ର):** ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଫିଲଡ଼ କମାଣ୍ଡର ଇପସିତା ଦାଶଙ୍କ ଗହଣରେ ପରେଡ ପରିଦର୍ଶନ ସହ ମୁଖ୍ୟଅତିଥି ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଉପଖଣ୍ଡ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଜିଲାପାଳଙ୍କ ଧର୍ମପତ୍ନୀ ପ୍ରୀତିରେଖା ସାହୁ, ତହସିଲଦାର ସରୋଜା ବେହେରା, ଡେପୁଟି ଜିଲାପାଳ ଅଭିନାଶ ଲାକ୍ରା, ଶୁଭାଶିଷ ଶତପଥୀ, ସହାୟକ ଜିଲାପାଳ ଚନ୍ଦ୍ର ପ୍ରକାଶ ଦେହୁରୀ, ଏଡିଡବ୍ଲୁଓ ଆକାଶ ପଣ୍ଡା, ଏସିଏସଓ ଶଙ୍କର୍ଷଣ ଭୋଇ, ଏସଡିପିଆରଓ ରାଜେନ୍ଦ୍ର ମାଝି, ଆଇଆଇସି ମନୋଜ ପ୍ରଧାନ, ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ଗୁଲାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ ଡମ୍ବରୁଧର କର୍ମୀ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସାଧିନତା ଭାରତରେ ନାଗରିକର କର୍ତ୍ତବ୍ୟ ଓ ରାଷ୍ଟ୍ରର ସ୍ଥିତି ବିଷୟରେ ମାର୍ଗ ଦର୍ଶନ କରିଥିଲେ।

**ମୁରିବାହାଲ(ଶ୍ରୀବତ୍ସ ବେହେରା):** ମୁରିବାହାଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ପଞ୍ଚାୟତି ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ବିଡ଼ିଓ ଦାୟିତ୍ୱରେ ଥିବା ବିଡ଼ ଅଧିକାରୀ ଘେନୁରାମ ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି, ତହସିଲଦାର ଆୟୁବ ମଣ୍ଡଳ, ଥାନା ଆଇଆଇସି ସିପୋରା ସରାୟ ଲୁଗୁନ, ଏବିଇଓ ଯୋଗେଶ୍ୱର ଧରୁଆ, ଅତିରିକ୍ତ ତହସିଲଦାର ଖଦାଳ ପାତ୍ର, ଡ଼ିଗ୍ରୀ କଲେଜ ଅଧକ୍ଷ ସରୋଜ କୁମାର ନାୟକ, ଯୁକ୍ତ ୨ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପୀତାମ୍ବର ବେଶ୍ରା, ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ର, ସଦର ସରପଞ୍ଚ ବିଶ୍ୱବିହାରୀ ଯୋଶୀ,ସମିତି ସଭ୍ୟ ଚକ୍ରଧର ହେର୍ଣା, ପତ୍ରାପାଲି(କ) ସମିତି ସଭ୍ୟ ସନ୍ନ୍ୟାସୀ ପୁଟେଲ, ଜିପିଇଓ ଏନଜେ ଥିଓଫିଲ, ଶ୍ରୀବତ୍ସ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା କରିଥିବା ବ୍ୟକ୍ତିବିଶେଷ ଓ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଚାରକଙ୍କ ଦ୍ୱାରା ପ୍ୟାରେଡରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟଗୁଡ଼ିକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁମାନେ ଭଗବାନଙ୍କ ରୂପ: ରାଜ୍ୟପାଳ



ରାଜ୍ୟପାଳଙ୍କୁ କୁନି ପିଲାମାନେ ଫୁଲଦେଇ ସ୍ୱାଗତ କରୁଛନ୍ତି।

ନୂଆପଡା,୨୭।୧(ମକାରୁ ବେମାଲ)

ଶିଶୁମାନେ ହେଲେ ଭଗବାନ ରୂପ। ଅଙ୍ଗନୱାଡି କେନ୍ଦ୍ର ହେଉଛି ମନ୍ଦିର। କର୍ମୀମାନେ ମନ୍ଦିର ପୂଝାରୀ । ଏହି ଶିଶୁ ମାନଙ୍କୁ ଭଗବାନ ସଦୃଶ ସେବା କରି ପୂଣ୍ୟବାନ ହୁଅନ୍ତୁ। ଶିଶୁମାନଙ୍କୁ ଆବଶ୍ୟକ ପୋଷଣ ଖାଦ୍ୟ ଯୋଗାଇବା ହେଉଛି ଭୋଗ। ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦଳଦଳ ଗାଁରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନ କୁମାରୀ ଲମ୍ବୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଦାସ କହିଥିଲେ ଯେ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପକୁ ଆଗେଇ ନେବାରେ ଅଙ୍ଗନୱାଡି କର୍ମୀଙ୍କ ମୁଖ୍ୟ ଅବଦାନ ରହିଛି। ଶିଶୁଙ୍କୁ କେନ୍ଦ୍ରରେ ବସାଇବା ବଦଳରେ ସେମାନଙ୍କୁ ସଂସ୍କାରିତ କରିବା, କୁପୋଷଣରୁ ମୁକ୍ତ କରିବା ପ୍ରାଥମିକତା ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସାୟ, ଆରକ୍ଷୀ ଅଧିକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ଥିଲେ। ପରେ ସଦର ବ୍ଲକ ଟାନୱାଟ ପଞ୍ଚାୟତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କର ରାଜ୍ୟପାଳ ଡାକ୍ତର, ଆଶାକର୍ମୀ ଓ ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ । ପରେ ବୋଲଦା ଏନଏଏଫସିସି ଅଧିନରେ ଥିବା ମହିଳା ଏସଏଚ୍‌ଜିଙ୍କୁ ଜୀବିକା ପ୍ରୋତ୍ସାହନ ରାଶି ଉପରେ ପଚାରି ଥିଲେ। ପରେ ମିଛାପାଲିଠାରେ ଗ୍ରାମବାସୀ, କୃଷକ, କାରିଗର ଓ ଚକୋଟିଆ ଭୂଞ୍ଜିଆଙ୍କୁ ଭେଟିଥିଲେ। ସୁନାବେଡାରେ ଷ୍ଟବେରି ଚାଷ ହେଉଥିବା ବେଳେ ମଣ୍ଡି ନ ଥିବାରୁ ଲାଭ ଅଂଶ ପରିମାଣ କମି ଯାଉଛି ବୋଲି ଚାଷୀମାନେ ରାଜ୍ୟପାଳଙ୍କୁ ଅବଗତ କରିଥିଲେ । ପରେ ପତୋରା ଯୋଗେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ ରାଜ୍ୟପାଳ।

## ଗ୍ରାମସଭାରେ ଶିଶୁଙ୍କ ପାଇଁ ବଜେଟ ଅନୁମୋଦିତ

ଲୋଇସିଂହା,୨୭।୧(ସୁଶାନ୍ତ ବାରିକ)

ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ବୃନ୍ଦାବନ ସେଠ ଅଧ୍ୟକ୍ଷତା କରିଥିଲେ। ଗ୍ରାମସଭାରେ ପ୍ରଥମ ଥର ପାଇଁ ପଞ୍ଚାୟତର ଶିଶୁମାନଙ୍କ ପାଇଁ ବଜେଟ ଅନୁମୋଦିତ କରାଯାଇଛି। ଶିଶୁ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ପଞ୍ଚାୟତର ନିଜସ୍ୱ ପାଣ୍ଠିରୁ ବାର୍ଷିକ ୫ ପ୍ରତିଶତ ହାରରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି । ପ୍ରତ୍ୟେକ ଶିଶୁ ନିମନ୍ତେ ଏକ ସୁସ୍ଥ ଓ ନିରାପଦ ଶୈଶବ ସୁନିଶ୍ଚିତ କରିବା ଓ ଶିଶୁ ମାନଙ୍କ ସବୁ ପ୍ରକାର ଅଭିବୃଦ୍ଧି ନିମନ୍ତେ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମସଭାରେ ପାରିତ ହୋଇଛି । କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ମାର୍ଗଦର୍ଶିକା ଆନୁସାରେ ଶିଶୁ ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ସହାୟତା ଯୋଜନା(ଜିପିଡିପି)ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅଛି । ତେଣୁ ଶିଶୁ କଲ୍ୟାଣ ଓ ସୁରକ୍ଷା କାର୍ଯ୍ୟକୁ ପଞ୍ଚାୟତ ସ୍ତରରେ ସୁନିଶ୍ଚିତ କରିବାକୁ ଆବଶ୍ୟକ ଥିବାରୁ ପଞ୍ଚାୟତର ନିଜସ୍ୱ ଉତ୍ସରୁ ବାର୍ଷିକ ୫ପ୍ରତିଶତ ଖର୍ଚ୍ଚ କରାଯିବ ବୋଲି ମତବ୍ୟକ୍ତ କରାଯାଇଛି । ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଉପସ୍ଥିତ ରହି ବୈଷୟିକ ପରାମର୍ଶ ପ୍ରଦାନ କରିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱର୍ଥ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସମ୍ବିଧାନର ସୁରକ୍ଷା ସର୍ବୋପରି'

ନୂଆପଡା,୨୭।୧(ମକାରୁ ବେମାଲ )

ନୂଆପଡା ମିନି ଷ୍ଟାଡିୟମରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଦେଶ ପାଇଁ ଜୀବନ ବଳିଦାନ ଦେଇଥିବା ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ସ୍ମୃତିଚାରଣ କରିବା ସହ ସମ୍ବିଧାନର ସୁରକ୍ଷା ସର୍ବୋପରି ବୋଲି କହିଥିଲେ। ଜିଲାପାଳ ହେମକାନ୍ତ ସାୟ, ଆରକ୍ଷୀ ଅଧିକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ସିଆପିଏଫ କମାଣ୍ଡାଣ୍ଟ ଏରିକ ଗିଲବଟ ଜୋସେଫ, ଏସ୍‌ଡିପିଓ ସଞ୍ଜୟ ମଣ୍ଡଳ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ସଦର ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ସୁଧିର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଖଡ଼ିଆଳ(ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ଜାତୀୟ ଦିବସ ପଳନ କମିଟି ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବିଡିଓ ବୀରସେନ ବେହେରା,



ନୂଆପଡା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସଭାରେ ମଞ୍ଚାସୀନ ଅତିଥି।

ତହସିଲଦାର ଲଳିତ କୁମାର ବାଗ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ, ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ, ମେଜର୍ ଡକ୍ଟର ରାମଚନ୍ଦ୍ର ମିଶ୍ର, ଡକ୍ଟର ପଦ୍ମ ଲୋଚନ ବର୍ମା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ଉପସ୍ଥିତ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପଭବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ପତାକା ଉତ୍ତୋଳନ କରିଥିଲେ।

**ବୋଡ଼େନ(ଟିକେଶ୍ୱର ନାଗ):** ବୋଡ଼େନ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ପ୍ରେମସିଲା ନାଗ, ଜେଏମ୍‌ଏଫ୍‌ସି କୋର୍ଟରେ ମାଜିଷ୍ଟ୍ରେଟ ନରୋଜ କୁମାର ସାହୁ, ବୋଡ଼େନ ଥାନାରେ ଆଇଆଇସି ଗୋବିନ୍ଦ ମାଝି, କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ବିପିନ ଧାରୁଆ, ଶିଶୁ ମନ୍ଦିରରେ ସଭାପତି ଯୋଗେନ୍ଦ୍ର ମାଝି ପତାକା ଉତ୍ତୋଳନ କରିଥିଲେ। ବୋଡ଼େନ ହାଇସ୍କୁଲ ଖେଳ ପଡିଆରେ ବିଡ଼ିଓ ପ୍ରିୟରଞ୍ଜନ କୁମାର ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ସରିତା ଗୁପ୍ତା, ଥାନା ଭାରପ୍ରାପ୍ତ ଅଧିକାରୀ ଗୋବିନ୍ଦ ମାଝି, ବିଇଓ ରୁଦ୍ରେଶ୍ୱର ମେହେର, ନାଗରିକ ମଞ୍ଚ ସଭାପତି ଭୁବନେଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଂସ ନିଧନ, ଉଦ୍‌ଯାପିତ ହେଲା ଗୋଛାଗୋରାର କଂସ ଦରବାର

**ଖୁଣ୍ଟିଗୋରା,୨୭।୧(ମକରନ୍ଦ ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧିନ ଖୁଣ୍ଟିଗୋରା ପଞ୍ଚାୟତ ଗୋଛାଗୋରା ଭୀମବୁଢା ଯାତ୍ରା ପଡିଆରେ ଆୟୋଜିତ ହୋଇଥିବା କଂସ ଦରବାର ଶନିବାର ଉଦ୍‌ଯାପିତ ହୋଇଯାଇଛି । ପୁଷପୁନି ତିହାର ଅବସରରେ ଭୀମବୁଢ଼ା କୃଷି ମହୋତ୍ସବ କମିଟି ପକ୍ଷରୁ ମା’ ଭୈରବୀ କଳା ପରିଷଦ ପଳଶାଗୋରାର କଳାକାରମାନଙ୍କ ଦ୍ୱାରା ମଞ୍ଚ ନାଟକ କଂସ ଦରବାର ୪ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ରାଜଅତିଥିଭାବେ ଶିକ୍ଷାବିତ ନୀଳାଚଳ ଭୋଇ, ଖୁଣ୍ଟିଗୋରା ସରପଞ୍ଚ ପ୍ରତିନିଧି ଧିରୋଜ ଭୋଇ, ଆଦିବାସୀ ନେତା ପିତାମ୍ବର ଭୋଇ, କମିଟି ସଭାପତି ନିର୍ମଳ କୁମାର ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସିନଥିଲେ । ସାଂସ୍କୃତିକ ମଞ୍ଚରେ ଗୋପପୁରରେ ଅକ୍ରୁରଙ୍କୁ ସ୍ୱାଗତ, ଶ୍ରୀକୃଷ୍ଣ ବଳରାମଙ୍କ ମଥୁରା ଆଗମନ, ଗୋପାଙ୍ଗନାଙ୍କ ଅଶୃଳ ବିଦାୟ ଦୃଶ୍ୟ ସହିତ ମଥୁରା ନଗରୀରେ ଅଷ୍ଟମଲ୍ଲ ନିଧନ, ମଞ୍ଚରୁ ପଡି ଦୈତ୍ୟରାଜ କଂସଙ୍କ ମୃତ୍ୟୁ ଦୃଶ୍ୟ ପରିବେଷଣ ହୋଇଥିଲା । କଂସ ଭୂମିକାରେ ଅଭିନୟ କରିଥିବା ବିଶିଷ୍ଟ କଳାକାର ମନୋଜ ମହାନ୍ତି ଏବଂ ଅଭିନୟ କରିଥିବା ସମସ୍ତ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟି ସମ୍ପାଦକ ଶଙ୍କର୍ଷଣ ଭୋଇ, ସହସମ୍ପାଦକ ଦେବେନ୍ଦ୍ର କୁଦେଇ, ଉପସଭାପତି ସୁଧାଂଶୁ ଭୋଇ ଏବଂ ଅଞ୍ଚଳବାସୀ ସହଯୋଗ କରିଥିଲେ । ସୁଶାନ୍ତ ବାରିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ।

### ସମାଜର ଉନ୍ନତି ପାଇଁ ଶିକ୍ଷାର ବିକାଶ ଆବଶ୍ୟକ

**ଅମରପାଲି,୨୭।୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରୁଦ୍ରାକ୍ଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବାର୍ଷିକ ଉତ୍ସବରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହୋଇ ପାଠ ପଢିବା ସହିତ କଠିନ ପରିଶ୍ରମ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ବିକାଶ ସମିତିର ଦକ୍ଷିଣ-ପଶ୍ଚିମ ସମ୍ଭାଗର କୋଷାଧ୍ୟକ୍ଷ ଦତ୍ତାତ୍ରୟ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ଉନ୍ନତି ପାଇଁ ଶିକ୍ଷାର ବିକାଶ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ରାଜେନ୍ଦ୍ର କୁମାର ପଧାନ ବିବରଣୀ ପାଠ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ସନ୍ତୋଷିନୀ ସାମନ୍ତରା ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଅସହାୟ ମହିଳାଙ୍କ ମୃତଦେହ ଦାହକଲେ ସତ୍ୟସାଇ ସେବା ସଙ୍ଗଠନ କର୍ମକର୍ତ୍ତା

**ବୌଦ୍ଧ,୨୭।୧(ଅଜିତ କୁମାର ବାରିକ):** ବୌଦ୍ଧ ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା ଜଣେ ଅସହାୟା ମହିଳାଙ୍କ ମୃତଦେହ ଦାହ କରି ମହାନତା ଦେଖାଇଛନ୍ତି । ବୌଦ୍ଧସ୍ଥିତ କୁଷ୍ଠାଶ୍ରମର ଅନ୍ତେବାସୀ ତପସ୍ୟା କୁମ୍ଭାର ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ବହୁଦିନ ଧରି ଶଯ୍ୟାଶାୟୀ ରହିବା ପରେ ଶୁକ୍ରବାର ଭୋର ତାଙ୍କର ମୃତ୍ୟୁ ଘଟିଥିଲା । ତପସ୍ୟାଙ୍କ ଝିଅ ବିଳାସିନୀ ମହାନନ୍ଦିଆ ଦୀର୍ଘ ଦିନ ଧରି ନିଜ ରୋଗିଣା ମା’ଙ୍କ ଯତ୍ନ ନେଉଥିଲେ । ମା’ଙ୍କ ମୃତ୍ୟ ପରେ ସେ ସମ୍ପୂର୍ଣ୍ଣଅସହାୟ ହୋଇ ଯାଇଥିଲେ । ମା’ଙ୍କ ଶେଷକୃତ୍ୟ ପାଇଁ ବିଳାସିନୀ ଅସାମର୍ଥ୍ୟତା ପ୍ରକାଶ କରିବା ସହିତ ସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ଡା ପ୍ରିୟବ୍ରତ ବେହେରାଙ୍କୁ ଯୋଗାଯୋଗ କରିଥିଲେ । ବିଳାସିନୀ ତଥା କୁଷ୍ଠାଶ୍ରର ଅନ୍ତେବାସୀମାନଙ୍କ ଅନୁରୋଧ କ୍ରମେ ଡ଼ା. ବେହେରା ତାଙ୍କର ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାନୀୟ ଶ୍ମଶାନ ନିର୍ବାଣ ଧାମରେ ତପସ୍ୟାଙ୍କ ଶେଷ କୃତ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟରେ ସଙ୍ଗଠନର ଯୁବ ସ୍ୱେଚ୍ଛାସେବୀ ଅଞ୍ଜନ ମହାରଣା, କେଶବନନ୍ଦ ବେହେରା, ସମୀର କର୍ଣ୍ଣ, ଦେବେନ୍ଦ୍ର ମହାରଣା, ସୁନୀଲ ବଘାର, ନାରାୟଣ ମହାରଣା ପ୍ରମୁଖ ସହଯୋଗ ପୂର୍ବକ ଶେଷ କୃତ୍ୟ ସମ୍ପାଦନ କରିଥିଲେ ।

# ଯୁବ ସମାଜର କାର୍ଯ୍ୟଦକ୍ଷତାରେ ବିକାଶ ସମ୍ଭବ

**ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ କଲେଜ ପ୍ରାଙ୍ଗଣରେ ଶୁକ୍ରବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସମାରୋହରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏସ୍‌ପି ପି.ଏସ୍ ମୀନା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ଉପସ୍ଥିତିରେ ଫିଲ୍ଡ କମାଣ୍ଡର ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ୩୧ପ୍ଲାଟୁନ ମାର୍ଚ୍ଚପାଷ୍ଟ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ବାନାର୍ଜୀ ଭାରତର ମହାନ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଉଦ୍‌ବୋଧନ ଦେଇ କହିଥିଲେ, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୁବପିଢ଼ିଙ୍କୁ ଜାଗ୍ରତ କରି ପ୍ରଗତିଶୀଳ ଓଡ଼ିଶା ଗଠନରେ ସହାୟକ ହୋଇପାରିଛି । କୃଷି, ପର୍ଯ୍ୟଟନ, କଳା ଓ ସଂସ୍କୃତି ଆଦି କ୍ଷେତ୍ରରେ ବରଗଡ଼ ଜିଲା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବିକାଶ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଯୁବ ସମାଜର କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାପର ଉଦ୍ୟମ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ୬ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ଗୁରୁକୁଳ ଡ୍ୟାନ୍ସ ଏକାଡ଼େମୀ, ଏଇଏମ ଇଂରାଜୀ ମାଧ୍ୟମ ସ୍କୁଲ, ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ୱେଲଫେୟାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ପରେଡ୍ ପ୍ରତିଯୋଗିତାରେ ବିଭିନ୍ନ ଦଳ କୃତିତ୍ୱ ଅର୍ଜନ କରିଥିଲେ । ପୋଲିସ ବିଭାଗ ପକ୍ଷରୁ ଡଗ୍ ଶୋ ପ୍ରଦର୍ଶନ କରାଯାଇଥିଲା ।


ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବରଗଡ଼ ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି ।


କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରୁଛନ୍ତି ।

ମୁଖ୍ୟଅତିଥି ସବ୍‌ଜେଲ ଏବଂ ଡାକ୍ତରଖାନା ଅନ୍ତେବାସୀଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସକାଳେ ସହରସ୍ଥିତ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେର, ବି.ଆର ଆମ୍ବେଦ୍‌କର, ପାର୍ବତୀ ଗିରି, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

କ୍ରୀଷ୍ଣା ବିକାଶ ଏସିସି ସିମେଣ୍ଟନଗର ଇଂରାଜୀ ମାଧ୍ୟମ ସ୍କୁଲରେ ଏସିସିର ପ୍ରଡକ୍ସନ ହେଡ୍ ସୁନୀଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ସଭାପତିତ୍ୱ କରିଥିଲେ । ସେକେଣ୍ଡ ଇନ୍ କମାଣ୍ଡ ବାପୁନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ପଦ୍ମଶ୍ରୀ ମନୋନୀତ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହ ପତାକା ଉତ୍ତୋଳନ କରିଥିଲେ । ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା, ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ରାମ ତୁଳସୀ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି, ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ । ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଡାଇରେକ୍ଟର ଅଜିତ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିଆ, ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ସାପଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବରଗଡ଼ର ମାହେଶ୍ୱରୀ ନର୍ସିଂ କଲେଜରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରାମକୃଷ୍ଣ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ । କଲେଜ ଅଧ୍ୟକ୍ଷା ସୁନୀତାରାଣୀ ବାଗ ରୋଗୀସେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ । ଅଧ୍ୟାପକ ଡା. ଅରୂପାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରପାଲି ହାଇସ୍କୁଲ୍ ଖେଳ ପଡ଼ିଆରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହିର, ଜାତୀୟ ଦିବସ ପାଳନ କମିଟି ସଭାପତି ତଥା ବରପାଲି ତହସିଲଦାର ରକ୍ମଣ ମେହେର, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଥାନାଧିକାରୀ ଜୟରଶ୍ମୀ ସେଠୀ, ବିଇଓ ମୁକୁନ୍ଦ ମାହାର, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଓକିଲ ସଂଘ ସଭାପତି ଆନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଅଲେଖ ମହାନନ୍ଦ, ଶିକ୍ଷକ ସରୋଜ ମେହେର କାର୍ଯ୍ୟକ୍ରମ ସଂଯୋଜନା କିରଥିବା ବେଳେ ପିଇଟି ମନୋଜ ସାହୁଙ୍କ ନେତୃତ୍ୱରେ ପରେଡ ପରିଚାଳନା ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

**ସୋହେଲା (ଅଶ୍ୱିନୀ କୁମାର ପାତ୍ର):** ସୋହେଲା ଖେଳପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ରଦିବସ ପାଳିତ ହୋଇଯାଇଛି । ତହସିଲଦାର ହରିଓମ୍ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ବବି ପଧାନ, ବିଡିଓ ସୁରେନ୍ଦ୍ର ମେହେର, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଗିରିଜା ଶଙ୍କର ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ସୁଶାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ । ସୋହେଲା କଲେଜର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

**ପଦ୍ମପୁର(ପ୍ରଦୀପ୍ତ ଦାଶ):** ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସମ୍ପାଦକ ଜନକଲାଲ ମେହେର ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ଦେଇଥିଲେ । ସଂଜୀବ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବିଦ୍ୟା ମନ୍ଦିର ପରିସରରେ ସଭାପତି ପୃଥ୍ୱୀରାଜ ସାହୁ ପତାକା ଉତ୍ତୋଳନ ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦେବରାଜ ଉନସନା ଧନ୍ୟବାଦ ଅର୍ପଣ କରିଥିଲେ ।

### ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର

**ପାଇକମାଲ,୨୭।୧(ବଡ ଶତପଥୀ)**

ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଗତ ୨୫ ତାରିଖରେ ସମ୍ପନ୍ନ ହୋଇଛି । ଏଥିରେ ଅଭିନୟ କରିଥିବା କଂସ ଅଭିନେତା ହୃଷୀକେଶ ଭୋଇ ପାପ ମୋଚନ ପାଇଁ ପୁରୀ ମହୋଦଧିରେ ବୁଡ଼ ପକାଇବାକୁ ଯାଇଥିବା ବେଳେ ଅନ୍ୟ ପାତ୍ରମନ୍ତ୍ରୀ, ପାରିଷଦ ଗଣ ଶୁକ୍ରବାର ନୃସିଂହନାଥ ମନ୍ଦିର ଆସି ପାପନାଶିନୀ ଝରଣାର ଗୋକୁଣ୍ଡ ଘାଟରେ ବୁଡ଼ ପକାଇଥିଲେ । ଏହାପରେ ସେମାନେ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିଥିଲେ । ଏହି କଳାକାରଙ୍କ ମଧ୍ୟରେ ନନ୍ଦିଘୋଷ ମହାପାତ୍ର (ମହାମନ୍ତ୍ରୀ), ସେବାନନ୍ଦ ନାୟକ (ମନ୍ତ୍ରୀ, ସାର୍ଥକୀ), ସୁରେଶ ଚନ୍ଦ୍ର ଆଚାର୍ଯ୍ୟ (ମଲ୍ଲ ଚାଣୁର), ହୃଷୀକେଶ ରଣା (ସେନାପତି), ସୁଦାମ ଭୋଇ (କେସି ଦୈତ୍ୟ), ପ୍ରକାଶ ପାତ୍ର (ପ୍ରହରୀ), ଭାରତ ସାହୁ (ପ୍ରହରୀ), ରୋହିତ ଭୋଇ (ଛାୟା କଂସ), ଭଗବାନ ପାଣ୍ଡେ (ମର୍କଟ ରାଜା), ପ୍ରହଲ୍ଲାଦ କୁମାର ମାହାନା ପ୍ରମୁଖ ରହିଛନ୍ତି । ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବୈଶାଖୀ ମେଳା କମିଟି ସଦସ୍ୟ ବଡ ଶତପଥୀ, ସୁରଥ ସାହୁ, ସୁବୋଧ ପଣ୍ଡା ପ୍ରମୁଖ ଏହି କଳାମାରଙ୍କୁ ସ୍ୱାଗତ କରିଥିଲେ ।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ତରଭା,୨୭।୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଚାରଭଟା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତି ଦେଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ଓ ଓଡ଼ିଆ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ । ଚାରଭଟା ମହାବିଦ୍ୟାଳୟର ଅଧ୍ୟକ୍ଷ ମୁସଲେମିନ୍ ମହମ୍ମଦ ସଭାରେ ଅଧ୍ୟକ୍ଷତା କରିଥିଲେ । ନୂଆ ଓ ପରିଚାଳିକା ପ୍ରମିଳା ପଣ୍ଡା ଓଡ଼ିଆ ସାହିତ୍ୟର ଇତିହାସ ଏବଂ ଜଗନ୍ନାଥ ସଂସ୍କୃତିର ଅୟମାରମ୍ଭ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ପ୍ରଦୀପ ପୂଝାରୀ ଓ ତାରାଶଙ୍କର ଗୁରୁ ମଞ୍ଚାସୀନ ଥିଲେ ।

# ଶହୀଦଙ୍କ ସ୍ମୃତିଚାରଣ କଲେ ଛତିଶଗଡ଼ ରାଜ୍ୟପାଳ

**ସୋହେଲା,୨୭।୧(ଅଶ୍ୱିନୀ କୁମାର ପାତ୍ର)**

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବରଗଡ଼ ଜିଲା ସୋହେଲା ବ୍ଲକର ଘେଁସ ଗ୍ରାମକୁ ଗସ୍ତ କରିଥିଲେ । ତାଙ୍କ ଗସ୍ତ ସମୟରେ ସେ ଶହୀଦ ମାଧୋ ସିଂ ଏବଂ ତାଙ୍କ ଦାୟାଦ ଯୋଗେନ୍ଦ୍ର ନାଥ ସିଂ ବରିହାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାସହ ରାଜ୍ୟପାଳ ଘେଁସ ସରସତୀ ଶିଶୁ ମନ୍ଦିର ଓ ରାଜବାଟି ବୁଲି ଦେଖିଥିଲେ । ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବରଗଡ଼ ଜିଲା ଭାଜପା ଉପସଭାପତି ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଘେଁସ ଜମିଦାରଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଶହୀଦ ମାଧୋ ସିଂ ତାଙ୍କ ୪ପୁଅଙ୍କ ବିରଳ ତ୍ୟାଗ ଏବଂ ସଂଗ୍ରାମ ବିଷୟରେ ଉଲ୍ଲେଖ କରିଥିଲେ । ଇତିହାସରେ ଗୋଟିଏ ପରିବାରର ତିନୋଟି ପିଢି ବଳିଦାନ ଦେବା ବିରଳ । ଏ ବିଷୟ ଇତିହାସରେ ସ୍ଥାନ ପାଇବାକୁ ଯୋଗ୍ୟ । ଏଥିପାଇଁ ପ୍ରୟାସ କରିବେ ବୋଲି ରାଜ୍ୟପାଳ କହିଥିଲେ । ଏହି ଅବସରରେ ଶହୀଦ କୁଞ୍ଜେଲ ସିଂ କ୍ଲବ ପକ୍ଷରୁ ରାଜ୍ୟପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଭାଜପା ଯୁବନେତା ଇରାସିସ୍ ଆଚାର୍ଯ୍ୟ, ସୌରୀଚରଣ ବାରିକ, ମହମ୍ମଦ ରଫିକ, ଅଶିନୀ ଷଡଙ୍ଗୀ, ଡ. ମୁରଲି କ୍ରିଷ୍ଣା, ଡା. ଅରୂପା ସାହୁ , ଡା. ରାମକୃଷ୍ଣ ପୁରୋହିତ, ଲିପ୍‌ସିତ ମିଶ୍ର, ଦିବ୍ୟଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।


ଛତିଶଗଡ଼ ରାଜ୍ୟପାଳ ଶହୀଦଙ୍କୁ ସମ୍ମାନ ଜଣାଉଛନ୍ତି ।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ପଦ୍ମପୁର,୨୭।୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ମମତା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରାଜନୀତି ବିଜ୍ଞାନର ଅଧ୍ୟାପିକା ସସ୍ମିତା ସାହୁ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ସଂସ୍କୃତ ବିଭାଗ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦାସ, ଅର୍ଥନୀତି ଅଧ୍ୟାପକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ଓଡ଼ିଆ ଅଧ୍ୟାପିକା ଅମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।

# ଅସୁରଗଡ଼ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା




**ମନମୁଣ୍ଡା,୨୭।୧(ବେଣୁଧର ପ୍ରଧାନ)**

କଣ୍ଟାମାଳ ବ୍ଲକ ମନମୁଣ୍ଡା ତେଲନଦୀ କୂଳରେ ଶନିବାର ଆୟୋଜିତ ପ୍ରଥମ ଅସୁରଗଡ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ ସଭାରେ ବିରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ,ବୟନିକା ସଭାପତି ପ୍ରକାଶ ମେହେର ପ୍ରମୁଖଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ ।ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଉପଭୋଗ କରିଥିଲେ ।

# ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

**ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ପୂର୍ଣ୍ଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଜାରିଂ କ୍ଲଷ୍ଟରର ସିଆରସିସି ରାଜେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ବିନୋଦ କୁମାର ତନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିଆରସିସି ଅଭିରାମ ବାରିକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କୃଷ୍ଣ ସାହୁ, ସାମାଜିକ କର୍ମୀ ପଙ୍କଜିନୀ ଦନ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସ୍କୁଲ ପରିଚାଳନା କମିଟି ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ବିନିତ ନାଗ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ସବିତା ଭୋଇ ଅତିଥି ପରିଚୟ ପ୍ରଦାନ ଓ କୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଡୁମାଲ ସମାଜର ମା’ ମହେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ

**ଘଣ୍ଟାପଡ଼ା,୨୭।୧(ପ୍ରଭାତ କୁମାର ସାହୁ )**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଖମନମୁଣ୍ଡା ପଞ୍ଚାୟତ ଦିଗୁନମାଳଠାରେ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ନିଷ୍ଠା, କାଷ୍ଠା ଓ ସମର୍ପଣର ଉତ୍ସବ ମା’ ମାହେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳୁ ବିଭିନ୍ନ ଗ୍ରାମର ମାହେଶ୍ୱରୀ ପୀଠରୁ ମଶାଲ ଶୋଭାଯାତ୍ରା ସହିତ ପୁଷ୍କରିଣୀରୁ ପବିତ୍ର ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ସଭାରେ ଡୁମାଲ ସମାଜର ପୂର୍ବତନ ରାଜ୍ୟ ସମ୍ପାଦକ ଗୌତମ କ୍ଷେତୀ ମୁଖ୍ୟଅତିଥି, କେନ୍ଦ୍ର ସଭାପତି ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଅନନ୍ତ ଚରଣ କ୍ଷେତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡୁମାଲ ସମାଜର ଅସ୍ମିତା, ନାରୀଶିକ୍ଷା, ଏକତା ଓ ସାମାଜର ସାମ୍ବିଧାନିକ ବିଧିବ୍ୟବସ୍ଥା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶଚନ୍ଦ୍ର ମେଣ୍ଡିଲି ସଭାପତିତ୍ୱ କରିଥିଲେ । ଭାଗିରଥି କର୍ମୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ନିଜ ଜାତିର କବି, ସାମ୍ବାଦିକ, ସମାଜିକ କର୍ମୀ, ନିର୍ଦ୍ଦେଶକ ଆଦି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଭାର୍ଜନ କୁମାର ପ୍ରଧାନ, ସୀତାକାନ୍ତ ସିଂ, ରଞ୍ଜନ ପାତ୍ର, ଅଜିତ ବସ୍ତିଆ, ରଞ୍ଜୁ ଅମାତ ଓ ଶିବ କର୍ମଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ୨ୟ ଅଧିବେଶନରେ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧ୍ୟକ୍ଷ ମଣ୍ଟୁ ଖମାରୀ ମୁଖ୍ୟଅତିଥି, ଖବରଦାତା ଦିବ୍ୟଶଙ୍କର ରାଉତ ମୁଖ୍ୟବକ୍ତା, ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଲଣ୍ଡାପଥର ସରପଞ୍ଚ ଦେବନ୍ତୀ କ୍ଷେତୀ, ନାରାୟଣପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପରେ ସଂଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀଙ୍କ ଜିଁ ଥିଲେ ଜୀବ୍କା ସମ୍ବଲପୁରୀ ମେଲୋଡି ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ।

## ଆଜି କ'ଣ କେଉଁଠି

**ରାଉରକେଲା**

- କଥା ସାହିତ୍ୟ ଦିବସ, ସେକ୍ଟର-୫ କଲଚରାଲ ଏକାଡେମୀ, ସକାଳ ସାଢେ ୧୦ଟା।
- ୩ୟ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ମହୋତ୍ସବ, ସିଭିକ ସେଣ୍ଟର, ଅପରାହ୍ନ ୪ଟା।
- ସରକାରୀ ସ୍ୱୟଂଶାସିତ କଲେଜରେ ଜାତୀୟ ମତଦାତା ଦିବସ, ପାନପୋଷ, ସକାଳ ୧୧ଟା।
- ପ୍ରକାଶ ସ୍ମାରକୀ ସେମି ଫାଇନାଲ, ଡିଏଭି ପଡିଆ, ସକାଳ ୧୧ଟା।
- ନୃତ୍ୟ ପ୍ରତିଯୋଗିତା ଫାଇନାଲ, ସେକ୍ଟର-୨, ସନ୍ଧ୍ୟା ୫ଟା।
- କ୍ଷତ୍ରୀୟ ଖଣ୍ଡାୟତ ମହାସଭାର ପ୍ରସ୍ତୁତି ବୈଠକ, ସେକ୍ଟର-୩ ଖଡଗ ଭବନ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକ ମୃତ

**ରାଉରକେଲା,୨୭।୧(ସଙ୍ଗୀତା ଜେନା):** ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ମେନ୍‌ରୋଡ୍‌ରେ ଗତ ୨୨ ତାରିଖ ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଆହତ ଯୁବକ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ଝିରପାଣି ପମ୍ପହାଉସ ନିକଟରେ ରହୁଥିବା ଗୋପାଳକୃଷ୍ଣ ଶତପଥୀ(୩୮)। ଏ ନେଇ ଏକ ମାମଲା (ନଂ.୨୪/୨୪) ରୁଜୁକରି ପୋଲିସ ତଦନ୍ତ କରୁଛି। ଗୋପାଳ ଦୁର୍ଘଟଣାର ଶିକାର ହୋଇ ପ୍ରଥମେ ଆର୍‌ଜିଏଚ୍ ଓ ପରେ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

### କ୍ୱାର୍ଟର ଫାଇନାଲରେ ୱାଇସିସି ସିନିୟର

**ରାଉରକେଲା,୨୭।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟରେ ୱାଇସିସି ସିନିୟର ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟରେ ଶନିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ୱାଇସିସି ସିନିୟର ଓ ବୀରମିତ୍ରପୁର ମଧ୍ୟରେ ଖେଳାଯାଇଥିଲା। ବୀରମିତ୍ରପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶନି ସର୍ବାଧିକ ୩୦ ରନ କରିଥିଲେ। ଏହି ରନ୍‌ର ଲକ୍ଷ୍ୟ ନେଇ ୱାଇସିସି ସିନିୟର ଦଳ ୧୯ ଓଭରରେ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁଜଲ କୁମାର ସିଂ ସର୍ବାଧିକ ୬୨ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ୱାଇସିସି ଜୁନିୟର ଓ ୱାଇସିସି ସିନିୟର ମଧ୍ୟରେ ଖେଳା ଯାଇଥିଲା। ଏଥିରେ ୱାଇସିସି ସିନିୟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନାୟକ ସାହା ସର୍ବାଧିକ ୨୮ ରନ କରିଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ୱାଇସିସି ଜୁନିୟର ଦଳ ମାତ୍ର ୭୨ ରନରେ ଅଲଆଉଟ୍ ହୋଇ ପରାଜିତ ହୋଇଥିଲା। ୱାଇସିସି ସିନିୟର ଦଳ ପକ୍ଷରୁ ନିରୋଜ ସାହୁ ୪ ଓଭରରେ ୧୩ରନ ଦେଇ ୪ ଉଇକେଟ ନେଇଥିଲେ। ଆଜିର ମ୍ୟାଚ୍‌ରେ ସୁଜଲ କୁମାର ସିଂ ଓ ନିରୋଜ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍‌କୁ ଅଭିଷେକ ସାଜୁଆଲ ଓ ଅଭିନାଷ ନାୟକ, ବିଶ୍ୱଜିତ ସାହୁ, ଆଦିତ୍ୟ ସାଗର ଖେଳ ପରିଚାଳନା କରିଥିଲେ। ରବିବାର ରାଞ୍ଚି ଓ ଆରଏସ୍‌ପି ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବର ସଭାପତି ବାନାମ୍ବର ସାହୁ ସୂଚନା ଦେଇଛନ୍ତି।

### ରକ୍ତଦାନ ଶିବିର, ୨୨ୟୁନିଟ୍ ସଂଗ୍ରହ

**ରାଉରକେଲା,୨୭।୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୧୬ ସ୍ଥିତ ଦୁର୍ଗାପୂଜା ମଣ୍ଡପ ପ୍ରାଙ୍ଗଣରେ ଶନିବାର ରାଉରକେଲା ସହରର ମାନବିକତା ପରିବାର ପକ୍ଷରୁ ୯ମ ପର୍ଯ୍ୟାୟ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବାବୁ ମହାନ୍ତିଙ୍କ ପୃଷ୍ଠପୋଷକତା ଓ ରାଜେଶ ମଣ୍ଡଳ, ସୋନୁ ସିଂଙ୍କ ଦ୍ୱାରା ଆୟୋଜିତ ଶିବିରକୁ ଅନୁଷ୍ଠାନର ଅଧ୍ୟକ୍ଷ ତଥା ରଘୁନାଥପାଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୨ୟୁନିଟ ରକ୍ତ ସଂଗ୍ରହ ହୋଇ ଆରଜିଏଚ୍‌କୁ ପ୍ରଦାନ କରାଯାଇଥିଲା। ଶିବିରରେ ରାଜୁ ଖାଡିଆ, ଅମ୍ରିତ ସିଂ, ମୁକେଶ କୁମାର, ଚିତ୍ତରଞ୍ଜନ ଲେଙ୍କା, ରାଜପାଳ ସିଂ, ଆଲୋକ ମାହାତୋ, ସରୋଜ ନାୟକ ଓ ବସିଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ସାମଗ୍ରିକ ବିକାଶ, ସ୍ୱଚ୍ଛତା ପାଇଁ ସଂକଳ୍ପବଦ୍ଧ ହୁଅ

**ରାଉରକେଲାରେ ୭୫ତମ ସାଧାରଣତନ୍ତ୍ର ଦିବସ**

**ରାଉରକେଲା,୨୭।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ମାର୍ଟସିଟି ସହରାଞ୍ଚଳ ଅଧୀନ ୩୧୭ ସରକାରୀ ଏବଂ ବେସରକାରୀ ସ୍କୁଲରେ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହେବା ସହ ଭାରତ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ମହାପୁରୁଷଙ୍କ ଜୟଗାନ କରାଯାଇଥିଲା।

ସେହିପରି ରାଉରକେଲା ମହାନଗର ନିଗମ ତରଫରୁ ଉଦିତନଗର ପାରେଡ ଗ୍ରାଉଣ୍ଡରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ରାଉରକେଲାର ସାମଗ୍ରିକ ବିକାଶ ସହିତ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ପାଇଁ ସହରର ଆବାଳବୃଦ୍ଧବନିତାଙ୍କ ସହ ଯୁବବର୍ଗ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ଦଳାଇ ତାଙ୍କ ବକ୍ତବ୍ୟରେ କହିଥିଲେ। ଜ୍ୟୋତି କୁମାର କିରୋଙ୍କ ନେତୃତ୍ୱରେ ପରେଡ୍ ହୋଇଥିଲା। ପରେଡରେ ୪୨ଟି ଦଳ ଅଂଶଗ୍ରହଣ କରିଥିଲେ। ସ୍କୁଲ ପିଲାଙ୍କ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କ୍ରୀଡାବିତ୍ ଓ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ମୁଖ୍ୟଅତିଥି ମୁଖ୍ୟ କାରାଗାର ଅନ୍ତେବାସୀ ଓ ଆର୍‌ଜିଏଚ୍‌ରେ ରୋଗୀମାନଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ନୀତିଶେଖର, ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଡିଆଇଜି ମିତ୍ରଭାନୁ ମହାପାତ୍ର, ପାନପୋଷ ଉପଜିଲାପାଳ ବିଜୟ ନାୟକ, ଆର୍‌ଡିଏ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକ, ଆରଏମସି ଡେପୁଟି କମିଶନର ସୁଧାଂଶୁ ଶେଖର ଭୋଇଙ୍କ ସମେତରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବିଭାଗୀୟ କର୍ମଚାରୀ ସୁନନ୍ଦା ସତ, ବଦ୍ରିନାଥ ରାଉତ, ଭମା ଅହିର ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# କରାଟେରେ ରାଉରକେଲାକୁ ସ୍ୱର୍ଣ୍ଣ ପଦକ

**ରାଉରକେଲା,୨୭।୧(ଦିନେଶ ମିଶ୍ର)**




ଅତିଥିମାନଙ୍କ ଗହଣରେ ସଫଳ ପ୍ରତିଯୋଗୀ।

ଓଡିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ(ଓସ୍କା) ଆନୁକୂଲ୍ୟରେ ଆୟୋଜିତ ୩୫ତମ ସିନିୟର ରାଜ୍ୟ କରାଟେ ପ୍ରତିଯୋଗିତାରେ ରାଉରକେଲା କରାଟେକାମାନେ ସଫଳତା ହାସଲ କରିଛନ୍ତି। ଏହି ଚାମ୍ପିୟନଶିପ୍ ଓସ୍କା ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଶିହାନ, ଡକ୍ଟର ଗୌରୀ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲା କରାଟେ ଆସୋସିଏଶନ ମାଧ୍ୟମରେ ୧୨୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏସିଆନ କରାଟେ ସଂଘର କାର୍ଯ୍ୟକାରୀ ସଭ୍ୟ ହାଂଶୀ ଭାରତ ଶର୍ମା ମୁଖ୍ୟ ଅତିଥି ଓ ଆଡଭୋକେଟ କାଳୀପ୍ରସାଦ ନନ୍ଦ, ସଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଉରକେଲା କରାଟେ ଆସୋସିଏଶନରୁ ଅଭିଷେକ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ କୁମିତେରେ ରକି ଖାଡିଆ ରୌପ୍ୟ ପଦକ, ନାରାୟଣ ପ୍ରଧାନ, ହିମାଂଶୁ ନାୟକ, ମୋନାଲିସା ମିଶ୍ର ଗୋଟିଏ ଲେଖାଏଁ କାଂସ୍ୟ ପଦକ ହାସଲ କରିଥିଲେ। ଏସୀୟ କରାଟେ ଜଜ୍ ରାଜୀବ ସିଂଙ୍କ ନେତୃତ୍ୱରେ ଏହି ଦଳ ଯାତ୍ରା କରିଥିବାବେଳେ ରଞ୍ଜନ କୁମାର ପାତ୍ର ମ୍ୟାନେଜର ଓ କୋଚ୍ ଦାୟିତ୍ୱ ତୁଲାଇଥିଲେ। ରାଉରକେଲାରେ ଏହି କରାଟେକାଙ୍କ ସଫଳତା ପାଇଁ ରାଉରକେଲା କରାଟେ ଆସୋସିଏଶନ ସଭାପତି ତଥା ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସହରସେବା ସଂଘ ଓ ବାସନ୍ତୀ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ସୌରଶକ୍ତି ଉତ୍ପାଦନ ପ୍ରକଳ୍ପ ଉଦ୍‌ଘାଟନ

**ରାଉରକେଲା,୨୭।୧(ସଙ୍ଗୀତା ଜେନା):** ରାଉରକେଲା ମହାନଗର (ଆର୍‌ଏମ୍‌ସି) ପକ୍ଷରୁ କାର୍ଯ୍ୟାଳୟ ଛାତ ଉପରେ ସୌରଶକ୍ତି ଉତ୍ପାଦନ ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରିଥିଲେ। ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ର, ଉପାୟୁକ୍ତ ସୁଧାଂଶୁ ଭୋଇ, ସୀତାଦେବୀ ମାଝୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟାଳୟରେ ବ୍ୟବହୃତ ବିଦ୍ୟୁତ୍ ଚାହିଦା ୭୧ କିଲୋୱାଟ ଥିବାବେଳେ ସୌର ପ୍ରକଳ୍ପ ମାଧ୍ୟମରେ ୫୮ କିଲୋୱାଟ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ଫଳରେ ପାରମ୍ପରିକ ବିଦ୍ୟୁତ୍ ବ୍ୟବହାର ହ୍ରାସ ପାଇବ ବୋଲି ଆର୍‌ଏମ୍‌ସି ପକ୍ଷରୁ କୁହାଯାଇଛି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

**ଲହୁଣୀପଡ଼ା,୨୭।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବରଘାଟ ଗ୍ରାମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରସୁଆଁର ଅନୁପ କୁମାର ଜେନା (୨୫) । ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବଣାଇଁ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

# ଘରୋଇ ବିଦ୍ୟୁତ୍ ସଂଯୋଗରେ ଚାଲିଛି ଉଦ୍ୟୋଗ

**ରାଉରକେଲା,୨୭।୧(ସଙ୍ଗୀତା ଜେନା)**

ରାଉରକେଲା ବିଦ୍ୟୁତ୍ ବିଭାଗ ଅଧୀନ କୋଏଲନଗର ସବ୍‌ଡିଭିଜନ ଅଞ୍ଚଳରେ ଥିବା ଘରୋଇ ବିଦ୍ୟୁତ୍ ସଂଯୋଗ ନେଇ ବ୍ୟବସାୟିକ ପ୍ରତିଷ୍ଠାନ ଚାଲିଛି। ଫଳରେ ବିପୁଳ ରାଜସ୍ୱ ହାନି ହେଉଛି।

ସୂଚନା ଅନୁସାରେ, କୋଏଲନଗର ସବ୍‌ଡିଭିଜନ ଅଧୀନରେ କୋଏଲନଗରର ୫ଟି ବ୍ଲକ, ଶକ୍ତିନଗର, ଜଗଦା, ଝିରପାଣି, ହମିରପୁର, ରାମଗଡ଼ ବସ୍ତି, କୁମ୍ଭାର ବସ୍ତି, ଧୋବି ବସ୍ତି, କଲ୍ୟାଣୀ ବସ୍ତି, ମିଶ୍ର ଖଟାଲ, ସେକ୍ଟର-୨୦ ପମ୍ପହାଉସ ଆଦି ଅଞ୍ଚଳ ରହିଛି। ଉକ୍ତ ସ୍ଥାନମାନଙ୍କରେ ପ୍ରାୟ ୧୪ ହଜାର ୨ଶହ ବିଦ୍ୟୁତ୍ ଗ୍ରାହକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୭୦୦ ଜଣଙ୍କ ବ୍ୟବସାୟିକ ବିଦ୍ୟୁତ୍ ସଂଯୋଗ ରହିଛି। ତେବେ ଉକ୍ତ ଅଞ୍ଚଳରେ ଘରୋଇ ବିଦ୍ୟୁତ୍ ସଂଯୋଗ ନେଇ କିଛି ଉଦ୍ୟୋଗ ଚାଲିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟିପିଡ଼ବ୍ଲ୍ୟୁଓଡ଼ିଏଲ୍ ଏସଡିଓ ଶୁଭାଷିତ ମହାନ୍ତିଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲା ସହରରେ ଏହି ସବ୍‌ଡିଭିଜନ୍‌ର ପ୍ରଦର୍ଶନ ଭଲ ରହିଛି। ପୂର୍ବଭଳି ଏହା ସମସ୍ୟା ବହୁଳ ହୋଇରହିନାହିଁ। ବେଆଇନ ବିଦ୍ୟୁତ୍ ବ୍ୟବହାରକାରୀଙ୍କ ଉପରେ କଡ଼ା ଦୃଷ୍ଟି ରଖାଯାଇଛି। ଅଭିଯୋଗ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ୧୨ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇସାରିଛି। ବିଭାଗୀୟ କର୍ମଚାରୀଙ୍କ ଅଭିଯୋଗକୁ ଆଧାର କରି ଏନଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରୁଛି। ଏହାବ୍ୟତୀତ ସାଧାରଣ ଲୋକଙ୍କୁ ଅନ୍‌ଲାଇନ୍ ଅଭିଯୋଗ ପଞ୍ଜୀକରଣ ସହ କୌଣସି ବେଆଇନ କାରବାର ସମ୍ପର୍କରେ ବୁର୍ଲା ସ୍ଥିତ ମୁଖ୍ୟାଳୟକୁ ସୂଚନା ପ୍ରଦାନ କରିବାକୁ ଆହ୍ୱାନ ଦିଆଯାଉଛି। ସେମାନଙ୍କ ପରିଚୟ ଗୁପ୍ତ ରଖି ବେଆଇନ ବିଦ୍ୟୁତ୍ ବ୍ୟବହାରକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ମହାନ୍ତି କହିଥିଲେ।

# ଡିଏଭି ଆଖଣ୍ଡଳମଣି ବସ୍ତିର ପ୍ରତିଷ୍ଠା ଦିବସ ପାଳିତ



ଅତିଥିମାନଙ୍କ ଗହଣରେ ବସ୍ତିବାସୀ।

**ରାଉରକେଲା,୨୭।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଆଖଣ୍ଡଳମଣି ବସ୍ତିର ନବମ ପ୍ରତିଷ୍ଠା ଦିବସ ସାମାଜିକ କର୍ମୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର ପାଳିତ ହୋଇଯାଇଛି। ବସ୍ତିର ବରିଷ୍ଠ ନାଗରିକ ସୁବାସ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଞ୍ଜ ସିଂ ଓ ସାମାଜିକ କର୍ମୀ ବାସୁ ବରାଳ ଉପସ୍ଥିତ ରହି ବସ୍ତି ଗଠନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଅବଦାନ ଉପରେ ମତ ପ୍ରକାଶ କରିଥିଲେ। ବସ୍ତିବସ୍ତିବାସୀଙ୍କ ଉପସ୍ଥିତିରେ ମିଷ୍ଟାନ ବଣ୍ଟନ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବସ୍ତିର ଶୁଶାନ୍ତ ବାରିକ, ଭ୍ରମରବର ଦାସ, ରାଜା ନାୟକ, କାଳୀଚରଣ ସିଂ, ମାନିନୀ ଜେନା, ପୂର୍ଣ୍ଣିମା ପରିଡା, ମିନତୀ ବରାଳ, ସସ୍ମିତା ଦାସ, ଗୀତାଞ୍ଜଳି ଦୀପ, ସୁନିତା ସିଂ, ଗୀତାଞ୍ଜଳି ନାୟକ,ରୀତା ବାରିକ, କବିତା ଜେନା, ପ୍ରସନ୍ନ ମହାନ୍ତି, ଅକ୍ଷୟ ପାଣି, ସନ୍ତୋଷ ରାୟଗୁରୁ, ଚନ୍ଦନ ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ହାତ ଛାଡ଼ି ପଦ୍ମ ଧରିଲେ ୪ ଥରର ବ୍ଲକ କଂଗ୍ରେସ ସଭାପତି



ଭାଜପାରେ ସାମିଲ ହୋଇଥିବା କର୍ମକର୍ତ୍ତାଗଣ।

**କୁଆଁରମୁଣ୍ଡା,୨୭।୧(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ପୁରୁଣାପାଣିରେ ୪ ଥରର ପୂର୍ବତନ କୁଆଁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ଜୟଶଙ୍କର ନନ୍ଦ ତାଙ୍କର ପୁରୁଣା ଦଳ ଛାଡି ଆନୁଷ୍ଠାନିକଭାବେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ କୁଆଁରମୁଣ୍ଡା ବ୍ଲକର ୨୨ରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀଙ୍କୁ ମଧ୍ୟ ଜୟଶଙ୍କର ଭାଜପାରେ ମିଶାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଭାଜପାର ନୀତି,ଆଦର୍ଶ ତାଙ୍କୁ ଭାଜପା ପ୍ରତି ଆକର୍ଷିତ କରିଛି ବୋଲି ଜୟଶଙ୍କର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଦଳର ବରିଷ୍ଠ ନେତ୍ରୀ ଲତିକା ପଟ୍ଟନାୟକ,ଭାଜପା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଦୋଳଗୋବିନ୍ଦ ଦାସ, ବରିଷ୍ଠ ନେତା ଲାଲୁ ସିଂଦେଓ, ରିନା ମେହେର ପ୍ରମୁଖଙ୍କ ସହ ବହୁ ଦଳୀୟ ପଦାଧିକାରୀ ଏଥିରେ ଉପସ୍ଥିତ ଥିଲେ।

# ମୋ ଓଡ଼ିଶା କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସର ବିରୋଧ

**ରାଉରକେଲା,୨୭।୧(ସଙ୍ଗୀତା ଜେନା)**

ରାଜ୍ୟରେ ବିଭିନ୍ନ କଲେଜରେ ଚାଲିଥିବା ମୋ ଓଡ଼ିଶା କାର୍ଯ୍ୟକ୍ରମକୁ ବିରୋଧ କରିଛି ଛାତ୍ର କଂଗ୍ରେସ। ଏହି କ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ନିର୍ଦ୍ଦେଶରେ ଶନିବାର ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ ଉଦିତନଗରର ଛକ ସମେତ ମ୍ୟୁନିସିପାଲ କଲେଜ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରୀଛାତ୍ରୀଙ୍କ ସୃଜନଶୀଳତାର ବିକାଶ ପାଇଁ ଏପରି କାର୍ଯ୍ୟକ୍ରମ କଲେଜମାନଙ୍କରେ କରାଯାଉଛି। ହେଲେ ଏଥିରେ ବାହାର କଳାକାରମାନଙ୍କ ଦ୍ୱାରା ମନୋରଞ୍ଜନ କରାଯାଉଛି। ତେଣୁ ନିଜ ଦଳର ପଟିଆରା ଦେଖାଇବାକୁ ଶାସକ ଦଳ ଏପରି କାର୍ଯ୍ୟକଳାପ କରୁଛି ବୋଲି ଯୁବ କଂଗ୍ରେସ କର୍ମୀମାନେ ଅଭିଯୋଗ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଡିସିସି ସଭାପତି ରଶ୍ମୀ ପାଢ଼ୀ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ସଦ୍ଦାଫ ଅହମ୍ମଦ, ଇଜାଜ୍ ଅଖତାର, ଛାତ୍ର କଂଗ୍ରେସ ସଭାପତି ଅଜୟ କୁର୍ମୀ, ଅନୁରାଗ ବିଶ୍ୱାଳ, ଏମଡ଼ି ଆଫ୍ରିଦି, ଆଦିତ୍ୟ ସାହୁ , ଶିବୁ ଦୀପ୍ ପ୍ରମୁଖ ଉପସ୍ଥିତ ଥିଲେ।




ମ୍ୟୁନିସିପାଲ କଲେଜରେ ବିକ୍ଷୋଭରତ ଛାତ୍ର କଂଗ୍ରେସ କର୍ମୀ।

# ଟ୍ରାଫିକ୍ ଜାମ୍ କରୁଛି ବେଆଇନ ପାର୍କିଂ

**ରାଉରକେଲା,୨୭।୧(ବିପ୍ଳବ ରଞ୍ଜନ ଦାଶ)**



ଡେଲିମାର୍କେଟ-ପାନପୋଷ ଛକରେ ବେଆଇନ କାର୍ ପାର୍କିଂ ହୋଇଛି।

ରାଉରକେଲା ଡେଲି ମାର୍କେଟରୁ ପାନପୋଷ ୧୦ କି.ମି. ରାସ୍ତାରେ ବେଆଇନ ପାର୍କିଂ ବଢିବାରେ ଲାଗିଛି। ଫଳରେ ଅନ୍ୟ ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଦୁର୍ଘଟଣା ମଧ୍ୟ ଘଟୁଛି। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ସୂଚନା ଅନୁସାରେ, ଡେଲି ମାର୍କେଟରୁ ପାନପୋଷ ମଧ୍ୟରେ ଉଦିତନଗର, ଏସ୍‌ଟିଆଇ, ଆଇଟିଆଇ, ପାନପୋଷ ଓ ସିଟିଆଇ ଭଳି ଜନବହୁଳ ଛକ ରହିଛି। ସେହିପରି ଏହି ରାସ୍ତାରେ ସରକାରୀ ସ୍ୱୟଂଶାସିତ କଲେଜ ସମେତ ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଜେଏମ୍‌ଏଫ୍‌ସି କୋର୍ଟ, ନିୟୋଜନ ଅଫିସ, ଜିଏସ୍‌ଟି ଅଫିସ, ଆର୍‌ଜିଏଚ୍, ଏସ୍‌ପି ଅଫିସ, ପରିବହନ, ଶ୍ରମ କାର୍ଯ୍ୟାଳୟ, ଶିଳ୍ପକେନ୍ଦ୍ର ଏବଂ ଥାନା ମଧ୍ୟ ରହିଛି। ସହରର ୭୦ଭାଗ ଏବଂ ରାଉରକେଲା, ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ଅଧିକାଂଶ ଲୋକ ଏହି ରାସ୍ତାରେ ବିଭିନ୍ନ ଅଫିସକୁ ଯିବାଆସିବା କରନ୍ତି। ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନକୁ ଯାଆନ୍ତି। ମାତ୍ର ଏହି ରାସ୍ତାରେ ବେଆଇନ ଯାନବାହନ ପାର୍କିଂ ଯୋଗୁ ସବୁବେଳେ ଟ୍ରାଫିକ୍ ଜାମ୍ ରହୁଛି। ଫଳରେ ଲୋକମାନଙ୍କୁ ୧କି.ମି. ବାଟ ପାଇଁ ଘଣ୍ଟା ଘଣ୍ଟା ଅଟକିବାକୁ ପଡୁଛି। ଏପରିକି ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାରେ ଏହି ପାର୍କିଂ ଅନ୍ତରାୟ ସୃଷ୍ଟି କରୁଛି। ରାଉରକେଲା ପରିବହନ ବିଭାଗ ଓ ଟ୍ରାଫିକ ପୋଲିସ ଆର୍‌ଡିଏ ଅଧୀନ ଏହି ରାସ୍ତାରେ ଟ୍ରାଫିକ୍ ଜାମ୍ ସମସ୍ୟା ସମାଧାନରେ ବିଫଳ ହୋଇଛି। ଯାନବାହନ ପାର୍କିଂ ଟର୍ମିନାଲ ଅଭାବ, ଟ୍ରାଫିକ ନିୟନ୍ତ୍ରଣ ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ରହିଥିବାରୁ ଏହି ସମସ୍ୟାର ସମାଧାନ ହୋଇପାରୁ ନ ଥିବା କୁହାଯାଉଛି।

ଉଲ୍ଲେଖନୀୟ, ଉକ୍ତ ରାସ୍ତାରେ ସକାଳ ୬ଟା ପରେ ଭାରିଯାନ ଯାତାୟାତକୁ ବାରଣ କରାଯାଇଛି। ଏହାସତ୍ତ୍ୱେ ୪ ଓ ୨ଚକିଆ ଯାନ ପାର୍କିଂ ଯୋଗୁ ରାସ୍ତାରେ ଅସମ୍ଭାଳ ଟ୍ରାଫିକ ଜାମ୍ ହେଉଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରୁ ଅବୈଧ ପାର୍କିଂ ହଟାଇବା ପାଇଁ ୭ଟି ଟର୍ମିନାଲ ନିର୍ମାଣ କରାଯାଇଛି। ମାତ୍ର ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା ଆରଡିଏ ବିଭାଗ ଅଧୀନରେ ଥିବାବେଳେ ରାସ୍ତାରେ ଯାନବାହନ ରଖିବା ପାଇଁ ଆବଶ୍ୟକ ଟର୍ମିନାଲ ନିର୍ମାଣ ହେଉନି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତସିଂହାର କୁହନ୍ତି, ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତାରେ ପାର୍କିଂ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଆବଶ୍ୟକ ଭିତ୍ତିଭୂମି ଅଭାବ ଯୋଗୁ ପଦକ୍ଷେପ ନିଆଯାଇପାରୁନି। ତେବେ ରାସ୍ତା ପାର୍କିଂ, ଟର୍ମିନାଲ କାର୍ଯ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ଥବବା ସେ କହିଥିଲେ।

**ସଂକ୍ଷେପରେ**

## ଜିଏମ୍‌ୟୁରେ ଆଲୋଚନାଚକ୍ର

ସମ୍ବଲପୁର,୨୭।୧(ବି.ଶଙ୍କର)- ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଭୀମ ଭୋଇ ଗବେଷଣା କେନ୍ଦ୍ର ଏବଂ ଓଡ଼ିଶା ଗବେଷଣା ଚକ୍ର ପକ୍ଷରୁ ଓଡ଼ିଶାର ଆଦିବାସୀଙ୍କ ସାମାଜିକ ବିକାଶ : ସମସ୍ୟା ଓ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗରାଜୁ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ସିଂହ ଶୁଭଲକ୍ଷ୍ମୀ ବାଇଧର ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗବେଷଣା ଚକ୍ରର ସମ୍ପାଦକ ବିଜୟ ବହିଦାର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଚାଷୀନେତା ଅଶୋକ ପ୍ରଧାନ ଯୁବ ଗବେଷକମାନେ ଅବହେଳିତ ଆଦିବାସୀଙ୍କ ଜୀବନସଙ୍ଘର୍ଷ ଉପରେ ଗବେଷଣା କରିବାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି କହିଥିଲେ। ଗବେଷଣା ଚକ୍ରର ଗତିବିଧି ଉପରେ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏକ ରିପୋର୍ଟ ପାଠ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ଆଦିବାସୀ ମହିଳା ସମସ୍ୟା ଓ ଆହ୍ୱାନ ଶୀର୍ଷକରେ ସାମାଜିକ କର୍ମୀ ସରଣ୍ୟା ନାୟକ, ଅଧ୍ୟାପିକା ସିଂହ ଶୁଭଲକ୍ଷ୍ମୀ ବାଇଧର, ନିର୍ଦ୍ଦେଶିକା ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଅଧ୍ୟାପିକା ବନିତା ମହାନନ୍ଦିଆ ଆଲୋଚନା କରିଥିଲେ। ପ୍ରଫେସର ବିଦ୍ୟୁତ୍ ମହାନ୍ତିଙ୍କ ମହିଳା ନେତୃତ୍ୱ ଉପରେ ନିର୍ମିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ତୃତୀୟ ଅଧିବେଶନରେ ଭୀମ ଭୋଇ ଚେୟାରର ମୁଖ୍ୟ କବି ପ୍ରଦୀପ ପଣ୍ଡା, ଦୁର୍ଗାପ୍ରସାଦ ପଣ୍ଡା, ଅଧ୍ୟାପକ ସନ୍ତୋଷ ମଲ୍ଲିକ, ଅଧ୍ୟାପିକା ଶୁଭସନ୍ଧ୍ୟା ସାହୁ ସଭା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସରୋଜ ଆଦିବାସୀ ସ୍ୱର ଓ ଭୀମ ଭୋଇ ଶୀର୍ଷକରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ମାନସ ଜେନା, ଅଜିତ ମେହେର, ହର୍ଷରାଣୀ ଦାସ, ରକି ବିଶ୍ୱାଳ, ପ୍ରତାପ ଦାସ ପ୍ରମୁଖ ନିଜର ମତ ରଖିଥିଲେ। ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶିବ ନନ୍ଦ, ପ୍ରଫେସର ଦୀପକ ମିଶ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, କୁଳସଚିବ ଯୁଗଲେଶ୍ୱରୀ ଦାଶ, ଶ୍ରମିକ ନେତା ବିଜୟ ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର

ପାଇକମାଳ,୨୭।୧(ବଡ ଶତପଥୀ)

ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଗତ ୨୫ ତାରିଖରେ ସମ୍ପନ୍ନ ହୋଇଛି। ଏଥିରେ ଅଭିନୟ କରିଥିବା କଂସ ଅଭିନେତା ହୃଷୀକେଶ ଭୋଇ ପାପ ମୋଚନ ପାଇଁ ପୁରୀ ମହୋଦଧିରେ ବୁଡ଼ ପକାଇବାକୁ ଯାଇଥିବା ବେଳେ ଅନ୍ୟ ପାତ୍ରମନ୍ତ୍ରୀ, ପାରିଷଦ ଗଣ ଶୁକ୍ରବାର ନୃସିଂହନାଥ ମନ୍ଦିର ଆସି ପାପନାଶିନୀ ଝରଣାର ଗୋକୁଣ୍ଡ ଘାଟରେ ବୁଡ଼ ପକାଇଥିଲେ। ଏହାପରେ ସେମାନେ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିଥିଲେ। ଏହି କଳାକାରଙ୍କ ମଧ୍ୟରେ ନନ୍ଦିଘୋଷ ମହାପାତ୍ର (ମହାମନ୍ତ୍ରୀ), ସେବାନନ୍ଦ ନାୟକ (ମନ୍ତ୍ରୀ, ସାର୍ଗୁକୀ), ସୁରେଶ ଚନ୍ଦ୍ର ଆଚାର୍ଯ୍ୟ (ମଲ୍ଲ ଚାଣୁର), ହୃଷୀକେଶ ରଣା (ସେନାପତି), ସୁଦାମ ଭୋଇ (କେସି ଦୈତ୍ୟ), ପ୍ରକାଶ ପାତ୍ର (ପ୍ରହରୀ), ଭାରତ ସାହୁ (ପ୍ରହରୀ), ରୋହିତ ଭୋଇ (ଛାୟା କଂସ), ଭଗବାନ ପାଣ୍ଡେ (ମର୍କଟ ରାଜା), ପ୍ରହ୍ଲାଦ କୁମାର ମାହାନା ପ୍ରମୁଖ ରହିଛନ୍ତି। ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବୈଶାଖ ମେଳା କମିଟି ସଦସ୍ୟ ବଡ ଶତପଥୀ, ସୁରଥ ସାହୁ, ସୁବୋଧ ପଣ୍ଡା ପ୍ରମୁଖ ଏହି କଳାମାରଙ୍କୁ ସ୍ୱାଗତ କରିଥିଲେ।

## ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ତରଭା,୨୭।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚାରଭଟା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତି ଦେଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ଓ ଓଡ଼ିଆ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଚାରଭଟା ମହାବିଦ୍ୟାଳୟର ଅଧ୍ୟକ୍ଷ ମୁସଲେମିନ୍ ମହମ୍ମଦ ସଭାରେ ଅଧ୍ୟକ୍ଷତା କରିଥିଲେ। ନୂଆ ଓ ପରିଚାଳିକା ପ୍ରମିଳା ପଣ୍ଡା ଓଡ଼ିଆ ସାହିତ୍ୟର ଇତିହାସ ଏବଂ ଜଗନ୍ନାଥ ସଂସ୍କୃତିର ଅୟମାରମ୍ଭ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ପ୍ରଦୀପ ପୂଜାରୀ ଓ ତାରାଶଙ୍କର ଗୁରୁ ମଞ୍ଚାସୀନ ଥିଲେ ।

# ମଥୁରାର ମୟୂର ନୃତ୍ୟ ମନ ମୋହିଲା

### ହୀରାକୁଦ ମହୋତ୍ସବ ଉଦ୍‌ଘାଟିତ

ସମ୍ବଲପୁର,୨୭।୧ (ଭବାନୀ ଶଙ୍କର ଭୋଇ):

ହୀରାକୁଦ ସହରର ସୁଭାଷ ପଡିଆରେ ଶୁକ୍ରବାର ହୀରାକୁଦ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର୍ ମୁଖ୍ୟ କୈଳାସ ନାଥ ପାଣ୍ଡେ ମୁଖ୍ୟଅତିଥି ଓ କମ୍ପାନୀର ମାନବସମ୍ବଳ ଓଡ଼ିଶା ମୁଖ୍ୟ କ୍ରିଷ୍ଟା ପାଢ଼ୀ, ପ୍ଲାଣ୍ଟ ମୁଖ୍ୟ ସ୍ମେଲ୍ଟର୍ ଦେବାଶିଷ ମଲିକ, ପ୍ଲାଣ୍ଟ ମୁଖ୍ୟ ପାୱାର ପ୍ରାଞ୍ଜଲ୍ ପାଠକ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ଶିନ୍ଧେ,ଏଫ୍‌ଆର୍‌ପି ମାନବ ସମ୍ବଳ ମୁଖ୍ୟ ଶିବ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୀବ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଭାଜପା ରାଜ୍ୟ



ହୀରାକୁଦ ମହୋତ୍ସବରେ କଳାକାରଙ୍କ ମୟୂର ନୃତ୍ୟ ପରିବେଷଣ ।

ସଭାପତି ମନମୋହନ ସାମଲ ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଯୋଗଦାନ କରିଥିଲେ। ପ୍ରଥମ ଦିନ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ. ମୋହିତ ସ୍ୱାଇଁଙ୍କ ନେତୃତ୍ୱରେ ଲହରି ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ, ଶିଳ୍ପୀ ନିକେତନ କଟକ ପକ୍ଷରୁ ମାହାରୀ ନୃତ୍ୟ, ହୀରାକୁଦ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଥୁରାରୁ ଆସିଥିବା କଳାକାରଙ୍କ ମୟୂର ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ନୃତ୍ୟ ଓ କମିଟି ସଭାପତି ରାଜକୁମାର ବଡ଼ପଣ୍ଡା, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟାଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା, ସଙ୍ଗଠନ ସମ୍ପାଦକ ପ୍ରଦୀପ ପଣ୍ଡା, ଉପସଭାପତି ସଚୀକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ୨୯ରେ ନବ ଦାସ ସ୍ମାରକୀ ମିନି ମାରାଥନ

ସମ୍ବଲପୁର,୨୭।୧(ବି.ଶଙ୍କର)

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ସ୍ମୃତିରେ ଚଳିତ ମାସ ୨୯ରେ ସମ୍ବଲପୁରରେ ମିନି ମାରାଥନ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବର୍ଗର ୩ହଜାର ପ୍ରତିଯୋଗୀ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସୁଦ୍ଧା ୨ହଜାର ପ୍ରତିଯୋଗୀ ଅନ୍ ଲାଇନ ଜରିଆରେ ପଞ୍ଜୀକୃତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ। ମହାନଦୀ କ୍ଲବ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବ ଦାସ ସ୍ମୃତି ପରିଷଦ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ, ସମ୍ବଲପୁର ଅଇଁଠାପାଲି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଭାଗ ନେବେ ୩ହଜାର ପ୍ରତିଯୋଗୀ**

ଛକରୁ ମାରାଥନ ଆରମ୍ଭ ହୋଇ ନେଲସନ ମଣ୍ଡେଲା ଛକରେ ସମାପନ ହେବ। ସେମାନଙ୍କ ସକାଶେ ବିଭିନ୍ନ ଛକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଖବରଦାତା ସମ୍ମିଳନୀରେ ଆୟୋଜନ କମିଟିର ରାଜକିଶୋର ଦାସ, ସନ୍ଦିପ ପଟ୍ଟନାୟକ, ପ୍ରଭାତ ବିଶ୍ୱାଳ, ଅର୍ପଣ ପ୍ରଧାନ, ମହେନ୍ଦ୍ର ସାଙ୍ଖୋଲିଆ, ରୋହିତ ଚୌଧୁରୀ, ଅମିତ ଅଗ୍ରୱାଲ, ସୁବଳ ସାହୁ, ପ୍ରମୋଦ ସାହୁ ଉପସ୍ଥିତ ଥିଲେ।

## ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ପୂର୍ଣ୍ଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଜାରିଂ କ୍ଲଷ୍ଟରର ସିଆରସିସି ରାଜେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବିନୋଦ କୁମାର ତନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିଆରସିସି ଅଭିରାମ ବାରିକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କୃଷ୍ଣ ସାହୁ, ସାମାଜିକ କର୍ମୀ ପଙ୍କଜିନୀ ଦନ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍କୁଲ ପରିଚାଳନା କମିଟି ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିନିତ ନାଗ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସବିତା ଭୋଇ ଅତିଥି ପରିଚୟ ପ୍ରଦାନ ଓ କୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଭାଜପା ବୈଠକରେ ଅଘଟଣ, କ୍ଷେତ୍ରୀୟ ପ୍ରବକ୍ତା ଆହତ

ସମ୍ବଲପୁର,୨୭।୧ (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଥ୍‌ଚାଲ କର୍ମଶାଳାରେ ଶନିବାର ଦୀପ ପ୍ରଜ୍ୱଳନ ସମୟରେ ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ନିଆଁରେ ପୋଡି ଆହତ ହୋଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତ ମାତା, ମାଁ ସମଲେଇ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ ସମୟରେ ଖୁବ୍‌ଜୋରରେ ନିଆଁ ଜଳିଉଠିଥିଲା। କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଉପସ୍ଥିତ ରହିଥିବାବେଳେ ବଡଧରଣର ଅଘଟଣ ହେବା ଆଶଙ୍କା କରି ଗଣମାଧ୍ୟମ ସଂଯୋଜକ ମାନସ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ତାଙ୍କ ହାତରେ ନିଆଁ ଲାଗିଯାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ସଦର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା କରାଯାଇଛି। କର୍ମଶାଳାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ଜିଲା ସଧାରଣ ସମ୍ପାଦକ ଅନିଲ ବେହେରାଙ୍କ ସମେତ ସମସ୍ତ ମୋର୍ଚ୍ଚା ପଦାଧିକାରୀ ଏବଂ ସମ୍ବଲପୁର ବିଧାନସଭା ଅନ୍ତର୍ଗତ ସାତୋଟି ଯାକ ମଣ୍ଡଳର ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବନ୍ଦ କୋଠରିରୁ ଛାତ୍ରୀଙ୍କ ମୃତଦେହ ଜବତ

ରେଢ଼ାଖୋଲ,୨୭।୧(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଏନ୍‌ଏସି ୱାର୍ଡ ନଂ୧୦ ଦେହୁରିସାହିର ଏକ ଭଡାଘର ବନ୍ଦ କୋଠରିରୁ ଶୁକ୍ରବାର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ଛାତ୍ରୀ ତାଙ୍କ ଓଢଣିରେ ପଙ୍ଖାରେ ଝୁଲୁଥିବା ବେଳେ ଏକ ଚୌକିରେ ତାଙ୍କ ଗୋଡ ଲାଗିଥିବା ଜଣାପଡିଛି। ମୃତା ଛାତ୍ରୀ ନାକ୍ଟିଦେଉଳ ଥାନା ସରାପାଲି ପଞ୍ଚାୟତ ଗୌଡପଡା ଗ୍ରାମର ରାଜକିଶୋର ଖୁରାଙ୍କ ଝିଅ ଝୁନି ଖୁରା ବୋଲି ପୋଲିସ କହିଛି। ସେ ସ୍ଥାନୀୟ ଭୀମଭୋଇ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷରେ ପାଠ ପଢୁଥିଲେ। ଗତ ୩ ମାସ ହେବ ସେ ଭଡାଘରେ ରହୁଥିଲେ। ଗୁରୁବାର ରାତିରେ ସେ ଫୋନରେ କଥା ହୋଇଥିବା ବେଳେ ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୦୬ରେ ମାମଲା (ନଂ.୩୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର କହିଛନ୍ତି। ପୋଲିସ ମୃତଦେହକୁ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ରାଜ୍ୟସ୍ତରୀୟ ଆନ୍ତଃ ଜିଲା ଫୁଟବଲ ପ୍ରତିଯୋଗିତା


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ ।

ସମ୍ବଲପୁର,୨୭।୧ (ଭବାନୀ ଶଙ୍କର ଭୋଇ):

ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡ଼ାସଂଘ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମରେ ରାଜ୍ୟସ୍ତରୀୟ ବିଜୟ ବାହାଦୁର ସିଂହ ଓ ଭୀମସେନ ଛତର ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଓ ଅଲିମ୍ପିକ ଖେଳାଳି ପ୍ରମୋଦ ଭଗତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଓ ଦେବଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୨-୨ ଗୋଲରେ ମ୍ୟାଚ ଅମିମାଂସିତ ରହିଥିଲା। ଟାଇବ୍ରେକର ଜରିଆରେ ଦେବଗଡ ଦଳ ୭-୫ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିଲା। ସମ୍ବଲପୁର ଦଳର ବିଷ୍ଣୁ ଓରାମ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ରେଫରି ସୁରେଶ କୁମାର ଦାସ, ପଞ୍ଚାନନ ପାତ୍ର, ଅରୁଣ କୁମାର ଭୋଇ ଓ ମଥୁରା ଓରାମ ଖେଳ ପରିଚାଳନା କରିଥିଲେ। ରବିବାର ଦେବଗଡ ଓ ନୂଆପଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ଆନ୍ଦୋଳନ ପାଇଁ ରେଙ୍ଗାଲି ଶିକ୍ଷକ ସଂଘର ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ଶିକ୍ଷକ ସଂଘ କର୍ମକର୍ତ୍ତା।

ରେଙ୍ଗାଲି,୨୭।୧(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଲିଙ୍ଗରାଜ ଦୀପଙ୍କ ଆହ୍ୱାନକ୍ରମେ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ରେଙ୍ଗାଲି ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ପ୍ରତିଶ୍ରୁତି ପାଳନକରି ନ ଥିବାରୁ ଏହା ପ୍ରତିବାଦରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମସ୍ତ ଏନ୍‌ପିଏସ୍ ଶିକ୍ଷକ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି।

ବୈଠକରେ ସଭାପତି ଦୀପଙ୍କ ସମେତ ସମ୍ପାଦକ ଗୁଣମଣି, କୋଷାଧ୍ୟକ୍ଷ ବିଜୟ ଭୋଇ, ଖାସକେତନ ସାହୁ, ଚିନ୍ମୟୀ ପଟେଲ, ଗଣେଶ ପଧାନ, ବିଷ୍ଣୁପ୍ରସାଦ ଖମାରି, ରଞ୍ଜନ ଚୌଧୁରୀ, ହରି ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ସମାରୋହରେ ପାଳନ ହେଲା ସାଧାରଣତନ୍ତ୍ର ଦିବସ


ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ।


କୁଚିଣ୍ଡାଠାରେ ଜାତୀୟ ପତାକା ଉତ୍ତୋଳନ ।



୦ନାକଟିଦେଉଳଠାରେ ସାମୂହିକ ପରେଡ୍ ।


ଏମ୍‌ସିଏଲ୍ କାର୍ଯ୍ୟାଳୟରେ ପୁରସ୍କୃତ କରୁଛନ୍ତି ଅତିଥି ।

ସମ୍ବଲପୁର/କୁଚିଣ୍ଡା/ନାକଟିଦେଉଳ/ରେଙ୍ଗାଲି,୨୭।୧(ପ୍ରମୋଦ ବହିଦାର/ଭବାନୀ ଶଙ୍କର ଭୋଇ/ବିରଞ୍ଚି ଦର୍ଶୀ/ବୈକୁଣ୍ଠ ନାଥ ସାହୁ/ଦେବବ୍ରତ ପଣ୍ଡା): ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଜାତୀୟ ଦିବସ ପାଳନ କମିଟି, ବୁର୍ଲା ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଶୁଭଦୀପ୍ତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ମୋଟ ୧୩ଟି ଦଳ ସାମିଲ ହୋଇଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ୟ ଶ୍ରେଣୀରେ ବୃତ୍ତି ପାଇଁ ଯୋଗ୍ୟତା ହାସଲ କରିଥିବା କ୍ଷଣପ୍ରିୟା ନାଗ, ରିବିକା ବେହେରା ଓ ସାଇ ଶାଶ୍ୱତ ଘଡ଼େଇଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିବା ବୁର୍ଲା ଏନ୍‌ଏସି କଲେଜ ଛାତ୍ର ରୋହିତ ଛେତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

ସମ୍ବଲପୁର ରେଳବାଇ ଷ୍ଟାଡିୟମ୍‌ରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଜାତୀୟ ପତାକା ଉତ୍ତୋଳନ କରି ରେଳବାଇ ସୁରକ୍ଷା ବାହିନୀ, ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପାଣ୍ଡେ ତାଙ୍କ ଅଭିଭାଷଣରେ ରେଳ କର୍ମଚାରୀଙ୍କୁ ଦକ୍ଷତା ଓ କଠିନ ପରିଶ୍ରମ ତଥା କର୍ତ୍ତବ୍ୟ ପ୍ରତି ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଘର ସଦସ୍ୟା, ରେଳବାଇ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ପଶ୍ଚିମ ଓଡିଶାର ଅଗ୍ରଣୀ ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍‌ର ବୁର୍ଲାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କମ୍ପାନୀର ସିଏଫ୍‌ଓ ସତିଶ କୁମାର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅସବରରେ କୁମାର କମ୍ପାନୀ ବିଭିନ୍ନ କ୍ଷେତ୍ରରେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣରେ ହାସଲ କରିଥିବା ସଫଳତା ବିଷୟରେ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ କର୍ମଚାରୀଙ୍କୁ କମ୍ପାନୀର ନିର୍ଦ୍ଦେଶ ମୁତାବକ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ କଡାକଡ଼ି ଭାବରେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଟିପିଡବ୍ଲ୍ୟୁଡିଏଲ୍ ଉନ୍ନତ ଗ୍ରାହକ ସେବା ଯୋଗାଇବାରେ ସଫଳ ହେବ ବୋଲି ସେ ପ୍ରକାଶ କରିଥିଲେ।

ଏମ୍‌ସିଏଲ୍ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କମ୍ପାନୀ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଭି.କେ. ପଟେଲ, ବୈଷୟିକ ତଥା ଅପରେଶନ୍ ନିର୍ଦ୍ଦେଶକ ଜେ.କେ. ବୋରାହ, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ସିଏମ୍‌ଡି ଦେଶର ଶକ୍ତି ସୁରକ୍ଷା ପାଇଁ ସହଯୋଗ କରୁଥିବା କୋଇଲା ଖଣି କର୍ମଚାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜାଗୃତି ମହିଳା ମଣ୍ଡଳ ସଭାପତି ସ୍ୱର୍ଣ୍ଣ କାଓଲେ, ଉପସଭାପତି ଆଲପନା ଶୁକ୍ଲା ରାଓ, ରଶ୍ମି ବେହୁରା, ଅଞ୍ଜଳି ବାପାତ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

କୁଚିଣ୍ଡା କଲେଜ ପଡିଆରେ ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭୋର ୫ଟାରେ ପ୍ରଶାସନ ପକ୍ଷରୁ ରାମଧୁନ ପ୍ରସାରିତ ହୋଇଥିଲା। ଉପଜିଲାପାଳ ବିଭୁତି ଭୂଷଣ ନାୟକ ତାଙ୍କ ଅଫିସ ସମ୍ମୁଖରେ ଥିବା ଶହୀଦ ସ୍ତମ୍ଭ, ସୂଚନା କେନ୍ଦ୍ରସ୍ଥିତ ମହାତ୍ମା ଗାନ୍ଧୀ, ରାମଜୀପଡ଼ାରେ ଆମ୍ବେଦ୍‌କର ଓ ଜ୍ୟୋତିପଡ଼ାଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ କଲେଜ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ୧୮ଗୋଟି ପରେଡ ଦଳ ଅଂଶଗ୍ରହଣ କରିଥିଲେ। ଯୋଗ୍ୟ ବିବେଚିତ ପରେଡ ଦଳକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଆସିଷ୍ଟାଣ୍ଟ ସବ୍‌କଲେକ୍ଟର ହେମସାଗର ଭୋଇ, ସହକାରୀ ଜିଲାପାଳ ଲୋଚନ ଶବର ଓ ଭାସ୍କର ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିଅମଠାରେ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନକୁ ମୁଖ୍ୟ ଅତିଥି ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଧନାଇ ଚରଣ ଟୁଡୁ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।

ସମ୍ବଲପୁର ଜିଲା ରେଙ୍ଗାଲି ମିନି ଷ୍ଟାଡିୟମଠାରେ ଶୁକ୍ରବାର ସମଲପୁରୀ ଝରନ ସଂଗଠନ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ଓ ପୁଷ୍‌ପୁନି ଭେଟ ପାଳିତ ହୋଇଯାଇଛି। ସଂଗଠନର ସଭାପତି ରମାକାନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପୂର୍ବତନ ସେନା ଅଧିକାରୀ କର୍ନେଲ ପ୍ରଭାତ କୁମାର ପଣ୍ଡା ମୁଖ୍ୟ ଅତିଥି, ହସର ମହାରଥୀ ଗୁଣରଞ୍ଜନ ସଲିମା ମୁଖ୍ୟବକ୍ତା ଓ କବି ତଥା ଗାୟକ ଜଗଦୀଶ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡା ଜାତୀୟ ପତାକା ଉତ୍ତୋଳନକରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ଗ୍ରାମ ସ୍ୱରାଜ ବିକାଶ ସମିତି ପକ୍ଷରୁ ପୁରୁଣାବସ୍ତିସ୍ଥିତ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ଚେୟାରମ୍ୟାନ ସତ୍ୟନାରାୟଣ ଅଗ୍ରୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ସଞ୍ଜୟ କୁମାର ହନ୍ତାଳା, ଗୋପାଳ ଚନ୍ଦ୍ର ପଟ୍ଟନାୟକ, ସଞ୍ଜୟ ପ୍ରଧାନ, ଅଶୋକ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ବିରଳ ପ୍ରଜାତିର ଶାଗୁଣା ଉଦ୍ଧାର

**ଫିରିଙ୍ଗିଆ/ବାରଙ୍ଗ,୨୭।୧ (ବିକ୍ରମ ଦିଗାଲ/ଲିଙ୍ଗରାଜ ରାଉତ)**

କନ୍ଧମାଳ ଜିଲା ଡିଣ୍ଡିରାଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟେଲାପାଲି ଗାଁ ଶିଙ୍କୁଳିପଦର ନଦୀରୁ ଏକ ବିରଳ ପ୍ରଜାତିର ଶାଗୁଣା ଶନିବାର ଉଦ୍ଧାର ହୋଇଛି। ଟେଲାପାଲି ଗାଁର ସୁନୀଲ ରଣା, ବିକାଶ ରଣା, ସିକୁ ରଣା ଓ ନୀଳକଣ୍ଠ ରଣା ସକାଳୁ ଉକ୍ତ ନଦୀକୁ ବୁଲିଯାଇଥିବା ବେଳେ ନାଳରେ ଶାଗୁଣା ବସିଥିବା ଦେଖିଥିଲେ। ଶାଗୁଣାଟି ଅସୁସ୍ଥ ଥିବାରୁ ତାକୁ ଧରି ଫିରିଙ୍ଗିଆ ବନ ଅଧିକାରୀଙ୍କୁ ଫୋନ୍ କରି ଜଣାଇଥିଲେ। ବନ କର୍ମଚାରୀ ପହଞ୍ଚି ଶାଗୁଣାଙ୍କୁ ଉଦ୍ଧାର କରିଥିଲେ। ଶାଗୁଣାର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯିବା ପରେ ତାକୁ ନନ୍ଦନକାନନରେ ଛଡ଼ାଯାଇଥିବା ବନ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର କହିଛନ୍ତି। ନନ୍ଦନକାନନରେ ଡାକ୍ତର ଶାଗୁଣାର ପ୍ରାଥମିକ ଚିକିତ୍ସା କରି ନଜର ବନ୍ଦୀରେ ରଖିଛନ୍ତି।



ଉଦ୍ଧାର ଶାଗୁଣା

# ଶବ ବିନା କୋକେଇ



ଅନ୍ତିମ ସଂସ୍କାର ପାଇଁ ଶ୍ମଶାନକୁ ନିଆଯାଉଛି।

**ଭଦ୍ରକ,୨୭।୧ (ସନାତନ ରାଉତ)**

ବିନା ଶବରେ କୋକେଇ ବନ୍ଧାଗଲା। ରାମ ନାମ ସତ୍ୟ ହେ ହରିନାମ ସତ୍ୟ ହେ କହିବା ସହ ଖଇ, କଉଡ଼ି ବିଞ୍ଚି ମଶାଣି ନେଲେ। ଆଉ ଏହି ସମୟରେ ପରିବାର ଲୋକଙ୍କ କାନ୍ଦବୋବାଳି ମଧ୍ୟ ଶୁଣିବାକୁ ମିଳିଥିଲା। କୋକେଇରେ ଶବ ବଦଳରେ ଏକ ପ୍ରତିଛବି ଥିଲା ସତ, କିନ୍ତୁ ହିନ୍ଦୁ ରୀତିନୀତି ଅନୁସାରେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପରେ ଏବେ ଶୁଦ୍ଧିକ୍ରିୟା ପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭଦ୍ରକ ପୌରପାଳିକା ଅଧୀନ ଅସ୍ତଳ ନରିପୁର ଗ୍ରାମରେ ଏଭଳି ଆଶ୍ଚର୍ଯ୍ୟ ଓ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି।

୨୦ବର୍ଷ ତଳେ ୨୦୦୪ରେ ଉକ୍ତ ଗ୍ରାମର ୬୫ବର୍ଷୀୟ ବିଦ୍ୟାଧର ଦାସ ସାମାନ୍ୟ ମାନସିକ ବିକୃତ ଯୋଗୁ ଘର ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ସେତେବେଳେ ଟାଉନ ଥାନାରେ ନିଖୋଜ ଅଭିଯୋଗ ମଧ୍ୟ କରାଯାଇଥିଲା। ତାଙ୍କ ଫେରିବା ବାଟକୁ ଚାହିଁ ଚାହିଁ ସ୍ତ୍ରୀ ବିନୋଦିନୀ ଦାସ ୨୦୧୩ରେ ଆରପାରିକୁ ଚାଲିଯାଇଛନ୍ତି। ଦୀର୍ଘଦିନର ଅପେକ୍ଷା ପରେ ଅନେକ ପଣ୍ଡିତ ଓ ଜ୍ୟୋତିର୍ବିଦ୍ଙ୍କ ପରାମର୍ଶକ୍ରମେ ଶବ ସତ୍କାର କରାଯାଇଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ପ୍ରସ୍ତୁତି ଚାଲିଥିବା ତାଙ୍କ ପୁଅ ଗଗନ ଦାସ କହିଛନ୍ତି। ଏବେ ବିଦ୍ୟାଧରଙ୍କୁ ୮୫ ବର୍ଷ ହୋଇଥିବ। କସା ଭାତ ରୋଷେଇ କରାଯିବା ସହ ଦଶାହ ଓ ଏକାଦଶାହ କର୍ମ ପାଇଁ ଚାଲିଛି ପ୍ରସ୍ତୁତି। ଗୁରୁବାର କୋକେଇ ଯାତ୍ରା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋକେଇରେ ପ୍ରତିଛବି ତଥା ନଡ଼ାରେ ତିଆରି କୁଶପୁତ୍ତଳିକା ବାନ୍ଧି ଗାନ୍ଧୀପଡ଼ିଆସ୍ଥିତ ଶ୍ମଶାନକୁ ନେଇ ସତ୍କାର କରାଯାଇଥିଲା। ଗଗନ ମୁଖାଗ୍ନି ଦେଇଥିଲେ।

# ୨୦ କି.ମି. କାନ୍ଧରେ ବୁହାହେଲା ମୃତଦେହ



କରୁଣାଙ୍କ ମୃତଦେହକୁ ତାଙ୍କ ସମ୍ପର୍କୀୟମାନେ କାନ୍ଧେଇ ଯାଉଛନ୍ତି।

**ନନ୍ଦାହାଣ୍ଡି,୨୭।୧ (ପ୍ରତୀପ କୁମାର ଦାଶ)**

ଆମ୍ବୁଲାନ୍ସ ନ ଆସିବା ଏବଂ ଅର୍ଥାଭାବରୁ ବାଧହୋଇ ମୃତଦେହକୁ ୨୦ କିଲୋମିଟର ଭାରରେ ବୋହିଲେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁ ଗ୍ରାମରେ।

ସୂଚନାନୁଯାୟୀ, କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ କୁମୁଲି ପଞ୍ଚାୟତ ନିକଟ ପୂର୍ଣ୍ଣଗୁଡ଼ା ଗ୍ରାମର କରୁଣା ଅମାନାତ୍ୟ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁର ଅଭି ଅମାନାତ୍ୟଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଦୁଇ ୨ ଝିଅ ଥିଲେ। କରୁଣା ତାଙ୍କ ବାପାଙ୍କ ଘର ପୂର୍ଣ୍ଣଗୁଡ଼ାକୁ ଯାଇଥିଲେ। ସେଠାରେ ଶୁକ୍ରବାର ରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ତେବେ ସେଠାରେ ଅନେକ କସରତ ପରେ ମଧ୍ୟ ସରକାରୀ ଗାଡ଼ି କି କୌଣସି ସରକାରୀ ସାହାଯ୍ୟ ସୁବିଧା ମିଳି ନ ଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବରୁ କୌଣସି ଗାଡ଼ି ବ୍ୟବସ୍ଥା କରି ନ ପାରି କରୁଣାଙ୍କ ମୃତଦେହକୁ ସମ୍ପର୍କୀୟମାନେ ପ୍ରାୟ ୨୦ କି.ମି. ଖଟିଆରେ ବୋହି ଫୁପୁଗାଁକୁ ଆଣିଥିଲେ। ସେଠାରେ ତାଙ୍କ ମୃତଦେହ ସତ୍କାର କରାଯାଇଥିଲା। ଗରିବ ଲୋକଙ୍କ ପାଇଁ ଅନେକ ସରକାରୀ ଯୋଜନା ଥିବା ବେଳେ ମୃତ୍ୟୁ ପରେ ଶବବାହକ ଗାଡ଼ି ମିଳୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ଯୋଜନା ଠିକ୍‌ରେ ପହଞ୍ଚିପାରୁ ନ ଥିବା ପ୍ରମାଣିତ ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।


## GOVERNMENT OF ODISHA
## e-PROCUREMENT NOTICE
## WORKS DEPARTMENT

**Bid Identification No.S.E.CBT (R&B) 32/2023-24**

**No.B-1675:** **charbatiadivision1@gmail.com**

i. Name of the Work : Buildings Works-03 Nos.
ii. Estimated Cost : Rs.57,77,318/- to Rs.82,47,974/-
iii. Period of Completion : 02 months (60 days) to 04 months (120 days)
iv. Date & Time of availability of bid documents in the portal : From 10.00 AM of 25.01.2024 to 03.02.2024 upto 5.00 PM for online bidding
v. Last date/time for receipt of Bids in the Portal : 03.02.2024 upto 5.00 P.M.
vi. Name and address of the Officer Inviting Bid : Superintending Engineer, Charbatia (R&B) Division, Choudwar.

Further details can be seen from the e-Procurement portal http://www.tendersorissa.gov.in. Any addendum/ corrigendum/cancellation of tender can also be seen in the said website.

**Sd./- Superintending Engineer**
**Charbatia (R&B) Division, Choudwar**
OIPR-34092/11/0013/2324

## OFFICE OF THE SUPERINTENDING ENGINEER
## DHENKANAL (R&B) DIVISION, DHENKANAL

E-mail: eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 52/2023-24**

**No.B-1670:** **Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha invites percentage rate bids in Double cover system in ONLINE MODE only, for Construction of Building works as detailed below. | |
| 2. | Nature of Work | Buildings Works (1 Nos) & Road Work (1 Nos.) |
| 3. | No. of Work | 02 Nos. |
| 4. | Bid Cost | Rs.10,000/- |
| 5. | Class of Contractor | 'B' Class |
| 6. | Availability of Bid documents in the website | From 10.00 AM of 29.01.2024 to 5.00 PM of 12.02.2024 |
| 7. | Date of Opening of Bid | Dt.13.02.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

**Sd./- Superintending Engineer**
**Dhenkanal (R&B) Division, Dhenkanal**
OIPR-34016/11/0040/2324

## OFFICE OF THE SUPERINTENDING ENGINEER
## DHENKANAL (R&B) DIVISION, DHENKANAL

E-mail: eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 53/2023-24**

**No.B-1669:** **Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work & Electrical work as detailed below. | |
| 2. | Nature of Work | Electrical Works |
| 3. | No. of Work | 01 No. |
| 4. | Bid Cost | Rs.6,000/- |
| 5. | Class of Contractor | MV/ HT License |
| 6. | Availability of Bid documents in the website | From 10.00 AM of 29.01.2024 to 5.00 PM of 08.02.2024 |
| 7. | Date of Opening of Bid | Dt.09.02.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

**Sd./- Superintending Engineer**
**Dhenkanal (R&B) Division, Dhenkanal**
OIPR-34016/11/0041/2324

## GOVERNMENT OF ODISHA
No.O-2289:
## OFFICE OF THE SUPERINTENDING ENGINEER
## RURAL WORKS DIVISION, PHULBANI

Phone:06842-253708, E-mail: rw_phulbani@yahoo.co.in
No.392 RWDP, Dated the 24.01.2024

**Government of Odisha e-Procurement Notice**
**Bid Identification No.Online Tender/12/EERWD PHULBANI/2023-24**

1. Name of the Work : Road Work (5 Nos.)
2. Estimated Cost : Rs.4.15 Lakhs to Rs.21.84 Lakhs
3. Period of Completion : One Calendar Month
4. Date & Time of availability of Bid documents in the portal : From 01.02.2024 10.00 AM to 08.02.2024 upto 5.00 PM
5. Last Date/Time for receipt of Bids in the Portal : 08.02.2024 upto 5.00 PM
6. Name and Address of the Officer Inviting Bid : Executive Engineer, Rural Works Division, Phulbani

Further details can be seen from the e-Procurement portal website **www.tendersodisha.gov.in.**

**Sd./- Executive Engineer**
**Rural Works Division, Phulbani**
OIPR-25077/11/0014/2324

## GOVERNMENT OF ODISHA
## OFFICE OF THE DISTRICT PROJECT COORDINATOR, SARVASIKHYA AVIYAN, SAMBALPUR
## E-Procurement Notice

BID IDENTIFICATION No.:SSA/SBP/CIVIL/03/2023-24
E-mail: dpcsambalpur.opepa@nic.in, Phone/Fax-0663-2410834
No.10/CW/Dated 24.01.2024

**No.n-274:**1. The District Project Coordinator, SSA, Sambalpur on behalf of Governor of Odisha, Invites Percentage Rate bids in Double Cover System in ONLINE MODE for construction of Buildings as detailed in the DTCN from the eligible Class of Contractors.2. No. of Works: 03 (ONE). 3.Tender Cost: Rs.10,000/-. 4.Class of Contractor: "A" Class & "B" Class. 5. Date and Time Available in website & receipt of Bids: 12.00 Hrs. of 29.01.2024 to 17.00 Hrs. of 09.02.2024. 6. Date of Opening of Tender: 15.02.2024 at 11.30 Hrs. 7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in only. 8. Any Corrigendum/ Addendum will be displayed in the website www.tendersodisha.gov.in only.

**Sd./- District Project Coordinator**
**SSA, Sambalpur**
OIPR-27119/11/0005/2324

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର
**ବିଜ୍ଞପ୍ତି**

No. F-186: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ନୀତି ଅନୁସାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଓଡ଼ିଶା ଭୂ-ସଂସ୍କାର ଆଇନ (ଦ୍ୱିତୀୟ ସଂଶୋଧନ), ୨୦୨୩ ଆଗତ କରାଯାଇଛି। ଏହି ନୀତି ଅନୁସାରେ ସିକିମ ସ୍ୱତ୍ୱଧାରୀ ଲୋକଙ୍କ ନାମରେ ଜମି ବନ୍ଦୋବସ୍ତ କରିବା ପାଇଁ ଆବେଦନପତ୍ର ତା୨୯।୧୨।୨୦୨୩ଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ସିକିମ ସ୍ୱତ୍ୱଧାରୀ ଲୋକମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଓଡ଼ିଶା ଭୂ-ସଂସ୍କାର ଆଇନ ନିୟମାବଳୀ (ଫର୍ମ-୨) ଦ୍ୱାରା ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରେ ଆବେଦନ କରି ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ସଦୁପଯୋଗ କରନ୍ତୁ। ଏହି ବିଷୟରେ ସବିଶେଷ ବିବରଣୀ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ରାଜସ୍ୱ ଉପବିଭାଗ), ସମ୍ପୃକ୍ତ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ରାଜସ୍ୱ ଉପବିଭାଗ) ଏବଂ ତହସିଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସବିଶେଷ ତଥ୍ୟ ଓ ସୂଚନା ତଥା କାର୍ଯ୍ୟ ପଦ୍ଧତି ସମ୍ପର୍କରେ ଅବଗତି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ କକ୍ଷର ଟେଲିଫୋନ ନମ୍ବର – 06811-263997ରେ ଯୋଗାଯୋଗ କରିପାରନ୍ତି।

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**
OIPR-24252/11/0003/2324

No. B-1663

## GOVT. OF ODISHA, "e" PROCUREMENT NOTICE

**Bid Identification No. S.E. PKL (R&B) - 40/2023-24**
E-mail Address: eepwd.pkl@rediffmail.com

**SHORT TENDER CALL NOTICE**

1. Name of the Work : Building Work
2. Number of Work : 1 (One)
3. Estimated Cost : Rs.78.40 Lakh
4. Period of Completion : 4 (Four) Calendar Months
5. Date & time of availability of bid document in the portal : From 11.00 A.M. of Dt.25.01.2024 to 05.00 P.M. of Dt.03.02.2024
6. Last Date/time for receipt of bids in the portal : 05.00 P.M. of Dt.03.02.2024
7. Date of Opening of Bid : 11.30 A.M. of Dt.05.02.2024
8. Name and address of the Officer Inviting Bid : Superintending Engineer, Panikoili (R&B) Division, Panikoili

Further details can be seen from the e-procurement portal **https://tendersodisha.gov.in**.

**Sd./- Superintending Engineer**
**Panikoili (R&B) Division**
OIPR-34067/11/0035/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## SAMBALPUR (R&B) DIVISION NO. II, SAMBALPUR

E-mail: eesbprnbdivision2@gmail.com, Phone: 0663-2410104

**BID IDENTIFICATION No. SE/R and B/SBP II/17 (Online)/2023-24**

**E-Procurement Notice**

**No. 638** **Dated: 20.01.2024**

No. B-1683: The Superintending Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites Percentage Rate bids in Single Cover System in ONLINE MODE.

1. No. of work : 04 Nos. (2 Nos. Building Works & 2 Nos. Electrical Works)
2. Tender Cost : Rs.6,000/-
3. Class of Contractor : "D" / "C" Class / MV / HT Electrical Contractors
4. Availability of bid document in the website : 18.00 hours of 29.01.2024 to 17.00 hours of 07.02.2024
5. Date of Opening of Tenders : 11.30 hours on Dt.08.02.2024
6. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

**Sd./- Superintending Engineer**
**Sambalpur (R&B) Division No. II**
OIPR-34136/11/0023/2324

No. YY-07

सत्यमेव जयते

## GOVERNOR'S SECRETARIAT
**(HOUSE HOLD SECTION)**
**Raj Bhavan, Odisha, Bhubaneswar - 751008**

**INVITATION OF BIDS/OFFERS**
**(FOR SUPPLY AND INSTALLATION OF HEAVY DUTY WASHER EXTRACTOR FOR RAJ BHAVAN, ODISHA, BHUBANESWAR ON BUY BACK BASIS)**

**No. 42/SG(HH)** **Date: 18.01.24**

Combined Bids/Offers in the official letterhead duly accompanied by requisite enclosures in sealed envelope are invited from licensed order suppliers, authorized retailers, stockiest, original equipment manufacturers having valid PAN Card and GST registration for supply and installation of one heavy duty washer extractor of reputed brand (with hot water and steam inlet facility) on buy back of the existing machine as per the specifications of the appliance and terms and conditions as contained in the detailed notice. The said detailed notice inviting bids/offers is available in the website **http://www.rajbhavanodisha.gov.in**.

**Sd./- Comptroller**
**Governor's Household**
OIPR-12116/11/0016/2324

GOVERNMENT OF ODISHA
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, DEOGARH

Email: eemidivision_deogarh@yahoo.in
No.253/Date:24.01.2024

**e-PROCUREMENT NOTICE**
**BID REF. NO.SE,MID,DGR-14/2023-24**

**No.A-1300:**Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-Procurement portal **https://tendersodisha.gov.in.**

| | | |
|---|---|---|
| 1 | Name of the Works:- | Civil Construction works |
| 2 | No. of Works:- | 01 (One) No. |
| 3 | Estimated Cost:- | Approximately Rs.95.00 Lakh |
| 4 | Period of Completion:- | 06 (Six) Calendar Months |
| 5 | Date and time of availability of bid documents in the portal | From Dt.30.01.2024 at 10.00 A.M. to Dt.08.02.2024 upto 5.30 PM. |
| 6 | Last Date/Time of receipt of bids in the portal:- | Dt.08.02.2024 upto 5.30 P.M. |
| 7 | Date of Opening of Bid:- | Dt.09.02.2024 at 11.00 AM onwards |
| 8 | Name and address of the OIT: | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid cost & Bid Security:- | Online |

** Further details can be seen from the e-Procurement market place http://tendersodisha.gov.in.

**Sd./- Superintending Engineer**
**M.I. Division, Deogarh**
OIPR-32289/11/0018/2324

## OFFICE OF THE EXECUTIVE ENGINEER
## RWSS DIVISION, RAIRANGPUR
**INVITATION FOR BIDS**

E-mail: eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**
**QUOTATION CALL No. 61 RWSS/RRPUR-2023-2024/Dated: 24.01.2024**

No. O-2285: The Executive Engineer, RWSS Division, Rairangpur on behalf of Governor of Odisha, invites Sealed quotations from interested reputed Travel Agents/Tour Operators or Private Individuals for providing 01 (One) number of vehicle (TUV-300/Bolero/Sumo Gold/Ertiga) having sitting capacity not more than 10 (ten) including driver confirming to the terms and condition of government for official use in RWS&S Division, Rairangpur/RWS&S Sub-Division, Karanjia in the District of Mayrubhanj on monthly rent basis.

1. Period of hiring : 01 (One) year
2. Cost of Bid Documents : Rs.100.00
3. EMD to be accompanied with : Rs.5000.00
4. Last date and time of receipt of quotations : From 10 hours of 30.01.2024 upto 17.30 hours of 08.02.2024
5. Date & time of opening of quotations : Dt.09.02.2024 at 11.00 hours
6. Other documents : (As mentioned in terms and conditions of the Government)
7. The bidder can also participate in Online mode. Further details can be seen from the website **https://www.tendersodisha.gov.in**.
8. Any addendum/corrigendum/cancellation of tender can also be seen in the said webstie.

**Sd./- Executive Engineer, RWSS Division, Rairangpur**
OIPR-25010/11/0022/2324

GOVERNMENT OF ODISHA
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## DRAINAGE DIVISION, JAGATSINGHPUR-754103

**e-Procurement Notice No.-SEDD-JSPUR-05/2023-24**

**No.A-1299:** **e-mail id:eeddjspur@gmail.com**

| | | |
|---|---|---|
| 1 | Name of Works | Improvement to 3 (Three) number link drains of Gobari Drainage System |
| 2 | Total No.of Work | 01 (One) No. of package |
| 3 | Tender Cost of the Work | Rs.78,32,088.00 |
| 4 | Bid Identification No. | SEDD-JSPUR/JSP-07/2023-24 |
| 5 | Period of Completion | 10 (Ten) Calendar Months |
| 6 | Availability of Tender Online | 30.01.2024 from 11.30 Hours to 13.02.2024 upto 17.30 Hours |
| 7 | Receipt of Bids in the Portal | 30.01.2024 from 11.30 Hours to 13.02.2024 upto 17.30 Hours |
| 8 | Date of Opening of Technical Bid | 15.02.2024 at 11.30 Hours in the O/o the Superintending Engineer, Drainage Division, Jagatsinghpur |
| 9 | EMD Required | As per DTCN |
| 10 | Cost of Tender Paper | Rs.10,000/- |
| 11. | Class of Contractor | 'B' Class |
| 12. | Procurement Officer | Superintending Engineer, Drainage Division, Jagatsinghpur-754103 |

The bidders have to participate in online bidding only. Further details can be seen from the Govt. website www.tendersorissa.gov.in. Any addendum/ Corrigendum/ Cancellation of tender can also be seen in the same website.

**Sd./- Superintending Engineer**
**Drainage Division, Jagatsinghpur**
OIPR-32378/11/0007/2324

## STATE INSTITUTE FOR RURAL DEVELOPMENT & PANCHAYATI RAJ

Panchayati Raj & Drinking Water Department, Govt. of Odisha, UNIT-VIII, BHUBANESWAR

**TENDER CALL NOTICE**

**Letter No. 181** **Date: 24.01.2024**

**No.i-598:**Sealed tenders are invited in the prescribed format from the intending registered Service Providers / Firms / authorized dealers having valid and upto date Income Tax Registration, PAN and registration under GST Act etc. for providing Annual Maintenance Service of different machineries at SIRD&PR, Bhubaneswar. The Agencies / Firms should have successful track record. Interested Agencies / Firms may visit office website www.sirdodisha.nic.in for downloading the details of application format, terms and conditions etc. Further addendum / corrigendum / cancellation can be seen in the office website only. The tender with the requisite documents should reach addressing the Director, SIRD&PR, Unit-VIII, Gopabandhu Nagar, Bhubaneswar-751012 through Registered / Speed Post / Courier Service on or before 12.02.2024 latest by 5:30 PM. The tender documents shall be opened on 13.02.2024 at 11:00 AM.

**Sd./-Director**
OIPR-19214/11/0014/2324

No. B-1674

ଓଡ଼ିଶା ସରକାର

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## SUNDARGARH (R&B) DIVISION, SUNDARGARH

**e-Procurement Notice**
**E-mail ID: pwd_sng@yahoo.co.in**
**Bid Identification No. SE-R&B-SNG-52 of 2023-24**

**Letter No. 414** **Date: 20.01.2024**

| | | |
|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double Cover System on ONLINE mode from eligible contractors with valid licence for execution of Building work (including EI & PH) as detailed in DTCN. | |
| 2 | Nature of Work | Building work (including EI & PH) |
| 3 | No. of Works | 01 (One) No. |
| 4 | Tender Cost | Rs.10,000/- |
| 5 | Class of Contractor | B |
| 6 | Availability of bid document in the website | From 10.00 A.M. Date: 25.01.2024 to 05.00 P.M. Date: 06.02.2024 |
| 7 | Date of Opening of Bid | 11.00 A.M. on Dt.07.02.2024 |
| 8 | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the said website only. | |

**Sd./- Superintending Engineer**
**Sundargarh (R&B) Division**
OIPR-34043/11/0023/2324

## OFFICE OF THE PANCHAYAT SAMITI, KAPTIPADA

**At/P.O.: Kaptipada, Dist.: Mayurbhanj, Odisha**
**No. i-599** **E-mail: ori-Kaptipada@nic.in**
**TCN No. 05/2023-24**
**Advt. No. 424** **Dt.24.01.2024**

1. The Block Development Officer, Kaptipada invites sealed tender in offline mode on Govt. rate basis for PRINTING OF LEAFLETS & BOOKLETS for documentation of achievements of various initiatives at GP and Block level in Odia language under Panchayat Samiti, Kaptipada, Mayurbhanj as mentioned in Scope of work and specification of Printing of Booklets and Leaflets.
2. Details of Work & No. of Quantity in Nos.
   A. Pictorial Leaflet Printed in coloured pages, 170 GSM, Size, Mat finish in Odia Language maximum pages of Leaflet 16-20 Pages - 70,512 Nos.
   B. Coloured Booklet containing 80-10 pages (Cover Page-300 GSM, Inner Page-130 GSM) in Odia Language - 300 Nos.
3. Cost of Tender Paper - Rs.6,000/-
4. Date & Time of available the tender document - In district NIC website **(www.mayurbhanj.nic.in)** from Dt.27.01.2024 to 02.02.2024 till 02.00 Noon.
5. Last date of receipt of Bids - Dt.02.02.2024 till 02.00 Noon.
6. Mode of Receipt - Through Speed Post/Regd. Post only and tender box.
7. Date of Tender Opening - 02.02.2024 (05.00 P.M.)

\# For more details, visit our District administration website **(www.mayurbhanj.nic.in)**.
\# All amendments, Time extension, Clarification etc. will be uploaded in the website only.
\# Bidder should regularly visit the above website to keep themselves updated.

**Sd./- Block Development Officer, Kaptipada**
OIPR-19370/11/0004/2324

# ସାନଖେମୁଣ୍ଡି ଆସନକୁ ବିଜେଡିର ଫୋକସ୍

ବ୍ରହ୍ମପୁର,୨୭।୧(ନରସିଂହ ସାହୁ)


ନନ୍ଦିନୀ ଦେବୀ


ରମେଶ ଜେନା

୨୦୧୯ ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲାର ୧୩ ବିଧାନସଭା ଆସନରୁ ବିଜେଡି ୧୨ଟିରେ ଜିତିଥିଲା ବେଳେ ଏକମାତ୍ର ସାନଖେମୁଣ୍ଡି ଖସିଯାଇଥିଲା। ସେଠାରୁ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ନିର୍ବାଚିତ ହୋଇ ଶାସକ ଦଳକୁ ଝଟକା ଦେଇଥିଲେ। କେବଳ ସେତିକି ନୁହେଁ, ବିଜେଡି ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କୁ ସେ ୨୦ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ସେଥିପାଇଁ ଆଗାମୀ ନିର୍ବାଚନରେ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀକୁ ଅକ୍ତିଆର କରିବା ଲାଗି ବିଜେଡି ଫୋକସ୍ କରିଛି ଓ ଏଥିଲାଗି ରଣକୌଶଳ ପ୍ରସ୍ତୁତ କରୁଛି ବୋଲି ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ନିର୍ବାଚନଠାରୁ ୨୦୦୪ ପର୍ଯ୍ୟନ୍ତ ସାନଖେମୁଣ୍ଡି ବ୍ଲକ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା। ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ସାନଖେମୁଣ୍ଡି ଓ ଧରାକୋଟ ବ୍ଲକକୁ ନେଇ ନୂଆ ସାନଖେମୁଣ୍ଡି ଆସନ ଗଠନ କରାଯାଇଥିଲା। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ଓ ଭାଜପା ପ୍ରାର୍ଥୀ ଧରାକୋଟର ରାଜା ସ୍ୱର୍ଗତ କିଶୋର ଚନ୍ଦ୍ର ସିଂହଦେଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ଧରାକୋଟ ରାଣୀ ନନ୍ଦିନୀ ଦେବୀ ବିଜେଡିରୁ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସ ପ୍ରାର୍ଥୀ ରମେଶ ଜେନାଙ୍କୁ ପ୍ରାୟ ୮ ହଜାର ଭୋଟରେ ପରାସ୍ତ କରିବା ସହ ନୂଆ ନିର୍ବାଚନମଣ୍ଡଳୀରୁ ପ୍ରଥମ ମହିଳା ବିଧାୟିକା ହୋଇଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ନନ୍ଦିନୀ ଓ ରମେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସାନଖେମୁଣ୍ଡି ବ୍ଲକ ଓ ଆଉ କେତେକ ଅଞ୍ଚଳରେ ରମେଶଙ୍କ ନିଜସ୍ୱ ସଙ୍ଗଠନ ସୁଦୃଢ଼ ଥିବାରୁ ସେ ଶାସକ ଦଳ ପ୍ରାର୍ଥିନୀଙ୍କୁ ପରାସ୍ତ କରିଥିଲେ। ୨୦୨୪ ନିର୍ବାଚନ ପାଇଁ ମଧ୍ୟ ଉଭୟ ରମେଶ ଓ ନନ୍ଦିନୀ ସଜବାଜ ହେଉଥିବା ଆଲୋଚନା ହେଉଛି। ରମେଶଙ୍କଠାରୁ ସେହି ଆସନ ଛଡ଼ାଇ ଆଣିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଥିଲେ ହେଁ ଦଳ ଭିତରେ ଦୀର୍ଘଦିନରୁ ଚାଲି ଆସିଥିବା ଗୋଷ୍ଠୀ କନ୍ଦଳ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ଅନେକ ପୁରୁଖା କର୍ମୀ ନନ୍ଦିନୀଙ୍କୁ ଖୋଲା ବିରୋଧ କରୁଛନ୍ତି। ଜନସମ୍ପର୍କ ପଦଯାତ୍ରା ବେଳେ ଗୌତମୀ ପଞ୍ଚାୟତରେ ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ନନ୍ଦିନୀଙ୍କ ବିରୋଧରେ ଅସନ୍ତୋଷ ବଢୁଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋସ ସମାଧାନ ଉଦ୍ୟମ କରାଯାଇଥିବା ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ଯଦି ଏ ନେଇ ସମାଧାନ ହୋଇ ନ ପାରେ ତେବେ ଧରାକୋଟ ରାଜ ପରିବାରର ଝିଅ ତଥା ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣାଙ୍କୁ ବିଜେଡି ପ୍ରାର୍ଥୀ କରାଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଅନ୍ୟ କର୍ମୀଙ୍କୁ ନୁହେଁ, କେବଳ ରାଜ ପରିବାର ଉପରେ ବିଜେଡି ଭରସା କରୁଥିବା ମଧ୍ୟ ଆଲୋଚନା ହେଉଛି। ଏଭଳି ସ୍ଥଳେ ପାର୍ଟି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଗଲେ ଆଗାମୀ ନିର୍ବାଚନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

## ଭାଜପା ରାଜ୍ୟ ପ୍ରଭାରୀ, ସହପ୍ରଭାରୀ ନିଯୁକ୍ତ


ବିଜୟ ସିଂ ତୋମାର


ଲତା ଉସେଣ୍ଡି

ଭୁବନେଶ୍ୱର,୨୭।୧(ଅନିଲ ଦାସ)

### ବିଜୟ ସିଂ ତୋମାର ପ୍ରଭାରୀ, ଲତା ଉସେଣ୍ଡି ସହପ୍ରଭାରୀ

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି (ଭାଜପା) ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଶନିବାର ବିଭିନ୍ନ ରାଜ୍ୟ ପାଇଁ ପ୍ରଭାରୀ ଓ ସହପ୍ରଭାରୀ ତାଲିକା ଘୋଷଣା କରିଛନ୍ତି। ଓଡ଼ିଶା ପାଇଁ ବିଜୟ ପାଲ ସିଂ ତୋମାରଙ୍କୁ ପ୍ରଭାରୀ ଏବଂ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ତୋମାର ଉତ୍ତର ପ୍ରଦେଶରୁ ଏମ୍‌ପି ଥିବାବେଳେ ଉସେଣ୍ଡି ଛତିଶଗଡ଼ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଉଭୟ ରାଜ୍ୟରେ ଭାଜପା ସରକାର ଗଠନରେ ତୋମାର ଏବଂ ଲତା ଉସେଣ୍ଡିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି ୨ ଜଣଙ୍କ ରାଜନୈତିକ ଏବଂ ସାଙ୍ଗଠନିକ ଦକ୍ଷତା ଓଡ଼ିଶାରେ ଭାଜପା ସରକାର ଗଠନ କରିବାରେ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି । ଏଭଳି ଦକ୍ଷ ନେତାଙ୍କୁ ଓଡ଼ିଶା ପାଇଁ ଚୟନ କରିଥିବାରୁ ମନମୋହନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

# କୋରାପୁଟିଆଙ୍କ କଥା ବୁଝିଲେ ସପ୍ତଗିରି


ଏମ୍‌ପି ସପ୍ତଗିରି ଉଲାକା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗି,୨୭।୧(ଶରତ ଧଳ)

କୋରାପୁଟ ଜିଲାକୁ ଦୁଇଦିନିଆ ଗସ୍ତରେ ଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲକା ଜିଲାର ପଟ୍ଟାଙ୍ଗି ବ୍ଲକର ନୂଆଗାଁ, ଗାଙ୍ଗରାଜପୁର, ଦେଓପଟ୍ଟାଙ୍ଗି ଏବଂ ମାଳିପୁଟ ପ୍ରମୁଖ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମକୁ ଗସ୍ତକରି ଗ୍ରାମବାସୀଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଉଲକା ପ୍ରଥମେ ନୂଆଗାଁ ପଞ୍ଚାୟତରେ ପହଞ୍ଚି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଏକ ପ୍ରକଳ୍ପ ଉଦ୍‌ଘାଟନକରି ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ। ଗାଲିଗାବାଡ଼ାର ଗ୍ରାମର ଯୁବଗୋଷ୍ଠୀ ଗ୍ରାମରେ ସରକାରୀ ଜମି ଥିଲେ ସୁଦ୍ଧା ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଖେଳକୁଦ ପାଇଁ ସୁବିଧା ନାହିଁ। ଏମ୍‌ପି ପାଣ୍ଠିରୁ ଆର୍ଥିକ ସହାୟତାରେ ଏକ ମିନି ଷ୍ଟାଡିୟମ ପ୍ରତିଷ୍ଠା କରିବାକୁ ସେମାନେ ଏମ୍‌ପି ନିକଟରେ ନିବେଦନ କରିଛନ୍ତି। ଗାଙ୍ଗରାଜପୁର ପଞ୍ଚାୟତରେ ପହଞ୍ଚି ଏମ୍‌ପି ପାଣ୍ଠି ଅନୁଦାନରେ ଖେଳ ପଡିଆ ଚତୁଃପାର୍ଶ୍ୱରେ ନିର୍ମିତ ସୁରକ୍ଷା ପାଚେରିକୁ ଉଲାକା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ମୁଖ୍ୟ ରାସ୍ତାରୁ ମଶାଣି ପର୍ଯ୍ୟନ୍ତ ଆବଶ୍ୟକ ପଡୁଥିବା ରାସ୍ତା ନିମନ୍ତେ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସରପଞ୍ଚ ତୁଳା ଦଳେଇ ଓ ସମିତି ସଭ୍ୟା ବିମଳା ପାଙ୍ଗୀ ଉପସ୍ଥିତ ଥିଲେ। ଏଠାରୁ ବାହାରି ଏମ୍‌ପି ଦେଓପଟ୍ଟାଙ୍ଗି ପଞ୍ଚାୟତର ସଲପଗୁଡ଼ା ଗ୍ରାମ ଅଭିମୁଖେ ଯିବା ବେଳେ ମାଳିପୁଟ ପଞ୍ଚାୟତର ସିନ୍ଦେଇ ଗ୍ରାମରେ ଅଟକି ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ଅନେକ ମହିଳା ଗ୍ରାମରେ ଦୀର୍ଘଦିନ ହେଲା ଡ୍ରେନ୍ ସମସ୍ୟା ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଜଣାଇ ଡ୍ରେନ୍ ନିର୍ମାଣ ପାଇଁ ଦାବି ଜଣାଇଥିଲେ। ସଲପଗୁଡ଼ା ଗ୍ରାମରେ ପହଞ୍ଚି ଉଲାକା ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ଗ୍ରାମବାସୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ପାନୀୟଜଳ ସମସ୍ୟା ରହିଥିଲେ ମଧ୍ୟ ଏହା ଦୂର କରାଯାଉନାହିଁ ଏବଂ ବ୍ଲକ ସଦର ମହକୁମାକୁ ଯିବାକୁ ହେଲେ ନିକଟସ୍ଥ ବାଉଁଶଗୁଡା ଗ୍ରାମ ଦେଇ ଗଲେ ବ୍ଲକରେ ପହଞ୍ଚିବା ସୁବିଧା ହେଉଛି ସତ ମାତ୍ର ଏହି ରାସ୍ତା ଅଧାପନ୍ତରିଆ ଭାବେ ପଡି ରହିଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଜଣାଇଥିଲେ। ମାଳିପୁଟ ପଞ୍ଚାୟତର ସିପାଇପୁଟ ଗ୍ରାମର ଉପରସାହିରେ ପହଞ୍ଚି ଗ୍ରାମବାସୀଙ୍କୁ ସମସ୍ୟା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ସେବାଦଳ ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା, ପଟ୍ଟାଙ୍ଗି ବ୍ଲକ କଂଗ୍ରେସ କମିଟି ସଭାପତି ଅର୍ଜୁନ ବାଙ୍ଗା, ସାମାଜିକ କର୍ମୀ ଖିଲ କାର୍ତ୍ତିକ, ସେମିଳିଗୁଡା ବ୍ଲକ ସଭାପତି ସନ୍ୟା ମାଝି, ଏମ୍‌ପି ପ୍ରତିନିଧି ଜଗତ ରାଏ ଖିନିବୁଡି, ଅଭି ଲବୁଡୁ ବାରିକ, ପୂର୍ବତନ ସମିତି ସଭ୍ୟ ଜଗତରାଏ ଖରା, ଦାମୋଦର ଗୁଣ୍ଡା ପ୍ରଭାକର ସାହୁ, ଜଗନ୍ନାଥ ଗେମେଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହେଶ୍ୱରଙ୍କ ପରେ ଶୂନ୍ୟସ୍ଥାନ

## ପୁରୀ ଜିଲା ବିଜେଡି ସଭାପତି ପଦ

ପୁରୀ ୨୭।୧( ଅଜିତ୍ ମହାନ୍ତି)

ସାଧାରଣ ନିର୍ବାଚନକୁ ମାସ କେଇଟା ଅଛି। ପୁରୀ ଜିଲାରେ ଥିବା ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୪ଟିରେ ଜିତିଥିବା ବେଳେ ଭାଜପା ଦୁଇଟି ଅକ୍ତିଆର କରିଥିଲା। ଏଥିମଧ୍ୟରୁ ପୁରୀ ସଦର ନିର୍ବାଚନମଣ୍ଡଳୀ ବିଜେଡି ଗଡ଼ ଭାବେ ପରିଚିତ ଥିବା ବେଳେ ବିଜେଡିରୁ ଆସି ଜୟନ୍ତ ଷଡ଼ଙ୍ଗୀ ଶେଷ ମୁହୂର୍ତ୍ତରେ ଭାଜପା ଟିକେଟରୁ ଲଢ଼ି ବିଜୟୀ ହୋଇଥିଲେ। ସେହିପରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଜେଡିର ସଞ୍ଜୟ ଦାସବର୍ମାଙ୍କୁ ମଧ୍ୟ ଭାଜପାର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ହରାଇଦେଇଥିଲେ। ତେଣୁ ବିଜେଡି ହରାଇଥିବା ଆସନକୁ ଫେରିପାଇବାକୁ ଏବେ ଚେଷ୍ଟା କରୁଛି। ଇତିମଧ୍ୟରେ ବିଜେଡିର ଅନ୍ୟତମ ତୁଙ୍ଗ ନେତା ତଥା ପୂର୍ବତନ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ପରଲୋକ ହୋଇଯାଇଛି; ଯାହା ବିଜେଡିକୁ ପୁରୀରେ ବଡ଼ କ୍ଷତି ପହଞ୍ଚାଇଛି। ମହେଶ୍ୱରଙ୍କ ମୃତ୍ୟୁ ପରେ ପୁରୀ ବିଜେଡି ମୁରବିଶୂନ୍ୟ ହୋଇଯାଇଥିବା ପ୍ରତୀୟମାନ ହେଉଛି। ତାଙ୍କ ମୃତ୍ୟୁ ପାଖାପାଖି ୩ ମାସ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଜେଡି ଜିଲା ସଭାପତିଙ୍କ ନାମ ଘୋଷଣା ହୋଇପାରି ନାହିଁ। କିଏ ସଭାପତି ହେବେ ତାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି।

ପୁରୀ ଜିଲାରେ ମହେଶ୍ୱରଙ୍କ ବେଶ୍ ପ୍ରଭାବ ରହିଥିଲା। ତେଣୁ ଜଣେ ପ୍ରଭାବଶାଳୀ ନେତା ଜିଲା ଦାୟିତ୍ୱ ନେଲେ ଦଳ ଲାଭ ପାଇପାରିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ପୂର୍ବ ନିର୍ବାଚନକୁ ଦେଖିଲେ ବିଜେଡି ଜିଲାରେ ତା'ର ଦୁଇଟି ସିଟ୍ ଯଥା ପୁରୀ ସଦର ଓ ବ୍ରହ୍ମଗିରି ହରାଇଥିବା ବେଳେ ଲୋକ ସଭା ନିର୍ବାଚନରେ ଅଳ୍ପ ମାର୍ଜିନ୍‌ରେ ବିଜୟ ଲାଭ କରିଥିଲା। ତେଣୁ କିଏ ନୂତନ ସଭାପତି ହେବେ ତାଙ୍କ ଉପରେ ଦଳୀୟ ନେତା ଓ କର୍ମୀଙ୍କ ନଜର ରହିଛି। ଯଦି ଦେଖାଯାଏ, ଜିଲାରେ ଦଳୀୟ ବରିଷ୍ଠତା ଭିତ୍ତିରେ ସଞ୍ଜୟଙ୍କ




ନାମ ରହିଛି। ମାତ୍ର ତାଙ୍କ ସହ ସାଂସଦ ପିନାକୀ ମିଶ୍ର ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସମ୍ପର୍କ ଭଲ ନ ଥିବା ଜଣାଯାଏ। ଅପରପକ୍ଷରେ ଅନେକ ଦିନ କୋଣଠେସା ହେବା ପରେ ସଞ୍ଜୟ ଏବେ ଧୀରେ ଧୀରେ ପୁଣି ତାଙ୍କର ରାଜନୈତିକ ପତିଆରା ବୃଦ୍ଧି କରୁଥିବା ଦେଖିବାକୁ ମିଳୁଛି। ତେଣୁ ତାଙ୍କୁ ସଭାପତି ପଦ ମିଳିବାର ସମ୍ଭାବନା ରହିଛି ବୋଲି ତାଙ୍କ ସମର୍ଥକ କହୁଛନ୍ତି। ତେବେ ସବୁକିଛି ଦଳ ମୁଖିଆଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ସେହିପରି ଅନ୍ୟ ଜଣେ ବରିଷ୍ଠ ନେତା ହେଉଛନ୍ତି ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ। ମାତ୍ର ସେ ବର୍ତ୍ତମାନ ବିଜେଡି ସଭାପତିଙ୍କ ଗୁଡ୍ ବୁକ୍‌ରେ ନ ଥିବା ଆଭାସ ମିଳୁଛି। କିଛି ବର୍ଷ ହେବ ସମୀର ମଧ୍ୟ ବିଭିନ୍ନ ବିବାଦରେ ଛନ୍ଦି ହୋଇଛନ୍ତି। ଏପରି କି ନିର୍ବାଚନମଣ୍ଡଳୀରେ ସେ ଦଳରୁ ବିରୋଧର ଶିକାର ହେଉଥିବା ଶୁଣିବାକୁ ମିଳୁଛି। ତେଣୁ ଯାହା ଚର୍ଚ୍ଚା ହେଉଛି, ତାଙ୍କୁ ଏଥର ଦଳ ଟିକେଟ ନ ଦେଇ ସନ୍ତୁଷ୍ଟ କରିବା ପାଇଁ ଜିଲା ସଭାପତି ପଦ ଦେଇପାରେ। ଅପରପକ୍ଷରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବା କର୍ମୀଙ୍କ ମହଲରୁ ଶୁଣିବାକୁ ମିଳୁଛି। ଏପରି କି ସତ୍ୟବାଦୀରୁ ତାଙ୍କୁ ଟିକେଟ ନ ଦେଇ ଦଳ ସଞ୍ଜୟଙ୍କୁ ଟିକେଟ ଦେଇପାରେ ବୋଲି ଆକଳନ କରାଯାଉଛି। ଏଭଳି ସ୍ଥଳେ ଉମାକାନ୍ତ ସଭାପତି ହେବା ନେଇ ସମ୍ଭାବନା କମ୍ ରହିଛି। ସେହିପରି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଏବଂ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୁବ ନେତା ହୋଇଥିବାରୁ ଦଳ ସେମାନଙ୍କୁ ଜିଲା ସଭାପତି ଦାୟିତ୍ୱ ନ ଦେବା ପ୍ରାୟ ଜଣାପଡୁଛି । ସେହିପରି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ତଥା ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ନୂଆ ରାଜନୀତିରେ ପାଦ ଥାପିଥିବାରୁ ତାଙ୍କୁ ସଭାପତି ପରି ଗୁରୁତ୍ୱପୂର୍ଣ୍ଣ ପଦ ନ ଦିଆଯାଇ ଯୁବ ସଙ୍ଗଠନ ପ୍ରତି ଧ୍ୟାନ ଦେବାକୁ କୁହାଯାଇପାରେ। ସେହିପରି ପୁରୀ ସଦର ନିର୍ବାଚନମଣ୍ଡଳୀରେ ନିଜର ଉପସ୍ଥିତିକୁ ଜାହାରି କରୁଥିବା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ମଧ୍ୟ ସଭାପତି ଦୌଡ଼ରେ ନ ଥିବା ଜଣାପଡ଼ିଛିଛି।

ଅପରପକ୍ଷରେ ଦୀର୍ଘ ଦିନ ଧରି ଦଳ ପାଇଁ କାର୍ଯ୍ୟ କରି ଆସୁଥିବା କିଛି ବରିଷ୍ଠ ନେତାଙ୍କ ଉପରେ ମଧ୍ୟ ଦଳର ନଜର ରହିଛି। ସେହିପରି ବିଜେଡି ଛାଡ଼ି ଅନ୍ୟ ଦଳକୁ ଯାଇଥିବା ଅଭିଜ୍ଞତାପୂର୍ଣ୍ଣ ନେତାକୁ ବିଜେଡି ଘର ବାହୁଡ଼ା କରାଇ ଦଳ ସଙ୍ଗଠିତ କରିବା ସହ ସେମାନଙ୍କ ମଧ୍ୟରୁ କାହାଙ୍କୁ ଜିଲା ସଭାପତି କରି ବିରୋଧୀଙ୍କୁ ମେସେଜ୍ ଦେବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। ତେବେ ଦୀର୍ଘ ବର୍ଷ ଧରି ବିଧାୟକ, ମନ୍ତ୍ରୀ, ବାଚସ୍ପତି ଭାବେ କାର୍ଯ୍ୟ ତୁଲାଇବା ସହ ଜିଲାରେ ସଙ୍ଗଠନକୁ ସୁଦୃଢ଼ ରଖିଥିବା ମହେଶ୍ୱରଙ୍କ ବିକଳ୍ପ ଭାବେ ବିଜେଡି ସୁପ୍ରିମୋ କାହାକୁ ଜିଲା ବିଜେଡିର ସଭାପତି ଭାବରେ ମଙ୍ଗ ଧରିବାକୁ ଦେଉଛନ୍ତି, ତାହାକୁ ନେଇ ସମସ୍ତେ ଏକପ୍ରକାର ଉତ୍କଣ୍ଠାର ସହକାରେ ଚାହିଁ ରହିଛନ୍ତି।

# ମଥାନୀରେ ବିଜେଡିର ମିଶ୍ରଣ ପର୍ବ

ରୂପସା, ୨୭।୧(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅଧୀନ ପୁଡ଼ାପୋଡ଼ା ଅଙ୍ଗନୱାଡି କେନ୍ଦ୍ର ନିକଟ ପଡ଼ିଆରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଳିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଦଳ ଛାଡି ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ଜିଲା ବିଜେଡି ଯୁବ ସଭାପତି ଅଞ୍ଜନ ଦଣ୍ଡପାଟ, ଜିଲାପରିଷଦ ସଭ୍ୟା ଦେବିକା ସୋରେନ, ମଥାନୀ ସରପଞ୍ଚ ମମତାରାଣୀ ସିଟ, ସରପଞ୍ଚ ଦେବ କୁମାର ଦେବ, ମନୋରଞ୍ଜନ ବିଶ୍ୱାଳ, ଆଇନଜୀବୀ ସୁବ୍ରତ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ପୂର୍ବତନ ଏମ୍‌ପି ଉଦ୍‌ବୋଧନ ଦେଉଛନ୍ତି।

# ୨୯ରେ ଆସିବେ ଖାର୍ଗେ

## ଲୋୟର ପିଏମ୍‌ଜିରେ ହେବ 'ଓଡ଼ିଶା ବଞ୍ଚାଅ' ସମାବେଶ

ଭୁବନେଶ୍ୱର,୨୭।୧(ଅନିଲ ଦାସ)


ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇ ପାରିଛନ୍ତି । ସେ ଜଣେ ଅନୁଭବୀ ନେତା ଭାବେ ଦେଶକୁ ଅତି ନିକଟରୁ ଦେଖିଥିବାବେଳେ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଡିଗ୍ରୀ କଲେଜ ଖେଳ ପଡ଼ିଆରେ ୫ଦିନ ଧରି ଆୟୋଜିତ କୋଡ଼ିବାହାଲ ଦଶମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମଲିକୁଦ ଦଳକୁ ହରାଇ ସିଣ୍ଡୋଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ଟସ୍ ଜିତି ସିଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଅଲରାଉଣ୍ଡର ରାଜାଙ୍କ ଚିତ୍ତାକର୍ଷକ ଅଭିଜିତ ଶତକ ବଳରେ ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ବିନିମୟରେ ୧୬୬ ରନ କରିଥିଲେ। ୧୬୭ ରନର ବିଜୟ ଲକ୍ଷ୍ୟ ନେଇ ମଲିକୁଦ ଦଳ ନିୟମିତ ଉଇକେଟ ପତନ ଯୋଗୁ ୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ କରି ୮୮ ରନରେ ପରାସ୍ତ ହୋଇ ଉପ-ବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ବିଜେତା ଦଳର ରାଜାଙ୍କୁ ମ୍ୟାନ ଅଫ ଦି ଫାଇନାଲ, ସିରିଜ ଓ ଅଲରାଉଣ୍ଡର ଭାବେ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ସଭାରେ ସ୍ଥାନୀୟ କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରଣା, ବ୍ଲକ୍ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଶିକ୍ଷାବିତ ନିଳାଚଳ ଭୋଇ ଓ ସୁଶାନ୍ତ ମାଝି, ଘଣ୍ଟାପଡ଼ା ସରପଞ୍ଚ ପ୍ରତିନିଧି କାଳିଆ କହଁର, ନାରାୟଣପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝି, ନାଏବ ସରପଞ୍ଚ ନବିନ ମେଣ୍ଡିଲି, ସମାଜିକ କର୍ମୀ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଉପବିଜେତା ଓ ଚମ୍ପିଆନ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଉକ୍ତ ଖେଳଗୁଡ଼ିକୁ ମନୋଜ ମହାକୁଡ଼, ରବି ମହାକୁଡ଼ ଓ ରାଜୀବ ମେଣ୍ଡିଲି ଖେଳ ପରିଚାଳନା କରିଥିଲେ। ସ୍କୋରରଭାବେ ଜୀତେନ୍ଦ୍ର କୁଶଲ ଓ ସତ୍ୟବନ୍ତ ମିର୍ଦ୍ଧା ଏବଂ ଧାରା ବିବରଣୀରେ ଦେବେନ୍ଦ୍ରନାଥ ରଣା, ନାରାୟଣ, ଅଶୋକ ଦୈତାରୀ ଓ ରମେଶ କାର୍ଯ୍ୟ ତୁଲାଇଥିବା ବେଳେ କ୍ଲବ ସଭାପତି ରଙ୍କନିଧି କମ୍ପ ଓ ସଂପାଦକ ଦେଓ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ଜାତୀୟ ଦିବସ ପରିଚାଳନା କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ

ବାଉଁଶୁଣୀ,୨୭।୧( ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡ଼ିଆଠାରେ ଜାତୀୟ ଦିବସ ପରିଚାଳନା କମିଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ଓ ମିଳିତ ପ୍ୟାରେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଗୋକୁଳାନନ୍ଦ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଅଇଁଠୁ ମହାଲିକ୍, ଦଶରଥ ମେହେର, ଆବାହକ ରାଜେନ୍ଦ୍ର ମେହେର ଯୋଗଦେଇଥିଲେ। ପ୍ରଥମେ ମୁଖ୍ୟଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ପ୍ୟାରେଡ ଅଂଶଗ୍ରହଣ କରିଥିବା ଅଞ୍ଚଳର ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମିଳିତ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରବୀଣ ମିଶ୍ର, ଆନନ୍ଦ ରଥ, ସୁନିଲ ବାରିକ, ପ୍ରଫୁଲ୍ଲ ପତି, ସନ୍ତୋଷ ଥନାପତି, ସଦାନନ୍ଦ ମିଶ୍ର, ଚିତ୍ତରଞ୍ଜନ ମହାରଣା, ଗଣେଶ୍ୱର ମେହେର, ଠାକୁର ମେହେରଙ୍କ ସମେତ ଜାତୀୟ ଦିବସ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧଦିବସ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**



**୰ନିଶାମଣୀ ଦେବୀ**
ଜନାର୍ଦ୍ଦନପୁର, ପିପିଲି, ପୁରୀ
ଆବିର୍ଭାବ: ତା୦୧।୦୧।୧୯୨୯
ତିରୋଧାନ: ତା୧୦।୦୧।୨୦୨୩
ମାଘ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ବିଦେହୀ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱର ଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୨୩୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁଜିତ୍ ପରିଡା**
ସମ୍ପିତ ରେସିଡେନ୍ସି, ଆଇଆର୍‌ସି ଭିଲେଜ୍
ଆବିର୍ଭାବ: ୦୨.୦୯.୧୯୭୬
ତିରୋଧାନ: ୧୮.୦୧.୨୦୨୪
ଅଫେରା ରାଇଜେ ଚାଲିଗଲୁ ବେଗେ
ଖୋଜୁଛି କଅଁଳ ଶିଶୁ ଓ ପରିବାର ବର୍ଗ
କାହାରି ମୁହଁରୁ ଶବ୍ଦ ସ୍ଫୁରୁ ନାହିଁ
ଶୁଖୁନି ଆଖିରୁ ଅଶ୍ରୁ।
ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ, ଝିଅ, ମାତା, ବଡଭାଇ, ଭଉଣୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁମାନେ
ଧ-୨୩୭୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଦ୍ରା ପାଣି**
ମହ୍ଲାସାହି, କୁଜଙ୍ଗ
ଆବିର୍ଭାବ- ୦୧।୦୮।୧୯୪୦
ତିରୋଧାନ- ୧୭।୦୧।୨୦୨୪
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରିବାର ଓ ସମାଜ ପାଇଁ ଉତ୍ସର୍ଗୀକୃତ ଅବଦାନ ଅବିସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, କନ୍ୟା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୭୨

## ବୌଦ୍ଧରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ଯୁବ, ଛାତ୍ର ସମାଜ ଦେଶର ମେରୁଦଣ୍ଡ

ବୌଦ୍ଧ,୨୭।୧( ଅଜିତ ବାରିକ)



ବୌଦ୍ଧରେ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ। ଜିଲାପାଳ ସ୍ୱାଇଁ ଯୁବ ଓ ଛାତ୍ର ସମାଜ ହେଉଛନ୍ତି ଭବିଷ୍ୟତର ମେରୁଦଣ୍ଡ ବୋଲି କହିବା ସହ ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହା ସହ ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା ବୋଲି କହିବା ସହ ଚାଷର ଉନ୍ନତି ହେଲେ ଜିଲାର ଉନ୍ନତିହୋଇପାରିବ ବୋଲି କହିଥିଲେ। ଚାଷ ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଜାତୀୟ ଉତ୍ସବ ଅବସରରେ ଆଇଆରବି ୫ମ ବାଟାଲିୟନ, ଜିଲା ପୋଲିସ ଓ ଗୃହରକ୍ଷୀ ବାହିନୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନଗୁଡିକ ଅଂଶଗ୍ରହଣ କରି ଜାତୀୟ ପତାକାକୁ ଅଭିଭାଦନ ଜଣାଇଥିଲେ। ପରେଡରେ ୩୮ଟି ଦଳ ଭାଗ ନେଇଥିଲେ। ରିଜର୍ଭ ଇନିସପେକ୍ଟର କୁଳମଣୀ ଗିରି ଆୟୋଜିତ ପରେଡର ନେତୃତ୍ୱ ନେଇଥିବା ବେଳେ ଦୁଷ୍ମନ୍ତ ସାହୁ ସହଯୋଗ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯିବାପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା। ଜିଲା ଓକିଲ ସଂଘ ପରିସରରେ ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ସହରର ବିଭିନ୍ନ ଛକରେ ସ୍ଥାପିତ ମହାତ୍ମା ଗାନ୍ଧୀ,ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ,ବାବା ସାହେବ ଆମ୍ବେଦକର, ଗଙ୍ଗାଧର ମେହେର,ବିଜୁ ପଟ୍ଟନାୟକ ଓ ନଟବର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହିଅବସରରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।


# Classified Everyday 0674-2580101, 2549949




**BRIDE WANTED**

Bangalore Based Educated Well Settled Never Married Hindu OBC Groom 48 seeks Never Married Bride 7019600492. D-2368

**GROOM WANTED**

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

Age-33, Government Job Divorcee ସୁନ୍ଦର ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7787907421. D-2370

Beautiful Khandayat girl 26/5'4"/B.Tech/Railway Engineer/ Bhubaneswar. 9938199964. D-2367




**SALE**

Book 4BHK flat at Saubhagya Nagar, OUAT Square, Near Khimji & Narula sweets. SBA 2050sqft., Handover Aug-24. Contact: 9439716901. D-75514

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292.** D-75292

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286




400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

House rent for only working ladies near Firestation Chhaka, Bhubaneswar per bed 3000/-. 6372629986. D-71066




Positively health benefited SPA expert therapist at Nayapalli. Contact: 7846814019. D-75196

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Full body massage relax body mind by trend lady therapist. 8327754443. D-75192

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly open health benefits SPA special offer @ 999 Bapujinagar. 8018429809. D-75195

**LOST**

I, Snehalata Nayak, W/o- Late Surendra Nath Nayak, resident of Plot No.-1215/1578, Khandagiri Bari, Bhubaneswar have lost my Original Patta of Property Mouza-Cuttack Sahar, Unit-8, Dakhina Tulashipur, Khata No.-276, Sthitiban Plot No.-625/755 in somewhere. If anybody found it please contact: 7377606735. D-75513

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

I, Pee Robbert, S/o Prafulla Kumar Sahoo and Geetanjali Sahoo, R/o Kashiharipur, Gopinathpur, Puri, Odisha, PIN-752002 has changed my name to Preetam Robbert for all future purposes vide affidavit dt. 05.01.2024. D-2371

By virtue of an affidavit before Notary Public dtd 25 Jan. 2024 has been changed from Kulan Rout to Debajani Jena, D/o- Lokanath Rout, At- Jayakunda, P.O.- Katana, Dist.- Kendrapada for all purposes. D-2359

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମୋରମ ଖାଦାନରୁ ଯୁବକଙ୍କ ମୃତଦେହ ଜବତ

### ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ


ମୃତ ଯୁବକ ଡମ୍ବରୁଧରଙ୍କ ଫାଇଲ ଫଟୋ।

ଅମରପାଲି,୨୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଚନ୍ଦିଲି ଗ୍ରାମର ଦଲେଇଝୁଲି ରାସ୍ତା କଡ଼ରେ ଥିବା ଏକ ମୋରମ ଖାଦାନରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ସୁବଳୟା ଗ୍ରାମର ଧିବରପଡ଼ାର ଡମ୍ବରୁଧର ଅଧିକାରୀ(୨୫)। ମୃତ ଯୁବକଙ୍କ ପିତା ସୁରେଶ ଅଧିକାରୀଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ ୧୯/୧୪) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଗୁରୁବାର ରାତିରେ ଡମ୍ବରୁଧରଙ୍କୁ ଘରୁ କେତେଜଣ ପିଲା ଡାକି ନେଇଥିଲେ। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ଶୁକ୍ରବାର ଦିନ ସ୍ଥାନୀୟ ଲୋକେ ମୋରମ ଖାଦାନରେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକଙ୍କ ଦେହରେ କ୍ଷତ ଚିହ୍ନ ରହିଛି। ଏହାସହିତ ମୃତଦେହ ନିକଟରେ ମଦ ଥିବା ବୋତଲ,ଚପଲ ଓ ଏକ ସ୍କୁଟି ଥିବା ପୋଲିସ ସୂଚନା ଦେଇଛି। ଶୁକ୍ରବାର ଦିନ ସାଇଣ୍ଟିଫିକ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଏଯାଏ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

**ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା**

ହେମଗିର,୨୭।୧(ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ଦାଘୋରା ରେଲଷ୍ଟେଶନ ନିକଟରେ ଶନିବାର ସକାଳେ ମୁମ୍ବାଇ ହାୱଡା ମୁଖ୍ୟ ରେଳପଥରେ ମାଲଗାଡି ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଗୁଡମ ଗାଁର ନରେନ୍ଦ୍ର ପ୍ରଧାନ (୨୭)।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡାଲମିଆ ସିମେଣ୍ଟରେ ସାଧାରଣତନ୍ତ୍ର ଦିବସ

**ରାଜଗାଙ୍ଗପୁର,୨୭।୧(ଅଶୋକ ପାଣି)**




ରାଜଗାଙ୍ଗପୁରର ସ୍ଥାନୀୟ ବୀର ବିର୍ସା ଷ୍ଟାଡିୟମଠାରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍ଗପୁର ତରଫରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ମୁଖ୍ୟଅତିଥିଭାବେ କମ୍ପାନୀର ବରିଷ୍ଠତମ କର୍ମଚାରୀ ଯୋଗଦେଇଥିଲେ। ଉତ୍ପାଦନ ଓ ପ୍ରକ୍ରିୟା ବିଭାଗର ମ୍ୟାନେଜର ଲାଲଜୀ ସିଂ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ଯାନ୍ତ୍ରିକ ବିଭାଗର ଟେକ୍ନିସିଆନ୍ ଅଭିସିକ୍ତା ବିଶ୍ୱାଳ, ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଜିରକୁଣ୍ଡୱାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ୍ ଓ ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ, ଏଇଡି ଡିସିବିଏଲ୍ ଓ ରାଜଗାଙ୍ଗପୁର ମାନବ ସମ୍ବଳ ବିଭାଗ ମୁଖ୍ୟ ଡ.ନୀଳାଦ୍ରି ଭୂଷଣ ପାଢୀ, ଲାଞ୍ଜିବେର୍ଣ୍ଣା ଖଣି ମୁଖ୍ୟ ଓମ୍ ପ୍ରକାଶ ଖେଲକର,ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷ ଦେବବ୍ରତ ପ୍ରଧାନ ଉପସ୍ଥିତ ଥିଲେ। ଜିରକୁଣ୍ଡୱାର ସମସ୍ତଙ୍କୁ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇ କହିଥିଲେ, ଆମ ଭାରତ ସମୟକ୍ରମେ ବିଶାଳ ହେଉଛି ଏବଂ ତା ସାଙ୍ଗେ ଡାଲମିଆ ଭାରତ ପରିବାର ଏବଂ ରାଜଗାଙ୍ଗପୁର ପରିବାର ମଧ ବଢ଼ିବାରେ ଲାଗିଛି। ଆମ ସମସ୍ତଙ୍କୁ ଦେଶର ବିକାଶରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ହେବ, ଯାହା ଫଳରେ ଆମେ ଆମର ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହେବୁ। ଶ୍ରୀବାସ୍ତବ କହିଥିଲେ, ପ୍ରେମର ସୂତ୍ରରେ ବନ୍ଧା ହୋଇଛି ଆମ ଦେଶ। ଆମ ଦେଶର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ବିବିଧତା ମଧ୍ୟରେ ଏକତା ଏବଂ ଆମେ ଭାରତୀୟ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରିବା ଉଚିତ। ଏହି ଅବସରରେ ଡାଲମିଆ ବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ତାଙ୍କ ନାମ ଘୋଷଣା କରାଯିବା ସହିତ ତାଙ୍କ ପୁରସ୍କାର ବିଦ୍ୟାଳୟକୁ ପଠେଇ ଦିଆଯାଇଥିଲା। ଏହି ଅବସରରେ ୧୩ଜଣ ସୁରକ୍ଷା ବିଭାଗର କର୍ମଚାରୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ସମ୍ମାନିତ କରାଯାଇଥିଲା। ଡାଲମିଆ ବିଦ୍ୟାମନ୍ଦିର ଓ ଡିଆଇଟିଆଇ ଛାତ୍ରଙ୍କ ଦ୍ୱାରା ଦେଶ ଭକ୍ତି ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। କମ୍ପାନୀ ମାନବ ସମ୍ବଳ ବିଭାଗର ଇପ୍ସିତ ଦାସ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ। ଏହା ବ୍ୟତୀତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଲାଞ୍ଜିବେର୍ଣ୍ଣା ଖଣି ବିଭାଗ, ପୁନର୍ବାସ ଏବଂ ଥଇଥାନ ବିଭାଗ କାଟାଙ୍ଗ, ଲାଞ୍ଜିବେର୍ଣ୍ଣା ଏବଂ ଏହାର ଆଖ ପାଖ ଗ୍ରାମର ସମ୍ପ୍ରଦାୟ ଓ ପିଲାମାନଙ୍କ ସହିତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ରାଜଗାଙ୍ଗପୁର ସୁରକ୍ଷା ବିଭାଗ ମୁଖ୍ୟ ସୁବ୍ରତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଣ ଗେଜେଟେଡ୍ ବନସେବା ସଂଘର ସଭା, କମିଟି ଗଠନ

**ବଡ଼ଗାଁ, ୨୭।୧ ( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଅଣ ଗେଜେଟେଡ ବନସେବା ସଂଘ ରାଉରକେଲା କେନ୍ଦୁପତ୍ର ବନଖଣ୍ଡର ସାଧାରଣ ବାର୍ଷିକ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜୋନ ସଭାପତି ମିତ୍ରଭାନୁ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ରାଜଗାଙ୍ଗପୁର ରେଞ୍ଜ ଅଫିସର୍ ଜୟକୃଷ୍ଣ ଭୋଇ, ବଡ଼ଗାଁ ରେଞ୍ଜ ଅଫିସର ଅମିତ କୁମାର୍ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଅଣ ଗେଜେଟେଡ ବନସେବା ସଂଘର କାର୍ଯ୍ୟକଳାପ, ନୂତନ ନୀତି ନିୟମ ଓ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ସଂଘର ନୂତନ ସମ୍ବିଧାନ ଅନୁସାରେ ଡିଭିଜନ ସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ରଖା ଯାଇଥିଲା। ପ୍ରାର୍ଥୀଙ୍କୁ ଚୟନ ପ୍ରକ୍ରିୟାରେ ନିର୍ବାଚିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଦେବାଶିଷ ବିନ୍ଧାଣିଙ୍କୁ ଚୟନ କରା ଯାଇଥିଲାବେଳେ ପୂଜାରାଣି ଯୌତିଷଙ୍କୁ ଉପ ସଭାପତି, ସମ୍ପାଦକଭାବେ ଜ୍ୟୋତି ରଞ୍ଜନ ଭୋକ୍ରା, ଲିଓ ମିଞ୍ଜଙ୍କୁ ଯୁଗ୍ମ ସମ୍ପାଦକ, ସହ ସମ୍ପାଦକଭାବେ ସଂଯୁକ୍ତା ମହନ୍ତ ଓ କୋଷାଧ୍ୟକ୍ଷ ଭାବେ ଅଶ୍ୱିନୀ କୁମାର୍ ଦାସଙ୍କୁ ଚୟନ କରାଯାଇଥିଲା।

## ପ୍ରେସ୍ କ୍ଲବର ୨୪ତମ ବାର୍ଷିକ ଉତ୍ସବ, କ୍ରିକେଟ ମ୍ୟାଚ ଅନୁଷ୍ଠିତ



**କୁତ୍ରା,୨୭।୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ପ୍ରେସ୍ କ୍ଲବର ୨୪ତମ ବାର୍ଷିକ ଉତ୍ସବ ତଥା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ପତାକା ଉତ୍ତୋଳନ ସମାବେଶରେ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହର୍ମେନ୍ଦ୍ର ଭୋଇ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସିନୀ, ଶିକ୍ଷକ ବିଭୀଷଣ ବାରିକ ଯୋଗ ଦେଇଥିଲେ। ପରେ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ପ୍ରେସ୍ ଏକାଦଶ ଏବଂ ପ୍ରଶାସନ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ କମଲ ଅଗ୍ରୱାଲ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପ୍ରଶାସନ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ହରାଇ ୮୪ ରନ କରିଥିଲା। ପ୍ରେସ୍ ଏକାଦଶ ୮.୨ ଓଭରରେ ୮୮ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଏହାପରେ ପ୍ରେସ ଓ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହର୍ମେନ୍ଦ୍ର ଭୋଇ, ଥାନା ଅଧିକାରୀ ମନୋରଞ୍ଜନ ବିଶି, ଜିପିଇଓ ନଗେନ୍ଦ୍ର କୁମାର ଦାସ, ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସିନୀ, ବଡ଼ଗାଁ ଆଇଟିଆଇର ଅଧକ୍ଷ ଅରୁଣ କୁମାର ନାୟକ, ଶିକ୍ଷକ ବିଭୀଷଣ ବାରିକ, ବଡ଼ଗାଁ ବ୍ଲକର ସାମ୍ବାଦିକ ଭିକି ପଣ୍ଡା, ରାଜଗାଙ୍ଗପୁର ବ୍ଲକର ସାମ୍ବାଦିକ ଅଟଳ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କୁତ୍ରା ପ୍ରେସ୍ କ୍ଲବର ଖବରଦାତା ଦେବେନ୍ଦ୍ର ପୁରୋହିତ, ପ୍ରଶାନ୍ତ କୁମାର ସାହୁ, ମହେନ୍ଦ୍ର ସିଂ, ରାଜେଶ ସାହୁ, ଅର୍ଜୁନ ଜୟପୁରିଆ ପ୍ରମୁଖ ପରିଚାଳନା କରିଥିଲେ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧଦିବସ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**



**୰ନିଶାମଣୀ ଦେବୀ**
ଜନାର୍ଦ୍ଦନପୁର, ପିପିଲି, ପୁରୀ
ଆବିର୍ଭାବ: ତା୦୧।୦୧।୧୯୨୯
ତିରୋଧାନ: ତା୧୦।୦୧।୨୦୨୩
ମାଘ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ବିଦେହୀ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱର ଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୨୩୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁଜିତ୍ ପରିଡା**
ସମ୍ପିତ ରେସିଡେନ୍ସି, ଆଇଆର୍‌ସି ଭିଲେଜ୍
ଆବିର୍ଭାବ: ୦୨.୦୯.୧୯୭୬
ତିରୋଧାନ: ୧୮.୦୧.୨୦୨୪
ଅଫେରା ରାଇଜେ ଚାଲିଗଲୁ ବେଗେ
ଖୋଜୁଛି କଅଁଳ ଶିଶୁ ଓ ପରିବାର ବର୍ଗ
କାହାରି ମୁହଁରୁ ଶବ୍ଦ ସ୍ଫୁରୁ ନାହିଁ
ଶୁଖୁନି ଆଖିରୁ ଅଶ୍ରୁ।
ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ, ଝିଅ, ମାତା, ବଡଭାଇ, ଭଉଣୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁମାନେ
ଧ-୨୩୭୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଦ୍ରା ପାଣି**
ମହ୍ଲାସାହି, କୁଜଙ୍ଗ
ଆବିର୍ଭାବ- ୦୧।୦୮।୧୯୪୦
ତିରୋଧାନ- ୧୭।୦୧।୨୦୨୪
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରିବାର ଓ ସମାଜ ପାଇଁ ଉତ୍ସର୍ଗୀକୃତ ଅବଦାନ ଅବିସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, କନ୍ୟା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୭୨

## ସର୍ବ ସମନ୍ୱୟ ସଂଘର ରାଉରକେଲା ଗସ୍ତ

**ଟେନ୍‌ସା,୨୭।୧(ସମୀର କୁମାର ପାଢ଼ୀ)**

ସର୍ବ ସମନ୍ୱୟ ସଂଘର ସଭାପତି ଜଗଦୀଶ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସେଲଡେରେ ରାଉରକେଲା ଗ୍ରସ୍ତ କରିଥିଲେ। ସେଲ ସର୍ବ ଭାରତୀୟ ହରିଜନ, ଆଦିବାସୀ ସଂଘର ଉପ ସଭାପତି ଏସ୍‌ସି ପରିଜାଙ୍କୁ ତାଙ୍କ ବାସ ଭବନରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ସର୍ବ ସମନ୍ୱୟ ସଂଘ ରାଉରକେଲା ସମ୍ପାଦକ ଶୁକଦେ ମଲ୍ଲିକ ଉପସ୍ଥିତ ଥିଲେ। ସାକ୍ଷାତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସର୍ବ ସମନ୍ୱୟ ସଂଘ ଟେନ୍‌ସା ଶାଖାକୁ କେନ୍ଦ୍ର ନୂଆଦିଲ୍ଲୀ ସହିତ ଯୋଡ଼ା ଯାଉ। କିଭଳି ହରିଜନ ଆଦିବାସୀ ପଛୁଆ ବର୍ଗର ଆର୍ଥିକ, ସାମାଜିକ, ଶିକ୍ଷାଗତ ଅନଗ୍ରସର ଲୋକଙ୍କୁ ସାମଗ୍ରୀକ ଭାବେ ବିକାଶ କରାଯାଇ ପାରିବ। ଟେନ୍‌ସା ଶାଖାର ସଭାପତି ଜଗଦୀଶ ବେହେରା, ଉପ ସଭାପତି ଜାଭିଅର ଟପ୍ପୋ,ସାଧାରଣ ସମ୍ପାଦକ ହେରମାନ ଲାକ୍ରା, କୋଷାଧକ୍ଷ ପାଣ୍ଡବ ମାଝି ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ରାଉରକେଲା ଶାଖାର ସାଧାରଣ ସମ୍ପାଦକ ଶୁକଦେ ମଲ୍ଲିକ ସମସ୍ତ ବିଷୟ ଉପରେ ଦିଗଦର୍ଶନ ଦେଇଥିଲେ। ରାଉରକେଲା ସର୍ବ ସମନ୍ୱୟ ସଂଘର ଉପସଭାପତି ଆଗାମୀ ଦିନରେ କିପରି ମିଳିତ ଭାବେ ଟେନ୍‌ସା-ରାଉରକେଲା ବିଭିନ୍ନ କାର୍ଯ୍ୟ କରିବେ ସେ ଉପରେ ଗୁରୁତ୍ୱ ଆରପ କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ




**ବ୍ରଜରାଜନଗର, ୨୭।୧(ବିଜୟ ବରାଡ଼)**

ବ୍ରଜରାଜନଗରର ସମଲେଶ୍ୱରୀ କୋଇଲା ଖଣିରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଖଣିରେ ଟ୍ରକ୍‌ଗୁଡିକରେ ଲୋଡିଂ ଚାଲୁଥିବା ସମୟରେ କେତେଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ବ୍ରଜରାଜନଗରର ଟ୍ରକ୍ ମାଲିକ ସଂଘ (ବିଟିଓଏ) କାର୍ଯ୍ୟାଳୟରେ ପଶି ସଂଘ କର୍ମଚାରୀଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ସଂଘ ସଭାପତି ଦେବପ୍ରସାଦ ଦାସ, ସାଧାରଣ ସମ୍ପାଦକ ଧନଞ୍ଜୟ ସିଂହ, ମଧୁସୂଦନ ସିଂହ ପ୍ରମୁଖ ରାମପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କର୍ମକର୍ତ୍ତା ଓ ଟ୍ରକ୍ ମାଲିକମାନେ ଫାଣ୍ଡି ଘେରାଉ କରିଥିଲେ। ସୂଚନାଯୋଗ୍ୟ ବିଟିଓଏ ଏକ ସ୍ୱୀକୃତିପ୍ରାପ୍ତ ସଂସ୍ଥା। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ କର୍ମକର୍ତ୍ତା ନିର୍ବାଚିତ ହୋଇଥାନ୍ତି। ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧିଙ୍କ ଅବଧି ୧ବର୍ଷ ଥାଏ। ସଂଘ ନିର୍ବାଚନ ହେବା ପରଠାରୁ ଦୀର୍ଘ ୧୬ବର୍ଷ ହେବ କୋଇଲା ଖାଦାନରେ ଲୋଡିଂ ପାଇଁ ଟ୍ରକ୍ ପିଛା ୩୨୦ଟଙ୍କା ବେଆଇନ ଭାବେ ଆଦାୟ କରାଯାଇଆସୁଛି। ହେଲେ ପୋଲିସ ଏଥିରେ ହସ୍ତକ୍ଷେପକରି କିଛିଦିନ ହେବ ଏହି ବେଆଇନ କାର୍ଯ୍ୟ ବନ୍ଦ କରିଛି। ଏପରି କି ଏହି ବେଆଇନ ଟଙ୍କା ଆଦାୟ ସମୟରେ ପୋଲିସ ଚଢ଼ାଉକରି ପରିବହନକାରୀ ସଂସ୍ଥାର କର୍ମଚାରୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହା ପରଠାରୁ କୋଇଲା ଖଣି ଅଞ୍ଚଳରେ ଉଭୟ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଲାଗିରହିଛି।

## ଗଣତନ୍ତ୍ର ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବନ୍ଧମୁଣ୍ଡା, ୨୭।୧(ସୁବ୍ରତ ଦେ):** ବନ୍ଧମୁଣ୍ଡାରେ ଗଣତନ୍ତ୍ର ଦିବସ ପାଳନ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ଆୟୋଜନ କରାଯାଇଥିଲା। ବିଜେଡି ଯୁବ ଜିଲା ଉପାଧ୍ୟକ୍ଷ ସୋମନାଥ ରାହା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡା.ଫୈଜାନ ଆଲାମ,ଏ ପଟେଲ, ସାଇଲେନ୍ଦ୍ର କୁମାର, ସୁମନ କୁମାର,ଗଣେଶ ମାଝି, କାର୍ତ୍ତିକ ମାହାତୋ, ତୁନ୍ତୁ ନେଥମ୍ ଯୋଗଦେଇଥିଲେ। ମହିଳା ଓ ଶିଶୁଙ୍କ ପାଇଁ ବିଭିନ୍ନ ଖେଳର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଜେତା ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ କ୍ଲବର ସୁଦୀପ ସିଂହ, ବାବୁଲି ନାୟକ, ଦେବ କୁମାର, ରନଦ୍ୱିପ ସିଂହ, ହିମାଂଶୁ ଗଡନାୟକ,ମଣ୍ଟୁନ୍ ସାହ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ,୨ ଆହତ

**ଟେନ୍‌ସା,୨୭।୧(ସମୀର କୁମାର ପାଢ଼ୀ):** ସାମାନ୍ୟ ବଚସାକୁ ନେଇ ଦୁର୍ବୃତ୍ତଙ୍କ ଉନ୍ମତ କାଣ୍ଡ। ପ୍ରଥମେ ଘର ଭିତରକୁ ପଶି ମୁଣ୍ଡ ଫଟାଇ ୨ଜଣଙ୍କୁ ଗୁରୁତର କଲେ। ପରେ ଘରର ସମସ୍ତ ଅସବାବପତ୍ର ନଷ୍ଟ କରି ନିଆଁ ଲଗାଇଦେଲେ। ଏପରି ଘଟଣା ଘଟିଛି ସୁନ୍ଦରଗଡ ଜିଲା କୋଇଡା ଥାନା ସଗଡ଼ଭଙ୍ଗା ଗାଁରେ। ଶୁକ୍ରବାର ସନ୍ଧ୍ୟାରେ ଶଗଡ଼ଭଙ୍ଗା ଗ୍ରାମର ତ୍ରିଲୋଚନ ବେହେରା ଏବଂ ତାଙ୍କର ସାଙ୍ଗ ଘରକୁ ଫେରୁଥିବା ବେଳେ ରାସ୍ତା କଡରେ ମଦ୍ୟପାନ କରୁଥିବା କିଛି ଯୁବକଙ୍କ ସହିତ ବଚସା ହୋଇଥିଲା। ପରେ ଉଭୟଙ୍କ ଭିତରେ ସମାଧାନ ମଧ୍ୟ ହୋଇଥିଲା। ପରେ ବିଳମ୍ବିତ ରାତିରେ ତ୍ରିଲୋଚନଙ୍କ ଘରର ଆଜବେଷ୍ଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରି ଉଭୟଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିରେ ୨ଜଣ ଗୁରୁତର ଆହତ ହୋଇଥିଲେ। ଥାନାରେ ଅଭିଯୋଗ ପରେ ୩ ଯୁବକକୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି।

**Classified Everyday**
**0674-2580101, 2549949**


MATRIMONIAL

**BRIDE WANTED**

Bangalore Based Educated Well Settled Never Married Hindu OBC Groom 48 seeks Never Married Bride 7019600492. D-2368

**GROOM WANTED**

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

Age-33, Government Job Divorcee ସୁନ୍ଦର ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7787907421. D-2370

Beautiful Khandayat girl 26/5’4”/B.Tech/Railway Engineer/ Bhubaneswar. 9938199964. D-2367


REAL ESTATE

**SALE**

Book 4BHK flat at Saubhagya Nagar, OUAT Square, Near Khimji & Narula sweets. SBA 2050sqft., Handover Aug-24. Contact: 9439716901. D-75514

**Semifurnished 3BHK flat at Jharpada 80’ road side near Ganesh Mandap Chhak. Contact No.- 9437307086, 7978209277.** D-2362

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30’ ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286


FOR RENT

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

House rent for only working ladies near Firestation Chhaka, Bhubaneswar per bed 3000/-. 6372629986. D-71066


Healthcare

Positively health benefited SPA expert therapist at Nayapalli. Contact: 7846814019. D-75196

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Full body massage relax body mind by trend lady therapist. 8327754443. D-75192

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly open health benefits SPA special offer @ 999 Bapujinagar. 8018429809. D-75195

**LOST**

I, Snehalata Nayak, W/o- Late Surendra Nath Nayak, resident of Plot No.-1215/1578, Khandagiri Bari, Bhubaneswar have lost my Original Patta of Property Mouza-Cuttack Sahar, Unit-8, Dakhina Tulashipur, Khata No.- 276, Sthitiban Plot No.- 625/755 in somewhere. If anybody found it please contact: 7377606735. D-75513

**AFFIDAVIT**

I, Pee Robbert, S/o Prafulla Kumar Sahoo and Geetanjali Sahoo, R/o Kashiharipur, Gopinathpur, Puri, Odisha, PIN-752002 has changed my name to Preetam Robbert for all future purposes vide affidavit dt. 05.01.2024. D-2371

By virtue of an affidavit before Notary Public dtd 25 Jan. 2024 has been changed from Kulan Rout to Debajani Jena, D/o- Lokanath Rout, At- Jayakunda, P.O.- Katana, Dist.- Kendrapada for all purposes. D-2359

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦୀପ୍ ଗ୍ରେସ୍‌ଙ୍କ ଅବସର



**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଭାରତୀୟ ମହିଳା ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ଶନିବାର ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ହକିରେ ସେ ଜଣେ ଦିଗ୍‌ଗଜ ଡିଫେଣ୍ଡର ଓ ପେନାଲ୍ଟି କର୍ନର ସ୍ପେଶାଲିଷ୍ଟଭାବେ ପରିଚିତ ଥିଲେ। ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ଲୁଲ୍‌କିଡିହିରେ ୧୯୯୪ ଜୁନ ୩ରେ ଜନ୍ମଗ୍ରହଣ କରିଥିଲେ ଦୀପ୍‌ଗ୍ରେସ। ତାଙ୍କ ମା'ଙ୍କ ନାମ ଜୟମଣି ଓ ବାପା ଚାର୍ଲେସ ଏକ୍କା।

## ହକି ଇଣ୍ଡିଆର ଅଭିନନ୍ଦନ

୧୭ ବର୍ଷ ବୟସରେ ୨୦୧୧ରେ ଦୀପ୍‌ଗ୍ରେସଙ୍କ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ ହୋଇଥିଲା। ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ତାଙ୍କ ଜୀବନର ପ୍ରଥମ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ଥିଲା। ଏହାପରେ ସେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ୧୮ ବର୍ଷରୁ କମ୍ ଏସିଆ କପ୍ ଖେଳିଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପରବର୍ତ୍ତୀ ଜାତୀୟ କ୍ୟାମ୍ପ ଗୁଡ଼ିକରେ ସେ ପ୍ରାୟତଃ ନିୟମିତ ସଦସ୍ୟା ଥିଲେ। ୨୦୧୩ରେ ଜର୍ମାନୀରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପରେ ଐତିହାସିକ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହି ବର୍ଷ ସେ ଉଭୟ ଜୁନିୟର ଓ ସିନିୟର ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୩ରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ସିନିୟର ଦଳ ପକ୍ଷରୁ ସେ ଖେଳିଥିଲେ। ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ଥିଲେ। ରିଓରେ ଭାରତ ସାହସିକ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହିଥିଲା। ସେ ଏସିଆନ ଗେମ୍ସ (୨୦୧୪, ୨୦୧୮, ୨୦୨୨), ରାଜ୍ୟଗୋଷ୍ଠୀ କ୍ରୀଡ଼ା (୨୦୨୨), ଏସିଆ କପ୍ (୨୦୧୩, ୨୦୧୭, ୨୦୨୨), ଏସିଆନ ଚାମ୍ପିୟନ୍ସ ଟ୍ରଫି (୨୦୧୩, ୨୦୧୬, ୨୦୧୮, ୨୦୨୨)ରେ ଭାରତ ପାଇଁ ପଦକ ହାସଲ କରିଥିଲେ। ୨୦୨୨ରେ ଅର୍ଜୁନ ପୁରସ୍କାର ବିଜେତା ଦୀପ୍ ଗ୍ରେସ୍‌ଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

### ଭାରତ ପକ୍ଷରୁ ପ୍ରତିନିଧିତ୍ୱ ବଡ଼ ସମ୍ମାନ

"ଆନୁଷ୍ଠାନିକଭାବେ ମୁଁ ଆଜି ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରୁଛି। ୨୦୧୧ରୁ ୨୦୨୩ ପର୍ଯ୍ୟନ୍ତ ମୋ କ୍ୟାରିୟରର ଶ୍ରେଷ୍ଠ ସମୟ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ବଡ଼ ସମ୍ମାନ ସଦୃଶ ଥିଲା। ଏହି ଅବସରରେ ମୁଁ ମୋ ଦଳୀୟ ସାଥୀ, କୋଚ୍, ମେଣ୍ଟର ଓ ସପୋର୍ଟ ଷ୍ଟାଫ୍ ମାନଙ୍କୁ ଧନ୍ୟବାଦ ଜଣାଉଛନ୍ତି। ଏମାନଙ୍କ ସମର୍ଥନ ଯୋଗୁ ମୁଁ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲି। ତେଣୁ ଚିର କୃତଜ୍ଞ। ଏହି ଅବସରରେ ମୁଁ ହକି ଇଣ୍ଡିଆ, ହକି ଆସୋସିଏଶନ ଅଫ୍ ଓଡ଼ିଶା, ଓଡ଼ିଶା ସରକାର, ଭାରତ ସରକାର ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ମଧ୍ୟ ଅନ୍ତରରୁ ଧନ୍ୟବାଦ ଜଣାଉଛି" ବୋଲି ଦୀପ୍ ଗ୍ରେସ୍ ପ୍ରକାଶ କରିଛନ୍ତି।

# ତନ୍ମୟଙ୍କ ଦ୍ରୁତତମ ତ୍ରିଶତକ ରେକର୍ଡ



**ମେଲବୋର୍ନ, ୨୭।୧ (ପି.ଟି.)**

ହାଇଦ୍ରାବାଦ ରଣଜୀ ଦଳର ଓପନର ତନ୍ମୟ ଅଗ୍ରୱାଲ ଏକ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ୧୪୭ ବଲ୍‌ରୁ ତ୍ରିଶତକ ହାସଲ କରିବା ସହ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଘରୋଇ କ୍ରିକେଟରେ ଏହା ବିଶ୍ୱ ରେକର୍ଡ। ୨୮ ବର୍ଷୀୟ ତନ୍ମୟ ୧୬୦ ବଲ୍ ଖେଳି ୩୩ ଚୌକା ଓ ୨୧ ଛକା ମାରିଥିଲେ। ହାଇଦ୍ରାବାଦ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୪୮ ଓଭରରେ ୧ ଉଇକେଟ ହରାଇ ୫୨୯ ରନ୍ ସ୍କୋର କରିଛି। ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ଆଫ୍ରିକାର ମାର୍କୋ ମାରାଇସ୍‌ଙ୍କ ନାମରେ ରହିଥିଲା। ମାର୍କୋ ୧୯୧ ବଲ୍‌ରେ ନିଜର ତ୍ରିଶତକ ପୂରଣ କରିଥିଲେ।

# ଟାଇଟଲ ବଜାୟ ରଖିଲେ ସାବାଲେଙ୍କା

## ଅଷ୍ଟ୍ରେଲିଆନ ଓପନ

**ମେଲବୋର୍ନ, ୨୭।୧ (ପି.ଟି.)**

ଅଷ୍ଟ୍ରେଲିଆନ ଓପନ ଟେନିସ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଟାଇଟଲ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା। ଡିଫେଣ୍ଡିଂ ଚାମ୍ପିୟନ ସାବାଲେଙ୍କା କ୍ରମାଗତ ଦ୍ୱିତୀୟ ଥର ଫାଇନାଲ ଖେଳିଥିବା ବେଳେ ଚାଇନାର କ୍ୱିନ୍‌ୱେନ ଝେଙ୍ଗଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଶନିବାର କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ୍ ହାସଲ କରିଥିବା ସାବାଲେଙ୍କା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ସେଟ୍‌କୁ ମାତ୍ର ୩୩ ମିନିଟରେ ସେ ଜିତି ନେଇଥିଲେ। ଝେଙ୍ଗ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳୁଥିବା ବେଳେ ଏହାର ଫାଇଦା ନେଇଥିଲେ ସାବାଲେଙ୍କା। ତେବେ ଦୁଇଟି କାରଣରୁ ସାବାଲେଙ୍କାଙ୍କ ଟ୍ରଫି ଉଠାଇବା ସାମାନ୍ୟ ବିଳମ୍ବିତ ହୋଇଥିଲା। ଦ୍ୱିତୀୟ ସେଟ୍‌ରେ ତୃତୀୟ ଗେମ୍‌ରେ ଜଣେ ବ୍ୟକ୍ତି ନିଜ ସିଟ୍‌ରୁ ଉଠି ବିରୋଧ କରିଥିଲେ। ଏପରିକି କିଛି ନାରା ମଧ୍ୟ ଲଗାଇଥିଲେ। ସୁରକ୍ଷାକର୍ମୀ ଏହି ବ୍ୟକ୍ତି ଜଣଙ୍କୁ ବାହାରକୁ ନେବା ପରେ ମ୍ୟାଚ୍ ପୁନର୍ବାର ଆରମ୍ଭ ହୋଇଥିଲା। ସେହିପରି ଗୋଟିଏ ଗେମ୍‌ରେ ୪୦-୦ରେ ଆଗୁଆ ରହିଥିବା ବେଳେ ଦୁଇଟି ଲଙ୍ଗ ଫୋରହାଣ୍ଡ ଶଟ୍ ଖେଳିଥିଲେ। ଝେଙ୍ଗ ଚତୁରତାର ସହ ଏକ ଡ୍ରପ୍ ଶଟ୍ ଖେଳିବା ଫଳରେ ଏହି ଗେମ୍‌କୁ ଜିତି ନେଇଥିଲେ। ତେବେ ଅଭିଜ୍ଞତାର ଉପଯୋଗ କରି ସେ ପରବର୍ତ୍ତୀ ୩ ଗେମ୍ ଜିତି ଟାଇଟଲ୍ କରାୟତ୍ତ କରି ନେଇଥିଲେ।
୨୫ ବର୍ଷୀୟା ସାବାଲେଙ୍କା ଏହି ବିଜୟ ସହ ଏକାଧିକ ରେକର୍ଡ ନିଜ ନାମରେ କରିଛନ୍ତି। ୧୩ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ୍। ଭିକ୍ଟୋରିଆ ଆଜାରେଙ୍କା(୨୦୧୨, ୧୩)ଙ୍କ ପରେ ଦ୍ୱିତୀୟ ମହିଳା ଭାବରେ ସେ କ୍ରମାଗତ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ସେହିପରି ଗୋଟିଏ ବି ସେଟ୍ ନ ହାରି ଟାଇଟଲ୍ ଜିତିଛନ୍ତି ସାବାଲେଙ୍କା। ସେରେନା ୱିଲିୟମ୍ସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ଏଭଳି ସଫଳତା ହାସଲ କରିଛନ୍ତି। ସାବାଲେଙ୍କା ଓ ଝେଙ୍ଗ ପରସ୍ପରକୁ ଦୁଇଥର ଭେଟିଥିବା ବେଳେ ଉଭୟ ଥର ସାବାଲେଙ୍କା ବିଜୟୀ ହୋଇଛନ୍ତି।



ଟ୍ରଫି ସହ ଆରିନା ସାବାଲେଙ୍କା

# ଜ୍ୟୋତ୍ସ୍ନା ସବରଙ୍କ ଜାତୀୟ ୟୁଥ୍ ରେକର୍ଡ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳିକା ଭାରୋତ୍ତୋଳନରେ ଜାତୀୟ ୟୁଥ୍ ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ଜ୍ୟୋତ୍ସ୍ନା ସବର। ୪୦ କେଜି ବର୍ଗରେ ସେ ମୋଟ ୧୩୦ (ସ୍ନାଚ୍-୬୦, କ୍ଲିନ୍ ଆଣ୍ଡ ଜର୍କ-୭୦) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଶା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ୧୧୬ କେଜି ସହିତ ରୌପ୍ୟ ପଦକ ପାଇଛନ୍ତି। ବାଳକ ୬୭ କେଜି ବର୍ଗରେ ଦୀପକ ପ୍ରଧାନ ୨୪୨ କେଜି ଉତ୍ତୋଳନ କରି ବ୍ରୋଞ୍ଜ ଜିତିଛନ୍ତି। ସେହିପରି ବାଳିକା ୫୫ କେଜିରେ ମୀନା ଶାନ୍ତା ୧୭୧ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳକ ହକି ଫାଇନାଲରେ ଓଡ଼ିଶା ଦଳ ୪-୦ ଗୋଲରେ ମଧ୍ୟ ପ୍ରଦେଶକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଦଳ ପ୍ଲେ-ଅଫ୍‌ରେ ମିଜୋରାମକୁ ୪-୩ ଗୋଲରେ ପରାସ୍ତ କରି ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।



# ଓଡ଼ିଶାର ଜ୍ୟୋତି, ସୁନେଲିତା ସାମିଲ



ଜ୍ୟୋତି ଛତ୍ରୀ



ସୁନେଲିତା ଟପ୍ପୋ

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଭାରତୀୟ ମହିଳା ହକି ଦଳ ଘୋଷିତ

**ନୂଆଦିଲ୍ଲୀ, ୨୭।୧ (ପି.ଟି.)**

ଆଗାମି ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଲାଗି ସବିତା ପୁନିଆଙ୍କ ନେତୃତ୍ୱରେ ୨୪ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ଜଣ ଖେଳାଳି ଜ୍ୟୋତି ଛତ୍ରୀ ଓ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ସବିତାଙ୍କୁ ସହାୟତା କରିବେ ବନ୍ଦନା କାଟାରିୟା। ସେ ଉପ-ଅଧିନାୟିକା ଭାବେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରୋ-ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟ ଫେବୃଆରୀ ୩ରୁ ୯ ପର୍ଯ୍ୟନ୍ତ ହେବାକୁଥିବା ବେଳେ ରାଉରକେଲାରେ ୧୨ରୁ ୧୮ ପର୍ଯ୍ୟନ୍ତ ହେବ। ଭାରତ ଉଭୟ ପର୍ଯ୍ୟାୟରେ ଦୁଇ ଥର ଲେଖାଏଁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ), ନେଦରଲାଣ୍ଡ୍ସ, ଚାଇନା ଓ ଅଷ୍ଟ୍ରେଲିଆକୁ ଭେଟିବ।

**ଭାରତୀୟ ମହିଳା ହକି ଦଳ:**
ଗୋଲକିପର: ସବିତା, ବିଚୁ ଦେବୀ ଖରିବାମ୍। ଡିଫେଣ୍ଡର: ଗୁର୍‌ଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ମୋନିକା, ଜ୍ୟୋତି ଛତ୍ରୀ। ମିଡ୍‌ଫିଲ୍ଡର: ନିଶା, ବୈଷ୍ଣବୀ ଫାଲ୍‌କେ, ନେହା, ନବନୀତ କୌର, ସାଲିମା ଟେଟେ, ସୋନିକା, ଜ୍ୟୋତି, ବଲଜିତ୍ କୌର, ସୁନେଲିକା ଟପ୍ପୋ। ଫରୱାର୍ଡ: ମମ୍‌ତାଜ ଖାନ୍, ବ୍ୟୁଟି ଡୁଙ୍ଗ୍‌ଡୁଙ୍ଗ୍, ଲାଲରେମସିଆମି, ସଙ୍ଗିତା କୁମାରୀ, ଦୀପିକା, ବନ୍ଦନା କାଟାରିୟା, ଶର୍ମିଳା ଦେବୀ।

# ୧୨୬ ରନ୍‌ରେ ଆଗୁଆ ଇଂଲଣ୍ଡ

## ପୋପ୍‌ଙ୍କ ଲଢୁଆ ଶତକ



**ହାଇଦ୍ରାବାଦ, ୨୭।୧ (ପି.ଟି.)**

ଓଲି ପୋପ୍‌ଙ୍କ ଲଢୁଆ ଶତକ ବଳରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ୧୨୬ ରନ୍‌ରେ ଆଗୁଆ ରହିଛି ଇଂଲଣ୍ଡ। ଭାରତ ପ୍ରଥମ ଇନିଂସରେ ୧୯୦ ରନ୍‌ର ବୃହତ ଅଗ୍ରଣୀ ହାସଲ କରିଥିବା ବେଳେ ପୋପ୍‌ଙ୍କ ଅପରାଜିତ ୧୪୮ ରନ୍ ବଳରେ ତୃତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୬ ଉଇକେଟ ହରାଇ ୩୧୬ ରନ୍ ସଂଗ୍ରହ କରିଛି।
ଦ୍ୱିତୀୟ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଭାରତ ୪୩୬ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୮୭ ରନ୍ କରିଥିବା ବେଳେ ଲୋକେଶ ରାହୁଲ ୮୬ ଓ ଯଶସ୍ୱୀ ଜୟସ୍ୱାଲ ୮୦ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୪୪, ଶ୍ରୀକର ଭରତ ୪୧ ଓ ଶ୍ରେୟସ୍ ଆୟର ୩୫ ରନ୍‌ର ଯୋଗଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ପାର୍ଟ ଟାଇମର ଜୋ ରୁଟ୍ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ରେହାନ ଅହମଦ ଓ ଟମ୍ ହାର୍ଟଲେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।
ପ୍ରଥମ ଇନିଂସରେ ୧୯୦ ରନ୍‌ରେ ପଛୁଆ ରହିବା ପରେ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ୧୬୩ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଲଢୁଆ ବ୍ୟାଟିଂ କରିବା ସହ ଇଂଲଣ୍ଡ ବୋଲରଙ୍କ ପାଇଁ ସାମାନ୍ୟ ସୁଯୋଗ ସୃଷ୍ଟି କରିଥିଲେ ପୋପ୍। ଦୁଇ ଓପନର ବେନ୍ ଡକେଟ୍(୪୭) ଓ ଜ୍ୟାକ୍ କ୍ରଲି(୩୧) ପ୍ରଥମ ଉଇକେଟରେ ୪୫ ରନ୍ ଯୋଡ଼ିଥିଲେ। ତେବେ ଦୁଇ ଓପନର ଆଉଟ ହେବା ପରେ ମଧ୍ୟକ୍ରମରେ ଜୋ ରୁଟ୍ (୨), ଜନି ବେୟାରଷ୍ଟୋ(୧୦) ଓ ବେନ୍ ଷ୍ଟୋକ୍ସ(୬) ବିଫଳ ହୋଇଥିଲେ। ୧୬୩ ରନ୍‌ରେ ଦଳର ଅଧା ଖେଳାଳି ପ୍ୟାଭିଲିୟନ ଫେରି ସାରିଥିଲେ। ତେବେ ଓଲି ପୋପ୍ ଓ ଉଇକେଟ କିପର ବେନ୍ ଫୋକ୍ସ (୩୪) ଷଷ୍ଠ ଉଇକେଟରେ ୧୦୪ ରନ୍ ଯୋଡିଥିଲେ। ଫୋକ୍ସ ଅକ୍ଷର ପଟେଲଙ୍କ ବଲରେ ଆଉଟ ହେବା ପରେ ରେହାନ୍ ଅହମଦ୍(୧୬*)ଙ୍କ ସହ ଅବିଭାଜିତ ୩୯ ରନ୍ ଯୋଡିଛନ୍ତି ପୋପ୍। ଷ୍ଟମ୍ପସ ବେଳକୁ ସେ ୨୦୮ ବଲ୍ ଖେଳି ୧୭ ଚୌକା ମାରିଛନ୍ତି। ହାଇଦ୍ରାବାଦ ପିଚ୍‌ରେ ଭାରତୀୟ ସ୍ପିନରଙ୍କ ଦବଦବା ରହିଥିଲେ ମଧ୍ୟ ପୋପ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହା ପୋପ୍‌ଙ୍କ କ୍ୟାରିୟରର ପଞ୍ଚମ ଟେଷ୍ଟ ଶତକ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମ୍‌ରା ୨ଟି, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:**
ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬/୧୦। ଭାରତ ପ୍ରଥମ ଇନିଂସ: ୪୩୬/୧୦ (ରବୀନ୍ଦ୍ର ଜାଡେଜା-୮୭, ଲୋକେଶ ରାହୁଲ-୮୬, ଯଶସ୍ୱୀ ଜୟସ୍ୱାଲ-୮୦, ଜୋ ରୁଟ୍-୪/୭୯, ରେହାନ ଅହମଦ-୨/୧୦୫, ଟମ୍ ହାର୍ଟଲେ-୨/୧୩୧)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୬/୬(ଅସମାପ୍ତ) (ଓଲି ପୋପ-୧୪୮*, ବେନ୍ ଡକେଟ୍-୪୭, ବେନ୍ ଫୋକ୍ସ-୩୪, ଯଶପ୍ରୀତ ବୁମ୍‌ରା-୨/୨୯, ଆର. ଅଶ୍ୱିନ-୨/୯୩, ଅକ୍ଷର ପଟେଲ-୧/୬୯, ରବୀନ୍ଦ୍ର ଜାଡେଜା-୧/୧୦୧)।

# ସିନର-ମେଡଭେଡେଭ ଫାଇନାଲ

**ମେଲବୋର୍ନ, ୨୭।୧ (ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଟେନିସ୍ ଫାଇନାଲ ରବିବାର ରଡ୍ ଲାଭେର ଆରେନାରେ ଖେଳାଯିବ। ୨୨ ବର୍ଷୀୟ ଇଟାଲୀର ଜାନିକ୍ ସିନର ଓ ରୁଷିଆର ଡାନିଲ ମେଡଭେଡେଭ୍ ଟାଇଟଲ ବିଜୟୀ ହୋଇଛନ୍ତି। ଜାନିକ୍ ସିନର ନିଜ ସେମି ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ୬-୧, ୬-୨, ୬-୭(୬) ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ। କ୍ରମାଗତ ପଞ୍ଚମ ତଥା ଏକାଦଶ ଅଷ୍ଟ୍ରେଲିଆନ୍ ଓପନ ଲକ୍ଷ୍ୟରେ ଥିବା ଜୋକୋଭିଚ୍‌ଙ୍କ ରଡ୍ ଲାଭେର ଆରେନାର ଅପରାଜେୟ ଧାରା ଶେଷ ହୋଇଛି। ଦ୍ୱିତୀୟ ସେମି ଫାଇନାଲରେ ତୃତୀୟ ସିଡ୍ ଡାନିଲ ମେଡଭେଡେଭ ୫-୭, ୩-୬, ୭-୬(୪), ୭-୬(୫) ଓ ୬-୩ରେ ଆଲେକ୍‌ଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ।

## ଏଫ୍‌ଆଇଏଚ ୫ଏସ୍ ମହିଳା ହକି ବିଶ୍ୱକପ୍

# ଫାଇନାଲରେ ଭାରତ

**ମସ୍କଟ, ୨୭।୧ (ପି.ଟି.)**

ଦକ୍ଷିଣ ଆଫ୍ରିକାକୁ ୬-୩ ଗୋଲ୍‌ରେ ହରାଇ ଭାରତ ଏଫ୍‌ଆଇଏଚ ୫ଏସ୍ ମହିଳା ହକି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଭାରତ ତରଫରୁ ଅକ୍ଷତା ଆବସୋ ଢେକାଲେ (୭ମ ମିନିଟ), ମାରିଆନା କୁଜୁର (୧୧ତମ), ମମ୍‌ତାଜ ଖାନ୍ (୨୧ତମ), ଜ୍ୟୋତି ଛେତ୍ରୀ (୨୫ତମ) ଓ ଅଜମିନା କୁଜୁର (୨୬ତମ) ପ୍ରମୁଖ ଗୋଲ ସ୍କୋର କରିଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ପକ୍ଷରୁ ଟେଶାୱିନ ଡି' ଲା ରେ (୫ମ), ଅଧିନାୟିକା ଟୋନି ମାର୍କ୍ସ (୮ମ) ଓ ଡିର୍କି ଚାମ୍ବରଲେନ୍ (୨୯ତମ) ଗୋଲ୍ ଦେଇଥିଲେ। ଭାରତ ରବିବାର ଫାଇନାଲରେ ନେଦରଲାଣ୍ଡ୍ସକୁ ଭେଟିବ।

# ବୋଲର, ସନ୍ଦିପ ଆଶା ସୃଷ୍ଟିକଲେ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ହିମାଚଳ ପ୍ରଦେଶ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସରେ ଓଡ଼ିଶାର ୧୩୮ ରନ ଜବାବରେ ହିମାଚଳ ପ୍ରଦେଶ ୧୭୬ ରନରେ ଅଲ୍‌ଆଉଟ ହୋଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୫୭ ରନ କରିଛି। ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କହି ହିମାଚଳ ପ୍ରଦେଶକୁ ବଡ଼ ଅଗ୍ରଣୀ ନେବାକୁ ଦେଇ ନ ଥିବାବେଳେ ସନ୍ଦିପ ପଟ୍ଟନାୟକ ଅର୍ଦ୍ଧଶତକ ହାସଲ ସହ ଅପରାଜିତ ରହି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି। ୭ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ଏବେ ଓଭରଅଲ୍ ୧୧୯ ରନରେ ଅଗ୍ରଣୀ ହାସଲ କରିଛି।
ପ୍ରଥମ ଦିବସର ଅସମାପ୍ତ ସ୍କୋର ୮୦/୧ରୁ ଖେଳ ଆରମ୍ଭ କରିଥିବା ହିମାଚଳ ପ୍ରଦେଶ ଆଉ ୯୬ ରନ ଯୋଗକରି ଅବଶିଷ୍ଟ ୯ଟି ଉଇକେଟ ହରାଇଥିଲା। ଓଡ଼ିଶା ବୋଲରମାନେ ହିମାଚଳର କୌଣସି ବ୍ୟାଟରଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଅଧିନାୟକ ଅଙ୍କିତ କାଲସି ସର୍ବାଧିକ ୩୮, ଅମିତ କୁମାର ୩୧ ଓ ରିଶି ଧାୱନ ୩୦ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଓ ସୁନୀଲ ରାଉଳ ୨ଟି ଲେଖାଏ ଉଇକେଟ ନେଇଥିଲେ।
ଦ୍ୱିତୀୟ ଇନିଂସରେ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଅଧିନାୟକ ଶାନ୍ତନୁ ମିଶ୍ର ୧୭ ଓ ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି ୮ ରନକରି ଆଉଟ ହେବାରୁ ୫୪ ରନରେ ୨ ଉଇକେଟ ହରାଇଥିଲା। ଗୋବିନ୍ଦ ପୋଦ୍ଦାର ୪୧ ରନ କରିଥିବାବେଳେ ବୈଭବ ଆରୋରାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ତେବେ ସନ୍ଦିପ ୭୮ ଓ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୯ ରନରେ ଅପରାଜିତ ରହି ଦଳପାଇଁ ବଡ଼ ଅଗ୍ରଣୀର ସମ୍ଭାବନା ସୃଷ୍ଟି କରିଛନ୍ତି।



ସନ୍ଦିପ ପଟ୍ଟନାୟକ

**ସଂକ୍ଷିପ୍ତ ସ୍କୋର**
ଓଡ଼ିଶା ପ୍ରଥମ ଇନିଂସ: ୧୩୮। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ: ୧୭୬/ଅଲ୍‌ଆଉଟ (ଅଙ୍କିତ କାଲସି-୩୮, ଅମିତ କୁମାର-୩୧, ରିଶି ଧାୱନ-୩୦, ରାଜେଶ ମହାନ୍ତି-୩/୫୬, ବିପ୍ଳବ ସାମନ୍ତରାୟ-୩/୩୦, ଦେବବ୍ରତ ପ୍ରଧାନ-୨/୨୮, ସୁନୀଲ ରାଉଳ-୨/୪୪)। ଓଡ଼ିଶା ଦ୍ୱିତୀୟ ଇନିଂସ: ସନ୍ଦିପ ପଟ୍ଟନାୟକ-୭୮*, ଗୋବିନ୍ଦ ପୋଦ୍ଦାର-୪୧, ରିଶି ଧାୱନ-୧/୨୪, ବୈଭବ ଆରୋରା-୧/୪୨, ଅର୍ପିତ ଗୁଲେରିଆ-୧/୩୨)।

# ଆଜିଠୁ ସୋଆ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୩ ଦେଶରୁ ୮୦୦ ଖେଳାଳି ଭାଗନେଉଛନ୍ତି। ଏମାନଙ୍କ ମଧ୍ୟରେ ୧୦ ଗ୍ରାଣ୍ଡମାଷ୍ଟର, ୨୪ ଅନ୍ତର୍ଜାତୀୟ ମାଷ୍ଟରଙ୍କ ସମେତ ୬୦ ଟାଇଟଲଧାରୀ ସାମିଲ। ୩ଟି ବିଭାଗରେ ଖେଳଯିବାକୁ ଏହି ପ୍ରତିଯୋଗିତା ଲାଗି ମୋଟ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଦିପ୍ତାୟନ ଘୋଷ ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାର ୩ ଆଇଏମ୍ ରାକେଶ ଜେନା, ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ପଣ୍ଡାଙ୍କ ସହ ଡବ୍ଲ୍ୟୁଆଇଏମ୍ ସାଇନା ସାଲୋନିକା ମୁଖ୍ୟ ପ୍ରତିଯୋଗିତା 'ଏ' କାଟେଗୋରିରେ ଅଂଶଗ୍ରହଣ କରିବେ।

## ଆଜି ସୁପର୍ କପ୍ ଫାଇନାଲ

# କ୍ରମାଗତ ଟାଇଟଲ ଲକ୍ଷ୍ୟରେ ଓଏଫ୍‌ସି



ଟ୍ରଫି ସହ ଉଭୟ ଦଳର କୋଚ୍ ଓ ଖେଳାଳି ( ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର, ୨୭।୧ (ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ରବିବାର ସୁପର୍ କପ୍ ଫାଇନାଲ ଖେଳାଯିବ। ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ଇଷ୍ଟବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିବା ବେଳେ ଘରୋଇ ଦଳ କ୍ରମାଗତ ଟାଇଟଲ୍ ଲକ୍ଷ୍ୟରେ ରହିଛି। ଫାଇନାଲ ମ୍ୟାଚ ଆଗରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ କାର୍ଲୋସ୍ ଡେଲଗାଡୋ ଏବଂ ଇଷ୍ଟବେଙ୍ଗଲ ପକ୍ଷରୁ କାର୍ଲୋସ କ୍ୱାଡାର୍ଟ ଓ କ୍ଲେଟନ୍ ସିଲ୍‌ଭା ଯୋଗ ଦେଇଥିଲେ। କ୍ରମାଗତ ୧୫ ମ୍ୟାଚ୍‌ରେ ଅପରାଜେୟ ଥିବା ଓଏଫ୍‌ସି ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟ ସହ କ୍ରମାଗତ ଥର ଟାଇଟଲ ଜିତିବାକୁ ପ୍ରୟାସ କରିବ ବୋଲି ମୁଖ୍ୟ କୋଚ୍ ଲୋବେରା କହିଛନ୍ତି। ଅତୀତରେ ଅନେକ ଶକ୍ତିଶାଳୀ ଦଳକୁ ପରାସ୍ତ କରିଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିଥିବାରୁ ଏହା ଆମ ସପକ୍ଷରେ ରହିବ ବୋଲି କହିଛନ୍ତି ଲୋବେରା। ଅନ୍ୟ ପକ୍ଷରେ ପୂର୍ବତନ ଓଏଫ୍‌ସି ମିଡଫିଲ୍ଡର ସଲ୍ କ୍ରେସ୍ପୋ ଓ ବ୍ରାଜିଲିଆନ୍ କ୍ଲେଟନ୍ ସିଲ୍‌ଭାଙ୍କ ଉପରେ ଇଷ୍ଟ ବେଙ୍ଗଲର ପ୍ରଦର୍ଶନ ନିର୍ଭର କରିବ।



ଯଜ୍ଞ ମଣ୍ଡପ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।



ସୁସଜ୍ଜିତ ମା' ସମଲେଶ୍ୱର ମନ୍ଦିର।



ମନ୍ଦିର ପରିସରରେ ଥିବା ପୁଷ୍କରିଣୀର ସୌନ୍ଦର୍ଯ୍ୟକୁ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ସମଲେଇ ମନ୍ଦିର ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।



ମହାନଦୀ ଆଳତି ସମୟରେ ଆତସବାଜିକୁ ଉପଭୋଗ କରୁଛନ୍ତି ଶ୍ରଦ୍ଧାଳୁ।



ସନ୍ଧ୍ୟା ଆଳତି ସମୟରେ ଉପସ୍ଥିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ, ବିଧାୟକ ଏବଂ ଏମ୍‌ପି।



ପାରମ୍ପରିକ ବାଦ୍ୟ ପରିବେଷଣ।



ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଯଜ୍ଞରେ କର୍ତ୍ତା ସାଜିଛନ୍ତି ମନ୍ଦିର ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ତାଙ୍କ ପତ୍ନୀ।



ଯଜ୍ଞ କାର୍ଯ୍ୟରେ ଯୋଗ ଦେଇଥିବା ମନ୍ଦିର ପୂଜକ।



ଯଜ୍ଞ ମଣ୍ଡପରେ ବେଦ ମନ୍ତ୍ର ପାଠ।

# ମହିଳାଙ୍କ ହାତରେ କାଫେଟେରିଆ



ରୂପାନ୍ତରିତ ସମଲେଶ୍ୱରୀଙ୍କ ପୀଠକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ପରିସରରେ ଶବିବାର ଏକ କାଫେଟେରିଆର ଶୁଭାରମ୍ଭ ହୋଇଛି। ମହିଳା ସଶକ୍ତୀକରଣ ଲକ୍ଷ୍ୟରେ ଏଠାରେ ମିଶନ ଶକ୍ତ କାଫେ ନାମରେ ଶୁଭାରମ୍ଭ ହୋଇଥିବା କାଫେଟେରିଆ ଦାୟିତ୍ୱରେ ରହିଛନ୍ତି ବୁର୍ଲାର ସାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମ୍ବଲପୁର ବଡ଼ବଜାର କେଉଁଟପଡ଼ାର ଘୋଡ଼ାଦାର ବାବା ସ୍ୱୟଂ ସହାୟକ ଗୋଷ୍ଠୀ। ଏଠାରେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଚା' ଓ କଫି ସହିତ ସରସତିଆ, ଆରିସା, ଚାଉଳ ପୋଡ଼ପିଠା, ଗଜା, ମଣ୍ଡା, କାନମୁଡ଼ା, ରସବରା, ମାଣ୍ଡିଆପିଠା ଇତ୍ୟାଦି ପାରମ୍ପରିକ ଓ ସ୍ୱାଦିଷ୍ଟ ସମ୍ବଲପୁରୀ ବ୍ୟଞ୍ଜନ ବିକ୍ରୟ ହୋଇଥିଲା, ଯାହା ଏଠାରେ ପର୍ଯ୍ୟଟକ ଓ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି କାଫେକୁ ଉଭୟ ଏସ୍ଏଚ୍‌ଜିର ୨୨ଜଣ ମହିଳା ପରିଚାଳନା କରୁଥିବାବେଳେ ନିଜ ହାତରେ ସମସ୍ତ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି। ସେହପିର ଏହାର ମାନରେ କୌଣସି ପ୍ରକାର ସାଲିସ କରାଯାଉ ନ ଥିବା ସାଇ ଏସ୍ଏଚ୍‌ଜିର ମୁଖ୍ୟ ଜାହ୍ନବୀ ପଶାୟତ କହିଛନ୍ତି। ତେବେ ବୁର୍ଲାର ପ୍ଲାନେଟୋରିଅମ୍‌ରେ ଉକ୍ତ ଏସ୍ଏଚ୍‌ଜି ଅନ୍ୟଏକ କାଫେର ଦାୟିତ୍ୱ ନେଇ ଏହାକୁ ସଫଳତାର ସହ ନିର୍ବାହ କରୁଛନ୍ତି ବୋଲି ସେ କହିଥିଲେ।



# ପ୍ରଶଂସା କଲେ ଗୋପାଳଜୀ ମଠ ମହନ୍ତ ହୃଷୀକେଶ ଦାସ



ସମଲେଇ ପ୍ରକଳ୍ପ ପରିସରରେ ରହିଥିବା ସମ୍ବଲପୁରର ସର୍ବପୁରାତନ ଏବଂ ପ୍ରମୁଖ ପୀଠ ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାସଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମହନ୍ତ ହୃଷୀକେଶ ସମଲେଇ ପ୍ରକଳ୍ପ ସମ୍ପର୍କରେ ନିଜର ଖୁସି ପ୍ରକଟ କରିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଇ ପ୍ରକଳ୍ପରେ ଗୋପାଳଜୀ ମଠକୁ ସାମିଲ କରାଯାଇଥିବା ସତ୍ତ୍ୱେ ମଠର ଗୌରବକୁ ଅକ୍ଷୁଣ୍ଣ ରଖାଯାଇଛି। ମହନ୍ତଙ୍କ ପରାମର୍ଶ ଅନୁସାରେ ମଠ ପରିସରରେ ଗୋଶାଳା, ସାଧୁମାନଙ୍କ ପାଇଁ ଅତିଥି ଭବନ ଆଦି ବ୍ୟବସ୍ଥା କରାଯାଇଥିବା ଯୋଗୁଁ ସେ ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମଠର ଚାରିପଟେ ଏବେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରାଯାଇପାରିଛି। ସମଲେଇଙ୍କ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ପାଇଁ ପ୍ରକଳ୍ପରେ ସୁନ୍ଦର ବ୍ୟବସ୍ଥା କରାଯାଇଥିବା ମହନ୍ତ ପ୍ରକାଶ କରିଛନ୍ତି।

# ଉଦ୍‌ଘାଟନ ପରେ ବଢ଼ିବ ଭକ୍ତଙ୍କ ସଂଖ୍ୟା

ସାରା ପଶ୍ଚିମ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଲୋକଙ୍କ ଆସ୍ଥା ସମଲେଇ ମାଁଙ୍କ ଉପରେ ରହିଛି। ସେଥିପାଇଁ ପ୍ରତିଦିନ ଶତାଧିକ ଲୋକ ସମ୍ବଲପୁର ସମଲେଇ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି। ମଙ୍ଗଳବାର ମା'ଙ୍କ ବିଶେଷ ପୂଜା ଦିନରେ ସମଲେଇ ପୀଠକୁ ଦୈନିକ ୫ ହଜାର ଭକ୍ତ ଆସିଥାନ୍ତି। ତେବେ ମନ୍ଦିର ରୂପାନ୍ତରଣ ପରେ ଦୈନିକ ୨୦ ହଜାର ଭକ୍ତ ଆସିବାର ସମ୍ଭାବନା ରହିଥିବା ଟ୍ରଷ୍ଟ ବୋର୍ଡ ଆଶାରଖିଛି। ଏହା ସହିତ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ଏକ ଲକ୍ଷ ଭକ୍ତ ଆସିବାର ସମ୍ଭାବନା ରହିଥିବାରୁ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅର୍ଥନୀତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଏହାସହିତ ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାରମାନେ ମଧ୍ୟ ଅଧିକ ରୋଜଗାର ପାଇବାର ସମ୍ଭାବନା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



# ମହାନଦୀ ଆଳତିରେ ୫-ଟି ଅଧ୍ୟକ୍ଷ

ମା' ସମଲେଶ୍ୱରୀଙ୍କ ପୀଠ ରୂପାନ୍ତରଣର ଭବ୍ୟ ଲୋକାର୍ପଣ ସହିତ ସମ୍ବଲପୁର ସମଲେଇ ଘାଟରେ ଶୁଭାରମ୍ଭ ହୋଇଛି ମହାନଦୀ ଆଳତି। ଫଳରେ ଶକ୍ତି ଉପାସନା ସହ ପ୍ରକୃତି ପୂଜାର ପାରମ୍ପରିକ ବିଧି ଉଜ୍ଜୀବିତ ହୋଇଛି। ସନ୍ଧ୍ୟା ସାଢ଼େ ୬ଟାରେ ଚନ୍ଦ୍ରହାସିନୀ ଓ ବ୍ରହ୍ମ ପଣ୍ଡିତ ମହାସଭାର ୭ ଜଣ ଲେଖାଏ ପଣ୍ଡିତ ମିଶି ମହାନଦୀ ଆଳତି ସମ୍ପାଦନ କରିଥିଲେ। ହୁଳହୁଳି, ଘଣ୍ଟ, ଶଙ୍ଖ ବାଦ୍ୟ ସହିତ ଢୋଲ, ନିସାନ, ତାସା ଆଦି ପଶ୍ଚିମ ଓଡ଼ିଶାର ସମସ୍ତ ପାରମ୍ପରିକ ବାଦ୍ୟରେ ତାଳେ ତାଳେ ଅଧଘଣ୍ଟା ଧରି ଚାଲିଥିଲା ଆଳତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ଟିଟିଲାଗଡ଼ ବିଧାୟିକା ତଥା ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା ବର୍ଷା ବରିହା ପ୍ରମୁଖ ଆଳତିରେ ସାମିଲ ହୋଇ ମା' ମହାନଦୀକୁ ତାଙ୍କ ଭକ୍ତି ଓ ଶ୍ରଦ୍ଧା ଅର୍ପଣ କରିଥିଲେ। ଏହି ସମୟରେ ଏଠାରେ ଏକ ଭବ୍ୟ ରଙ୍ଗିନ ଆତସବାଜିରେ ମହାନଦୀର ଜଳ ଓ ଆକାଶ ରଙ୍ଗିନ ହୋଇ ଉଠିଥିବାବେଳେ ପ୍ରକମ୍ପିତ ହୋଇଥିଲା ମହାନଦୀ ଘାଟ ଓ ଆଖପାଖ ଅଞ୍ଚଳ। ମହାନଦୀ ଘାଟର ରିଭର ଭ୍ୟୁରେ ନିର୍ମିତ ମଞ୍ଚରେ ଆଳତି ସମୟରେ ଭକ୍ତଙ୍କୁ ଖରା ବର୍ଷା ଆଦିରୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ତିନୋଟି ଜୋନରେ ୩ଟି ଟେନ୍‌ସାଇଲ୍ ଶେଡ୍ ନିର୍ମାଣ କରାଯାଇଛି। ଉକ୍ତ ଟେନ୍‌ସାଇଲ୍ ଶେଡ୍ ତଳେ ରହି ପଣ୍ଡିତଙ୍କ ସହ ସହସ୍ରାଧିକ ସଂଖ୍ୟାରେ ଭକ୍ତ ଆଳତିକୁ ଉପଭୋଗ କରିଥିଲେ।



# ପିତାପାଲି ଛକରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ପ୍ରକଳ୍ପକୁ ଶୁଭ ଉଦ୍‌ଘାଟନ କରିବା ପାଇଁ ସମ୍ବଲପୁର ଜାମ୍‌ଦାରପାଲି ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ପରେ ସମଲେଇ ମନ୍ଦିରକୁ ଯିବା ବାଟରେ ଗୌଡ଼ପାଲି ପିତାପାଲି ଛକରେ ରେଙ୍ଗାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଚିତ୍ତରଞ୍ଜନ ବାଗଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେହି ସମୟରେ ବହୁ ସଂଖ୍ୟାରେ ମହିଳା ସଙ୍ଗଠନର ସଦସ୍ୟା ସମେତ ମାନଭଞ୍ଜନ ପଶାୟତ, ବିଜୟ ସାହୁ, ପ୍ରସନ୍ନ ଭୋଇ ଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ମା' ସମଲେଇଙ୍କୁ ଦର୍ଶନ ସାରି ପ୍ରକଳ୍ପ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ-ରିକ୍ସାରେ ବସି ସମସ୍ତ ନବ ନିର୍ମିତ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ମନ୍ଦିର ପରିସରରେ ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ଏହି ସମୟରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ରହିଥିଲେ। ମନ୍ଦିର ବାହାରେ ଭକ୍ତମାନଙ୍କ ପାଇଁ ୧ କିଲୋମିଟର ଅଞ୍ଚଳରେ ପରିକ୍ରମା କରିଡର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ଖଣ୍ଡୋଲାଇଟ ପଥରରେ ନିର୍ମିତ ହୋଇଛି।

ଚନ୍ଦ୍ରହାସିନୀ ଓ ବହ୍ମ ପଣ୍ଡିତଙ୍କ ଦ୍ୱାରା ମହାନଦୀ ଆଳତି



# ସାତ ପଦ୍ମଶ୍ରୀଙ୍କୁ ସମ୍ବର୍ଦ୍ଧନା

ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପଦ୍ମ ପୁରସ୍କାର ପାଇଥିବା ସାତ ଜଣ ମହାନ୍ ବିଭୂତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ପଦ୍ମଶ୍ରୀ ଡ.କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଓ ପଦ୍ମଶ୍ରୀ କୈଳାସ ଚନ୍ଦ୍ର ମେହେର ତଥା ଚଳିତ ବର୍ଷ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବିନୋଦ ପଶାୟତ। ଉଦ୍‌ଘାଟନ ଉତ୍ସବରେ ଏହି ବ୍ୟକ୍ତିତ୍ୱମାନଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା।



# ସମ୍ବର୍ଦ୍ଧିତ ହେଲେ ଶିଳ୍ପୀ, କାରିଗର ଓ ଶ୍ରମିକ

ସମଲେଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସହସ୍ରାଧିକ ଶିଳ୍ପୀ, କାରିଗର ଓ ଶ୍ରମିକମାନଙ୍କ ଅବଦାନ ରହିଛି। ସେମାନଙ୍କ ଦିନରାତିର ପରିଶ୍ରମ ଯୋଗୁଁଭବ୍ୟସମଲେଇପ୍ରକଳ୍ପବାସ୍ତବରେରୂପାନ୍ତରିତହୋଇପାରିଛି। ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚରେ କାରିଗର ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭ ଚରଣ ବେହେରା ଏବଂ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୧ କି.ମି.ର ମନ୍ଦିର ପରିକ୍ରମା କରିଡର

ସମଲେଶ୍ୱରୀ ମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ପରିକ୍ରମା ପାଇଁ ଏଠାରେ ନିର୍ମାଣ ହୋଇଛି ୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପରିକ୍ରମା କରିଡର। ଏହାଦ୍ୱାରା ମନ୍ଦିରକୁ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ମନ୍ଦିର ଚତୁର୍ଦ୍ଦିଗ ପରିକ୍ରମା କରିବା ସହ ମନ୍ଦିର ଚତୁର୍ଦ୍ଦିଗ ବୁଲି ଦେଖିବାର ସୁଯୋଗ ପାଇବେ। ଏହି କରିଡର ରାଜ୍ୟରେ ଥିବା ସମସ୍ତ ପୁରାତନ ମନ୍ଦିର ଗୁଡ଼ିକର ନିର୍ମାଣରେ ବ୍ୟବହୃତ ଖଣ୍ଡୋଲାଇଟ୍ ଶିଳାରେ ନିର୍ମାଣ ହୋଇଛି।

# ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ......

## ସମ୍ବଲପୁର ପାଇଁ ଗର୍ବର ବିଷୟ



"ମା' ସମଲେଇଙ୍କ ଦର୍ଶନ କରିବାକୁ ମୁଁ ଛୋଟ ସମୟରୁ ଅନେକଥର ମନ୍ଦିରକୁ ଆସିଛି। ତେବେ ସମଲେଇ ପ୍ରକଳ୍ପ ନିର୍ମାଣ ପରେ ପ୍ରଥମ ଥର ମା'ଙ୍କ ଦର୍ଶନ କରିବାକୁ ପହଞ୍ଚିଛି। ବହୁତ କିଛି ପରିବର୍ତ୍ତନ ହୋଇଛି। କହିବାକୁ ଗଲେ ଗୋଟିଏ ଅଲଗା ଜାଗାକୁ ଆସିବା ପରି ମନେ ହେଉଛି। ମା'ଙ୍କ ଦର୍ଶନ ସାରିବା ପରେ ଜଣେ ଭକ୍ତ ଚାରିଆଡେ ମା'ଙ୍କ ଭବ୍ୟତାକୁ ବୁଲି ଦେଖିପାରିବ। ପୁରୀ ପରେ ରାଜ୍ୟର ଦ୍ୱିତୀୟ ବଡ଼ ରୂପାନ୍ତରଣ ପ୍ରକଳ୍ପ ହୋଇଥିବାରୁ ସମ୍ବଲପୁର ପାଇଁ ଗର୍ବର ବିଷୟ।

- ପିଙ୍କି ଗର୍ଡିଆ

## ମା'ଙ୍କ ଦର୍ଶନ ସହ ପ୍ରକୃତିକୁ ଉପଭୋଗ



"ଆଗରୁ ଆମେ ସପରିବାର ସମଲେଇ ମନ୍ଦିରକୁ ଅନେକ ଥର ଆସିଛୁ । ତେବେ ମନ୍ଦିର ରୂପାନ୍ତରଣ ପରେ ମା'ଙ୍କ ଦର୍ଶନ ପାଇଁ ଆସିବାପରେ ଭିନ୍ନ ଅନୁଭୂତି ମନକୁ ଆସୁଛି। ପୂର୍ବରୁ ମନ୍ଦିର ଚାରପଟେ ସଙ୍କୁଚିତ ହୋଇ ରହିଥିଲା। ଏବେ ପ୍ରଶସ୍ତ ଅଞ୍ଚଳ ରହିଛି। ମନ୍ଦିର ପରିସରରେ ଭକ୍ତ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ଛୋଟ ଛୁଆଙ୍କଠାରୁ ବଡ଼ ଲୋକଙ୍କ ପାଇଁ ମନ୍ଦିର ପରିସରରେ ବିଭିନ୍ନ ବ୍ୟବସ୍ଥା କରାଯିବା ଦ୍ୱାରା ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ କିଛି ସମୟ ମନ୍ଦିର ପରିସରରେ ରହି ପ୍ରକୃତିକୁ ମଧ ଉପଭୋଗ କରିପାରିବେ।

- ଦୀପାଞ୍ଜଳି ମେହେର

## ଧାଡ଼ି ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



"ସମଲେଇ ମନ୍ଦିର ରୂପାନ୍ତରଣ ପରେ ପ୍ରଥମ ଥରପାଇଁ ମନ୍ଦିରକୁ ଆସି ଏହାର ଭବ୍ୟତାକୁ ସ୍ୱଚକ୍ଷୁରେ ଦେଖି ବିସ୍ମିତ ହେଲି। ମନ୍ଦିର ପରିସରର ସମ୍ପୂର୍ଣ୍ଣ କାୟାକଳ୍ପ ବଦଳି ଯାଇଛି। ଆଗରୁ ଭକ୍ତମାନଙ୍କୁ ଖରାରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହୋଇ ଦର୍ଶନ ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ଏବେ ଭକ୍ତମାନଙ୍କ ଧାଡ଼ି ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହା ସହ ମନ୍ଦିର ପରିସରରେ ଭକ୍ତମାନଙ୍କ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିବାରୁ ଦେଖି ଖୁସି ଲାଗୁଛି।

- ମଞ୍ଜଲି ଖଡିଆ

## ମହାନଦୀ ଆଳତି ଅନ୍ୟତମ ଆକର୍ଷଣ



"ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଦେଖିବା ପାଇଁ ସ୍ୱାମୀଙ୍କ ସହ ବ୍ରହ୍ମପୁରରୁ ବାହାରି ସକାଳେ ସମ୍ବଲପୁର ପହଞ୍ଚିଛୁ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଉଦ୍‌ଘାଟନ କରିବା ପରେ ଆମେ ମା'ଙ୍କ ଦର୍ଶନ କଲୁ। ସମଲେଇ ପ୍ରକଳ୍ପ ଭିତରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟପେୟ ଠାରୁ ଆରମ୍ଭ କରି ସମଲେଇଙ୍କ ମହିମା ବିଷୟରେ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମହାନଦୀ ଆଳତି ମଧ ଆଉ ଏକ ଆକର୍ଷଣ। ନିଶ୍ଚିତ ଭାବେ ବିଭିନ୍ନ ଅଞ୍ଚଳରୁ ମା' ସମଲେଇଙ୍କ ଦର୍ଶନ କରିବାକୁ ଲୋକ ଆସିବେ ଏବଂ ଆଖପାଖର ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ମଧ ଦେଖିବାର ସୁଯୋଗ ପାଇପାରିବେ।

- ଟୁନି ସାହୁ, ବ୍ରହ୍ମପୁର

## ପାର୍କିଂ ସୁବିଧା ଟ୍ରାଫିକ୍ ସମସ୍ୟା ଦୂର କରିବ



"ସମଲେଇ ମନ୍ଦିରର ବର୍ତ୍ତମାନ ସ୍ୱରୂପ ଦେଖିବା ପରେ ଆଶ୍ଚର୍ଯ୍ୟ ଲାଗୁଛି। ରୂପାନ୍ତରଣ ପରେ ମନ୍ଦିର ପରିସରରେ ବ୍ୟାପକ ଉନ୍ନତି ହୋଇଛି। କିଛି ବର୍ଷ ପୂର୍ବରୁ ଏହାର ପରିକଳ୍ପନା ମଧ କରିବା ସହଜ ନ ଥିଲା। ସମଲେଇ ପ୍ରକଳ୍ପରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ବିଶେଷକରି ପୂର୍ବରୁ ରିଂରୋଡରେ ପର୍ଯ୍ୟଟକଙ୍କ ବସ୍‌ଗୁଡ଼ିକ ରହିବା ଯୋଗୁ ଟ୍ରାଫିକ୍ ସମସ୍ୟା ଗୁରୁତର ରୂପ ଧାରଣ କରୁଥିଲା। ଏବେ ୫୦ରୁ ଊର୍ଦ୍ଧ୍ୱ ବସ୍ ଏବଂ ୫୦୦ ଚାରିଚକିଆ ଯାନ ରହିବା ପାଇଁ ପାର୍କିଂର ବ୍ୟବସ୍ଥା କରାଯାଇଛି। ଏହାସହ ମହାନଦୀ ଆଳତି ନିୟମିତ କରାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

- ଡ. ଶ୍ୟାମସୁନ୍ଦର ଧର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୨୮/୨୦୨୪ Bhubaneswar, Sunday, January 28/ 2024




# ଫେବୃଆରୀରେ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଓଡ଼ିଶାରେ ଫୁଟବଲ ସଂସ୍କୃତି ବୃଦ୍ଧି ଲକ୍ଷ୍ୟରେ ଜଗରନଟ୍ସ ସ୍ପୋର୍ଟିଂ ଫାଉଣ୍ଡେଶନ (ଜେଏସ୍ଏଫ୍) ପକ୍ଷରୁ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଚାମ୍ପିୟନଶିପ୍‌ର ପରିକଳ୍ପନା କରାଯାଇଛି। ଆସନ୍ତା ଫେବୃଆରୀରେ ଏଠାରେ ହେବାକୁ ଥିବା ପ୍ରତିଯୋଗିତାରେ ୬୪ଟି ଦଳରେ ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଥମଥରପାଇଁ ହେବାକୁଥିବା ଏହି ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ ହୋଇଛି। ଏହି ଅବସରରେ ଓପୁଲେଣ୍ଟ ଡେକରର ପରିଚାଳନା ନିର୍ଦ୍ଦେଶକ ଗୌରବ ଚାୱ୍ଲା, ଓଡ଼ିଶା ଫୁଟବଲ କ୍ଲବ (ଓଏଫ୍‌ସି)ର ସଭାପତି ରାଜ ଅଥୱାଲ ଓ ଜେଏସ୍ଏଫ୍ ନିର୍ଦ୍ଦେଶକ ପ୍ରଜ୍ୱଲ ପ୍ରଜ୍ଞା ଦାସ ଉପସ୍ଥିତ ଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ